NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY
14 APRIL 2026
ମଙ୍ଗଳବାର
୧୪ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 326 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୩୨୬ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

ଆଇଏମ୍‌ଡିର ପୂର୍ବାନୁମାନ

## କମ୍ ବର୍ଷିବ ମୌସୁମୀ

**ନୂଆଦିଲ୍ଲୀ,୧୩।୪/ଏଜେନ୍ସି:**

୨୦୨୬ ବର୍ଷରେ ମୌସୁମୀ ସ୍ୱାଭାବିକ ଠାରୁ କମ୍ ବର୍ଷିବ। ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର ପ୍ରଭାବ ଦେଶରେ କେମିତି ରହିବ, ତା'ର ଆକଳନ କରି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପକ୍ଷରୁ ଏହା କୁହାଯାଇଛି। ବିଶେଷ କରି 'ଏଲ୍ ନିନୋ'ର ପ୍ରଭାବ ଯୋଗୁଁ ଚଳିତ ମୌସୁମୀ ଋତୁରେ ବର୍ଷାର ପରିମାଣ ହ୍ରାସ ପାଇବା ଆଶଙ୍କା ଦେଖାଦେଇଛି। ଯାହା ଚାଷୀକୂଳ ପାଇଁ ଚିନ୍ତା ବଢ଼ାଇଛି। ଆଇଏମ୍‌ଡିର ରିପୋର୍ଟ ଅନୁସାରେ, ଜୁନ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ଦେଶରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହୋଇପାରେ। ସ୍ୱାଭାବିକ ଭାବେ ୯୬%ରୁ ୧୦୪% ବର୍ଷା ହେବା କଥା, କିନ୍ତୁ ଚଳିତ ବର୍ଷ ଏହା ୯୨% ରହିବା ନେଇ ପୂର୍ବାନୁମାନ କରାଯାଇଛି। ବର୍ତ୍ତମାନର ପରିସ୍ଥିତି 'ଲା ନିନା'ରୁ' ଏଲ୍ ନିନୋ' ଆଡ଼କୁ ଗତି କରୁଛି। ଏହି କାରଣରୁ ମୌସୁମୀ ଦୁର୍ବଳ ହେବାର ୩୧% ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉତ୍ତର-ପୂର୍ବ ଓ ଦକ୍ଷିଣ ଭାରତର କିଛି ଅଂଶକୁ ଛାଡ଼ିଲେ, ଦେଶର ▶▶ ୬

## ଦୁର୍ଘଟଣାରେ ଗଲା ୧୧ ଜୀବନ

**ନୂଆଦିଲ୍ଲୀ,୧୩।୪/ଏନ୍‌ଏନ୍‌ଏସ୍:**

ମହାରାଷ୍ଟ୍ରର ଥାଣେରେ ଥିବା ଗୋଟିଏ ବ୍ରିଜ ଉପରେ ଯାତ୍ରୀବାହୀ ଭ୍ୟାନ ଓ ଏକ ସିମେଣ୍ଟ ମିକ୍ସର ମଧ୍ୟରେ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ହିଁ ୧୧ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଆଉ ୨ ଜଣ ଆହତ ହୋଇଛନ୍ତି। ସୋମବାର ସକାଳେ କଲ୍ୟାଣ-ଅହଲ୍ୟାନଗର ରାଜପଥରେ ଏହି ଦୁର୍ଘଟଣା ଘଟିଛି।

ମିଳିଥିବା ସୂଚନା ଅନୁସାରେ ମୁରବାଦ ଠାରେ ଥିବା ରୈତା ବ୍ରିଜରେ ଆଜି ଦିନ ୧୧.୪୫ରେ ଏହି ଘଟଣା ଘଟିଛି। ଭ୍ୟାନଟି କଲ୍ୟାଣରୁ ମୁରବାଦ ଆଡ଼କୁ ଯାଉଥିଲା। ଏହି ସମୟରେ ସାମ୍ନା ପଟୁ ଆସୁଥିବା ସିମେଣ୍ଟ ମିକ୍ସର ସହ ଏହାର ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଦୁଇଟି ଯାକ ଗାଡ଼ି ପୂରା ଛିନ୍ନଛତ୍ର ହୋଇ ଯାଇଛି। ସିମେଣ୍ଟ ମିକ୍ସର ତୁଳନାରେ ଭ୍ୟାନଟି ଅଧିକ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣା ସ୍ଥଳରେ ୧୧ ଜଣଙ୍କ ଜୀବନ ଚାଲି ଯାଇଛି। ମୃତକଙ୍କ ମଧ୍ୟରେ ୮ ଜଣ ପୁରୁଷ ଓ ୩ ଜଣ ମହିଳା ରହିଛନ୍ତି। ଦୁଇ ଆହତଙ୍କୁ ଉଲାଶନଗର ▶▶ ୬

## ଏସ୍‌ଆଇ ସ୍କାମ୍, ସିବିଆଇ ରେଡ୍

**ଭୁବନେଶ୍ୱର,୧୩।୪/ଏନ୍‌ଏନ୍‌ଏସ୍:**

ବହୁ ଚର୍ଚ୍ଚିତ ପୁଲିସ ଏସ୍‌ଆଇ ପରୀକ୍ଷା ସ୍କାମ୍ ମାମଲାରେ ସିବିଆଇ ପକ୍ଷରୁ ଭୁବନେଶ୍ୱରେ ଥିବା 'ଦ ଟେକ୍ନୋ ସ୍କୁଲ୍' କ୍ୟାମ୍ପସରେ ସୋମବାର ରେଡ୍ କରାଯାଇଛି। ପରୀକ୍ଷା କେନ୍ଦ୍ର ଫିକ୍ସିଂ ନେଇ ତଥ୍ୟ ପ୍ରମାଣ ପରେ ସିବିଆଇ ପକ୍ଷରୁ ଏହି ରେଡ୍ କରାଯାଇଛି। ଏସ୍‌ଆଇ ପରୀକ୍ଷା ପାଇଁ ଟେକ୍ନୋ ସ୍କୁଲ୍ କ୍ୟାମ୍ପସ୍ ପରୀକ୍ଷା କେନ୍ଦ୍ର ଫିକ୍ସିଂ ହୋଇଥିଲା ବୋଲି ଅଭିଯୋଗ ହୋଇଛି। ଏହି କେନ୍ଦ୍ରରେ ନିର୍ଦ୍ଦିଷ୍ଟ ପରୀକ୍ଷାର୍ଥୀଙ୍କ ପାଇଁ ସିଟିଂ ଆରେଞ୍ଜମେଣ୍ଟ ହୋଇଥିଲା।ସିବିଆଇର ୨୦ ଜଣିଆ ଟିମ୍ ରେଡ୍ କରିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜବତ କରିଛି। ରେଡ୍ ବେଳେ ଜଣାପଡ଼ିଛି ଯେ ବାଲିଗୁଡାରେ ଶିକ୍ଷକତା କରୁଥିବା ଗୋବିନ୍ଦ ତ୍ରିପାଠୀ ଏହି ପରୀକ୍ଷା ସେଣ୍ଟରକୁ ଚଳାଉଥିଲେ। ଅଭିଯୋଗ ହୋଇଛି ଯେ,ଗୋବିନ୍ଦ ପଞ୍ଚସଫ୍ଟର ମାଲିକ ଶଙ୍କର ପୃଷ୍ଟି ସହ ମିଶି ଏକାଧିକ ସରକାରୀ ଚାକିରି ପାଇଁ ଫିକ୍ସିଂ କରିବା ସହ କୋଟି କୋଟି ଟଙ୍କା ରୋଜଗାର କରୁଥିଲେ। ପରୀକ୍ଷା ସ୍କାମ୍ ସାମ୍ନାକୁ ଆସିବା ଦିନଠାରୁ ▶▶ ୬

ବଡ଼ବିଲ ବାଇପାସ୍ ରିଙ୍ଗରୋଡ୍ ପ୍ରକଳ୍ପର ଭିତ୍ତିପ୍ରସ୍ତର

# କଥା ଦେଇ କଥା ରଖିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୩।୪/ଏନ୍‌ଏନ୍‌ଏସ୍:**

କଥା ଦେଇ କଥା ରଖିଲେ ମୁଖ୍ୟମନ୍ତ୍ରୀ। ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ଼ବିଲର ଠାରେ ବଡ଼ବିଲ ବାଇପାସ୍ ରିଙ୍ଗରୋଡ଼ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନା କରି ବଡ଼ବିଲ ଅଞ୍ଚଳବାସୀଙ୍କ ବହୁ ପ୍ରତିକ୍ଷିତ ସ୍ୱପ୍ନ ପୂରଣ କରିଛନ୍ତି। ଗତବର୍ଷ ଘଟଗାଁ ଠାରେ ମୁଖ୍ୟମନ୍ତ୍ରୀ ଏହି ପ୍ରତିଶ୍ରୁତି ବଡ଼ବିଲବାସୀଙ୍କୁ ଦେଇଥିଲେ ଏବଂ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେନ୍ଦୁଝର ଜିଲ୍ଲା ପାଇଁ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଗୁଡିକର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଶୁଭ ଉଦଘାଟନ କରିଛନ୍ତି। ସୂଚନାଯୋଗ୍ୟଯେ ମୁଖ୍ୟମନ୍ତ୍ରୀ ଆଜିର କାର୍ଯ୍ୟକ୍ରମରେ ୨୯ କୋଟି ୪୧ ଲକ୍ଷ ବ୍ୟୟ ବରାଦରେ ୨୪ ଟି ପ୍ରକଳ୍ପର ଲୋକାର୍ପଣ କରିବା ସହିତ ୩୨୬ କୋଟି ୪୩ ଲକ୍ଷ ଟଙ୍କା ବ୍ୟୟ ବରାଦରେ ୫୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବଡ଼ବିଲ ସହର ପାଇଁ ଏକ ବାଇପାସ୍ ତଥା ରିଂ ରୋଡର ଦୈର୍ଘ୍ୟ ହେଉଛି ୧୮ କିଲୋମିଟର ୩୨୬ ମିଟର। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ପାଇଁ ୧୫୮୧ କୋଟି ୨୧ ଲକ୍ଷ ଟଙ୍କା ବିନିଯୋଗ କରାଯିବ। ଏହି ଅବସରରେ ଯୋଡ଼ା, ବାସୁଦେବପୁର ଓ ବଡ଼ବିଲ ଅଞ୍ଚଳ ପାଇଁ ୨୯୮ କୋଟି ଟଙ୍କା ବ୍ୟୟରେ ଖୁବ ଶୀଘ୍ର ଏକ ବିଦ୍ୟୁତ ସବ୍‌ଷ୍ଟେସନ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସହ ୮ ଲେନ ବିଶିଷ୍ଟ ବଡ଼ବିଲ-ପାରାଦ୍ୱୀପ ରାସ୍ତା ନିର୍ମାଣ କାର୍ଯ୍ୟକୁ ଶୀଘ୍ର ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।



**୨୯ କୋଟି ୪୧ ଲକ୍ଷର ୨୪ଟି ପ୍ରକଳ୍ପ ଲୋକାର୍ପିତ**

**ସମସ୍ତ ପ୍ରକଳ୍ପ ସମଗ୍ର କେନ୍ଦୁଝର ଜିଲ୍ଲା ପାଇଁ ସମୃଦ୍ଧି ଆଣିବ**

**କେନ୍ଦୁଝର ମେଗା ଷ୍ଟିଲ୍‌ପ୍ଲାଣ୍ଟର ଶିଳାନ୍ୟାସ ଖୁବ୍‌ଶୀଘ୍ର: ସିଏମ୍**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ରାଜ୍ୟ ତଥା ଦେଶର ବିକାଶ ପାଇଁ, ନୂଆ ଆଶା, ନୂଆ ଉତ୍ସାହ ଓ ନୂଆ ଉଦ୍ଦିପନା ନେଇ ସମୃଦ୍ଧ ଓଡିଶା ଗଠନ ପାଇଁ ସଂକଳ୍ପବଦ୍ଧ ହୋଇଛି। ୨୦୩୬ରେ ଆମେ ସମୃଦ୍ଧ ଓଡିଶା ଗଢ଼ିବୁ। ଚଳିତ ବର୍ଷ କେନ୍ଦ୍ର ବଜେଟ୍‌ରେ ଓଡ଼ିଶା ଉପକୃତ ହେବା ଭଳି ଅନେକ ଯୋଜନା ରହିଛି। ରେଆର୍ ଆର୍ଥ କରିଡର, ଇଷ୍ଟ-ଓ୍ୱେଷ୍ଟ କରିଡର, କଇଁଛ ଟ୍ରେଲ୍, ତାଳଚେର-ଅନୁଗୋଳ ପରି ଶିଳ୍ପାଞ୍ଚଳ ସହ ପାରାଦୀପ ଓ ଧାମରାକୁ ଯୋଡିବା ପାଇଁ ଜାତୀୟ ଜଳପଥ-୫, ସିଟି ଇକୋନୋମିକ୍ ରିଜିଅନ୍ ପରି ଅନେକ ଯୋଜନା କରିଛନ୍ତି। ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ୍ ରିଜିଅନ୍ ପାଇଁ ୫ ହଜାର କୋଟି ଟଙ୍କା ବଜେଟ୍ ବ୍ୟବସ୍ଥା କରିଛନ୍ତି। ମୋଦୀ ସରକାର ଆସିବା ପରେ ଓଡ଼ିଶାକୁ ରେଳ ବଜେଟ୍ ୧୨-୧୩ ଗୁଣା ବୃଦ୍ଧି ପାଇଲାଣି। ଜାତୀୟ ରାଜପଥରେ ଓଡ଼ିଶାରେ ପ୍ରାୟ ▶▶ ୬

ଏସ୍‌ସିବି ଟ୍ରାଜେଡି

## ବିଚାର ବିଭାଗୀୟ ତଦନ୍ତ ଆରମ୍ଭ

**କଟକ,୧୩।୪/ଏନ୍‌ଏନ୍‌ଏସ୍:**



ଏସ୍‌ସିବି ମେଡିକାଲ ଟ୍ରମାକେୟାର ଆଇସିୟୁ ଅଗ୍ନିକାଣ୍ଡ ଘଟଣାର ବିଚାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି । ଜଣେ ପୂର୍ବତନ ବିଚାରପତିଙ୍କ ଦ୍ୱାରା ସୋମବାର ଠାରୁ ଏହାର ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ କମିଶନ ଅଧ୍ୟକ୍ଷ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଲକ୍ଷ୍ମୀଧର ବିଶ୍ୱାଳ ସୋମବାର ମେଡିକାଲ ପ୍ରିନ୍ସପାଲଙ୍କ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏହି ଅବସରରେ ତଦନ୍ତ କମିଶନ ଅଧ୍ୟକ୍ଷ ଏସସିବି ଅଧୀକ୍ଷକ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ପ୍ରାୟ ଏକ ଘଣ୍ଟା ଧରି ପଚରାଉଚରା କରିଥିଲେ। ଅନ୍ୟପକ୍ଷରେ କୌଣସି ବ୍ୟକ୍ତି ଅବା ସଂଗଠନ ତଦନ୍ତ କମିଶନଙ୍କ ନିକଟରେ ୧୫ ଦିନ ମଧ୍ୟରେ ସତ୍ୟପାଠ ଦାଖଲ କରିପାରିବେ ବୋଲି ସୂଚନା ମିଳିଛି। ଖୁବ ଶୀଘ୍ର ଶୁଣାଣି ପ୍ରକ୍ରିୟା ଆରମ୍ଭ ହେବ ବୋଲି ତଦନ୍ତ କମିଶନ ଅଧ୍ୟକ୍ଷ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଗତ ମାର୍ଚ୍ଚ ମାସ ୧୬ ତାରିଖରେ ଏସସିବି ମେଡିକାଲ ଟ୍ରମା କେୟାର ଆଇସିୟୁରେ ଅଗ୍ନିକାଣ୍ଡ ଘଟି ୧୩ ଜଣ ରୋଗୀଙ୍କ ଜୀବନ ଯାଇଥିଲା। ରାଜ୍ୟ ସରକାର ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହି ଅଗ୍ନିକାଣ୍ଡ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୪ଜଣ ଅଧିକାରୀ ନିଲମ୍ବିତ ହୋଇଥିଲେ। କଟକ ସର୍କଲ ଡେପୁଟି ଫାୟାର ଅଫିସର ପ୍ରକାଶ ଜେନା, କଟକ ସର୍କଲର ଆସିଷ୍ଟାଣ୍ଟ ଫାୟାର ଅଫିସର ସଂଜୀବ ବେହେରା, ▶▶ ୬

ଆଲୋଚନା ବିଫଳ ପରେ ଆମେରିକାର କାର୍ଯ୍ୟାନୁଷ୍ଠାନ

# ହର୍ମୁଜ୍‌ରେ ଆରମ୍ଭ କଲା ନାକାବନ୍ଦୀ

**ୱାଶିଂଟନ୍, ତେହରାନ୍, ୧୩।୪/ଏଜେନ୍ସି:**

ପାକିସ୍ତାନରେ ଦୀର୍ଘ ୨୦ ଘଣ୍ଟାରୁ ଅଧିକ ସମୟ ଧରି ଇରାନ୍-ଆମେରିକା ମଧ୍ୟରେ ଚାଲିଥିବା ଆଲୋଚନା ବିଫଳ ହେବାମାତ୍ରେ ଆମେରିକା ନିଜର ଅସଲ୍ ରୂପ ଦେଖାଇବା ଆରମ୍ଭ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକ୍ରମେ ଆମେରିକାର ନୌସେନା ଏବେ ହର୍ମୁଜ୍ ଷ୍ଟ୍ରେଟ୍‌ରେ ନାକାବନ୍ଦୀ ଆରମ୍ଭ କରିଛି। ଆଜି ସନ୍ଧ୍ୟା ୭:୩୦ (ଭାରତୀୟ ସମୟ)ରୁ ଏହାକୁ କାର୍ଯ୍ୟକାରୀ ହୋଇଥିବା ଜଣାପଡିଛି। ଏହାରି ମଧ୍ୟରେ ଟ୍ରମ୍ପ ଚେତାବନୀ ଦେଇଛନ୍ତି ଯେ, ଯଦି କୌଣସି ଇରାନୀ ଜାହାଜ ଆମେରିକାର ନାକାବନ୍ଦୀ ନିକଟକୁ ଆସେ, ତେବେ ତାହାକୁ ତୁରନ୍ତ ଧ୍ୱଂସ କରିଦିଆଯିବ। ସମୁଦ୍ରରେ ଡ୍ରଗ୍ସ ଚୋରା ଚାଲାଣକାରୀଙ୍କୁ ରୋକିବା ପାଇଁ ଯେଉଁଭଳି କଠୋର ପଦକ୍ଷେପ ନିଆଯାଏ, ଏଠାରେ ମଧ୍ୟ ସେହିଭଳି କରାଯିବ। ଏହି ପ୍ରଣାଳୀ ଦେଇ ଗତି କରୁଥିବା ସମସ୍ତ ଜାହାଜକୁ ଅଟକାଇ ଯାଞ୍ଚ ▶▶ ୬



**ଇରାନୀ ଜାହାଜକୁ ନଷ୍ଟ କରାଯିବ, ଟୋଲ୍ ଦେଉଥିବା ଜାହାଜଗୁଡ଼ିକୁ ଯାଞ୍ଚ କରାଯିବ: ଟ୍ରମ୍ପ**

**ଆକ୍ରମଣ ହେଲେ ପାରସ୍ୟ ଏବଂ ଓମାନ ସାଗର ଅଞ୍ଚଳ ମଧ୍ୟ ସୁରକ୍ଷିତ ରହିବନି: ତେହେରାନ୍**

'ନାରୀ ଶକ୍ତି ବନ୍ଦନ ସମ୍ମିଳନୀ'କୁ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

# 'ମହିଳା ସଂରକ୍ଷଣ' ଏକବିଂଶ ଶତାବ୍ଦୀର ସର୍ବବୃହତ୍ ନିଷ୍ପତ୍ତି

**ନୂଆଦିଲ୍ଲୀ, ୧୩।୪/ଏଜେନ୍ସି:**

ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ 'ନାରୀ ଶକ୍ତି ବନ୍ଦନ ସମ୍ମିଳନୀ'କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶର ବିକାଶରେ ନାରୀ ଶକ୍ତିର ଅପାର ଯୋଗଦାନ ଏବଂ ସେମାନଙ୍କ ସଶକ୍ତିକରଣ ପାଇଁ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ସେହିପରି ମହିଳାମାନଙ୍କ ପାଇଁ ସଂରକ୍ଷଣ ପ୍ରଦାନ କରିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ମୋଦୀ ନିଜ ଭାଷଣରେ କହିଛନ୍ତି ଯେ, 'ମହିଳା ସଂରକ୍ଷଣ' ଏକବିଂଶ ଶତାବ୍ଦୀର ସବୁଠାରୁ ବଡ଼ ନିଷ୍ପତ୍ତି। ସେହିପରି ନାରୀ ଶକ୍ତି ବନ୍ଦନ ଆଇନ କାର୍ଯ୍ୟକାରୀ କରିବାରେ ଦେଶର ସଂସଦ ଏକ ନୂତନ ଇତିହାସ ସୃଷ୍ଟି କରିବ। ଏହା ମହିଳାମାନଙ୍କର ଅଧିକ ଅଂଶଗ୍ରହଣ ମାଧ୍ୟମରେ ଭାରତୀୟ ଗଣତନ୍ତ୍ରକୁ ସୁଦୃଢ଼ କରିବ। ସବୁଠୁ ବଡ଼ କଥା ହେଉଛି, ନାରୀ ଶକ୍ତି ବନ୍ଦନ ଆଇନକୁ ଧାର୍ଯ୍ୟ ସମୟସୀମା (୨୦୨୯) ମଧ୍ୟରେ କାର୍ଯ୍ୟକାରୀ କରିବାକୁ ସବୁ ଦଳ ସହମତ ହୋଇଛନ୍ତି। ଏହି ବିଷୟରେ ଆଲୋଚନା କରିବା ପାଇଁ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଏପ୍ରିଲ ୧୬ରୁ ଆରମ୍ଭ ହେବ ୩ ଦିନ ଅର୍ଥାତ୍ ୧୮ ତାରିଖ ଯାଏ ଚାଲିବ। ଆମ ଦେଶର ସଂସଦ ଏକ ନୂତନ ଇତିହାସ ସୃଷ୍ଟି କରିବାର ଦ୍ୱାରରେ ଅଛି। ଏହି ଆଇନ୍ ଅଣାଯିବା ପୂର୍ବରୁ ଦେଶରେ ଏକ ନୂତନ ଇତିହାସ ଲେଖାଯିବ ଯାହା ଅତୀତର ସ୍ୱପ୍ନକୁ ସାକାର କରିବ ଏବଂ ଭବିଷ୍ୟତର ସଂକଳ୍ପକୁ ପୂରଣ କରିବ। ଏକ ସମତାବାଦୀ ଭାରତ ପାଇଁ ▶▶ ୬



**ଆସିବ ଆଇନ୍, ଧାର୍ଯ୍ୟ ସମୟସୀମା ସୁଦ୍ଧା କାର୍ଯ୍ୟକାରୀ କରିବାକୁ ସବୁଦଳ ସହମତ**



**ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନ ପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

OIPR-15001/15001/2/26-27/0016

15001/16/2627



**ଓଡ଼ିଆ ନବବର୍ଷ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ସମସ୍ତ ଓଡ଼ିଶାବାସୀ ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ପ୍ରିୟ ଓଡ଼ିଆ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ନୂତନ ବର୍ଷ ଆପଣ ସମସ୍ତଙ୍କ ଜୀବନରେ ଅପାର ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏହାହିଁ ମୋର ପ୍ରାର୍ଥନା ।

କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାରେ ସମୃଦ୍ଧ ଆମ ଓଡ଼ିଆ ଜାତି ଆଜି 'ଓଡ଼ିଆ ଅସ୍ମିତା'ର ପୁନଃ ପ୍ରତିଷ୍ଠା ପାଇଁ ପୂର୍ଣ୍ଣ ସମର୍ପିତ । ଆଜିର ଓଡ଼ିଶା ନୂଆ ଉତ୍ସାହ, ଅସୀମ ଉଦ୍ଦୀପନା ଓ ଗଭୀର ଆତ୍ମବିଶ୍ୱାସର ସହିତ ଏକ 'ସମୃଦ୍ଧ ଓ ବିକଶିତ ଓଡ଼ିଶା' ଗଠନ ଦିଗରେ ଦୃଢ଼ ସଂକଳ୍ପର ସହ ଅଗ୍ରସର ହେଉଛି ।

ଆସନ୍ତୁ, ଏହି ପବିତ୍ର ଅବସରରେ ଆମେ ସମସ୍ତେ ମିଳିମିଶି ଆମର ଏହି ସଂକଳ୍ପକୁ ସିଦ୍ଧିରେ ପରିଣତ କରିବା ଏବଂ ଓଡ଼ିଶାକୁ ବିକାଶର ଶିଖରରେ ପହଞ୍ଚାଇବା ପାଇଁ ନୂଆ ଶପଥ ନେବା ।

ବନ୍ଦେ ଉତ୍କଳ ଜନନୀ !

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଟ୍ରକ୍ ଦୁର୍ଘଟଣାରେ ଆହତ ଡ୍ରାଇଭରଙ୍କୁ ମାଡ଼ମାରି ଲୁଟ୍

**ଟାଙ୍ଗୀ,୧୩।୪/ଏନ୍ଏନ୍ଏସ୍:** ପାରାଦୀପରୁ କୋଇଲା ବୋଝେଇ କରି ଏକ ଟ୍ରକ୍ ଅନୁଗୋଳ ଯାଉଥିବା ସମୟରେ ଟାଙ୍ଗୀ ଥାନା ୧୬ନଂ ଜାତୀୟ ରାଜପଥ ସର୍ଦ୍ଧୋଳା ନିକଟରେ ଭାରସାମ୍ୟ ହରାଇ ଟ୍ରକ୍‌ଟି ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ସୌଭାଗ୍ୟବଶତଃ ଡ୍ରାଇଭର ବର୍ତ୍ତିଯାଇଥିବା ବେଳେ ସାମାନ୍ୟ ଆହତ ହୋଇଥିଲେ। ରାତି ଅଧ ହୋଇଥିବା ବେଳେ ବହୁ କଷ୍ଟରେ ଗାଡ଼ିରୁ ବାହାରି ମାଲିକକୁ ଫୋନ୍ କରୁଥିବା ସମୟରେ ଦୁଇଜଣ ଲୁଟେରା ବାଇକ୍‌ରେ ଡ୍ରାଇଭରଙ୍କୁ ଗାଡ଼ିର କାଗଜପତ୍ର ମାଗିବା ସହ ମାଡ଼ ମାରିଥିଲେ। ପରେ ବାଇକ୍‌ରେ ବସାଇ ଥାନାକୁ ଚାଲ ବୋଲି କହି ନେଇଯିବା ସହ ଏକ ଅନ୍ଧାରୁଆ ସ୍ଥାନରେ ମାଡ଼ମାରି ଫୋନ୍ ସହ ମନିପର୍ସରେ ଥିବା ଟଙ୍କା ସବୁ ନେଇ ଚାଲିଯାଇଥିଲେ। ଡ୍ରାଇଭର ଜଣଙ୍କ ଜୀବନ ବଞ୍ଚାଇ ସେଠାରୁ ପଳାଇ ଆସି ରାଜପଥ ପୁଲିସକୁ କହିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ରାସ୍ତାରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ କଲେ ଲୁଟେରାକୁ ଧରିବାରେ ସକ୍ଷମ ହୋଇପାରନ୍ତା ବୋଲି ଡ୍ରାଇଭର ପ୍ରକାଶ କରିଛି।

## ରଥଖଳାକୁ ଜଗିବ ୧୪ ସିସିଟିଭି

**ପୁରୀ,୧୩।୪/ଏନ୍ଏନ୍ଏସ୍:** ଆସନ୍ତା ୨୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା। ସେହିଦିନ ଠାରୁ ରଥ ନିର୍ମାଣ ପ୍ରକ୍ରିୟା ଜୋରଦାର ହେବ। ଏଥିନିମନ୍ତେ ଶ୍ରୀମନ୍ଦିର ନିକଟ ରଥଖଳାରେ ଶିବିର ନିର୍ମାଣ ହେଉଛି। ଛାଇରେ ବସି ବିଶ୍ୱକର୍ମା ମହାରଣା, ରୂପକାର ଓ ଅନ୍ୟ ସେବାୟତ ମାନେ ରଥ ନିର୍ମାଣ କରିବେ। ଚଳିତବର୍ଷ ରଥଖଳାର ସୁରକ୍ଷା ନିମନ୍ତେ ପ୍ରଶାସନ ଅଧିକ ତତ୍ପରତା ଦେଖାଇଛି। ରଥଖଳାକୁ ଜଗିବା ନିମନ୍ତେ ୧୨ଟି ଅତ୍ୟାଧୁନିକ ସିସିଟିଭି ସ ?ହ ଆଉ ୨ଟି ପିଜିଟି କ୍ୟାମେରା ମିଶାଇ ମୋଟ ୧୪ଟି ସିସିଟିଭି ଲାଗିବ। ଯାହା ତାର ବିହୀନ ଭାବେ ନେଟୱାର୍କ ସହ କାମ କରିବ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏହାର କଣ୍ଟ୍ରୋଲରୁମ୍ ରହିବ। ଆସନ୍ତା ୩ମାସ ଅର୍ଥାତ୍ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ଏହା କାର୍ଯ୍ୟ କରିବ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପଦକ୍ଷେପ ଆରମ୍ଭ କରିଥିବା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ପ୍ରଦାନ କରିଥିଲେ। ସେହିଭଳି ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା। ଏଥିପାଇଁ ମଧ୍ୟ ସମସ୍ତ ପ୍ରସ୍ତୁତି କରାଯାଉଛି। ନରେନ୍ଦ୍ର ସରୋବରରେ ନନ୍ଦା ଓ ଭଦ୍ରା ନୌକାବିହାର କରିବେ। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କ ସହ ଭୂ-ଦେବୀ, ଶ୍ରୀଦେବୀ ଓ ପଞ୍ଚୁ ପାଣ୍ଡବ ମଧ୍ୟ ସାଥୀରେ ରହିବେ। ଏଥିପାଇଁ ମହାରଣା ସେବକ ଓ ରୂପକାର ସେବାୟତ ନନ୍ଦା ଓ ଭଦ୍ରା ଚାପକୁ ପ୍ରସ୍ତୁତ କରିବାରେ ଲାଗି ପଡ଼ିଛନ୍ତି। ସୂଚନା ଯୋଗ୍ୟ ଯେ ଚନ୍ଦନଯାତ୍ରା ହେଉଛି ଶ୍ରୀମନ୍ଦିରରେ ସବୁଠାରୁ ଅଧିକ ଦିନଧରି ପାଳିତ ହେଉଥିବା ପର୍ବ। ମହାପ୍ରଭୁ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରୁ ମୁକ୍ତି ପାଇବା ପାଇଁ ଏହି ଯାତ୍ରା କରିଥାନ୍ତି, ଯାହା ମୋଟ ୪୨ ଦିନ ଧରି ପାଳିତ ହୋଇଥାଏ। ଏହା ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥାଏ। ପ୍ରଥମ ୨୧ ଦିନ ନରେନ୍ଦ୍ର ପୁଷ୍କରିଣୀରେ ବାହାର ଚନ୍ଦନ ଯାତ୍ରା ରୂପେ ଏବଂ ପରବର୍ତ୍ତୀ ୨୧ ଦିନ ଶ୍ରୀମନ୍ଦିର ଭିତର ଚନ୍ଦନ ଯାତ୍ରା ରୂପେ ପାଳିତ ହୋଇଥାଏ।

## ସୋସିଆଲ ମିଡିଆରେ ଅପପ୍ରଚାରକୁ ନେଇ ସାଇବର୍ ଥାନାରେ ଏତଲା

**ଖୋର୍ଦ୍ଧା,୧୩।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧାର ଜନପ୍ରୀୟ ବିଧାୟକ ତଥା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦ୍ଦେବଙ୍କ ସୋସିଆଲ ମିଡ଼ିଆରେ ଚରିତ୍ର ସଂହାର ଓ ମିଥ୍ୟା ପ୍ରଚାରକୁ ନେଇ ଖୋର୍ଦ୍ଧା ସାଇବାର ଥାନାରେ ଏକ ଲିଖିତ ଅଭିଯୋଗ ଦିଆଯାଇଛି। ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ଶତାଧିକ ବିଜେପି କର୍ମୀ, ମହିଳା ଓ ସଚେତନ ନାଗରିକମାନେ ଏକତ୍ରିତ ହୋଇ ଆଜି ସଂଧ୍ୟାରେ ଏହି ଲିଖିତ ଅଭିଯୋଗ ଦେବା ସହ ସୋସିଆଲ ମିଡ଼ିଆରେ ବିଭ୍ରାନ୍ତିକର ଭିଡ଼ିଓ ପୋଷ୍ଟ କରିଥିବା ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ନିର୍ବାଚନ ପୂର୍ବରୁ ଅର୍ଥାତ୍ ଦୁଇବର୍ଷ ତଳେ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ କୁଚକ୍ରାନ୍ତ ଯୋଗୁ ଛଣଗିରି ଠାରେ ହୋଇଥିବା ଏକ ସାଂଗଠନିକ ବିଶୃଙ୍ଖଳାର ସମାଧାନ ଓ ଭିଡ଼ାଓଟରା ବେଳର ଦୃଶ୍ୟକୁ ଏବେ ଭିନ୍ନ ମୋଡ଼ରେ ସୋସିଆଲ ମିଡ଼ିଆରେ ପ୍ରସାରିତ କରି ଜନମାନସରେ ବିଭ୍ରାନ୍ତ କରାଯାଉଛି। ଫଳରେ ବିଧାୟକଙ୍କ ସମ୍ମାନହାନୀ ସହିତ ଜଣେ ନିର୍ବାଚିତ ପ୍ରତିନିଧିଙ୍କ ସାମାଜିକ ମର୍ଯ୍ୟାଦା ହାନି ଘଟିଛି। ଯାହାକୁ ନେଇ ବିଧାୟକଙ୍କ ସମର୍ଥକ, ଦଳୀୟ କର୍ମୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ଅସଂତୋଷ ଦେଖିବାକୁ ମିଳିଛି। ଯାହାକୁ ନେଇ ଆଗାମୀ ଦିନରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବାର ସମ୍ଭାବନା ସୃଷ୍ଟି ହୋଇଛି।

## ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ, କର୍ତ୍ତୃପକ୍ଷ ଚୁପ୍



**ନିଶ୍ଚିନ୍ତକୋଇଲି,୧୩।୪/ଏନ୍ଏନ୍ଏସ୍:** ନିଶ୍ଚିନ୍ତକୋଇଲି ବିଦ୍ୟୁତ୍ ସହକାରୀ ଯନ୍ତ୍ରୀଙ୍କ ଅଧିନରେ ଥିବା ଜିଗ୍ନୀପୁର ଗ୍ରାମ ଦେଇ ଯାଇଛି ୧୧କେଭି ବିଦ୍ୟୁତ୍ ତାର। ଏହି ତାର ବିଲ ଭିତରକୁ ନଇଁ ଯାଉଥିବାରୁ ଚାଷୀମାନେ ମୁଗ ଉପାଡ଼ି ପାରୁନାହାନ୍ତି। ଏହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଦ୍ୟୁତ୍ ବିଭାଗର କର୍ମଚାରୀମାନଙ୍କୁ ଏ ବିଷୟରେ ଅବଗତ କଲା ପରେ ମଧ୍ୟ ବିଦ୍ୟୁତ୍ ବିଭାଗର କର୍ମଚାରୀ ମାନେ ଏହି ୧୧ କେଭି ଖୁଣ୍ଟଟିକୁ ସିଧା କରୁନାହାନ୍ତି। ଚନ୍ଦନପୋଖରୀ ପୋଲ ଠାରୁ ୮ଏ କେନାଲ ବଳଦେବଜୀଉ ମନ୍ଦିର ପଛପଟରେ ଏହି ବିଦ୍ୟୁତ୍ ତାର ଯାଇଛି। ଏହି ତାର ଗୁଡ଼ିକ ବହୁ ଜାଗାରେ ଝୁଲି ରହିଥିବାରୁ ଦୈନନ୍ଦିନ ଯାତାୟତ କରୁଥିବା ବିଭିନ୍ନ ଗାଡ଼ି ଭୟଭୀତରେ ଯିବାକୁ ପଡୁଛି। ଏହା ପରେ ମଧ୍ୟ ଏ ରାସ୍ତାଦେଇ ସ୍କୁଲ, କଲେଜ ଛାତ୍ରଛାତ୍ରୀ ଓ ଜରୁରୀକାଳୀନ ଗାଡ଼ି ଯାତାୟାତ ଚାଲିଛି। ବିଦ୍ୟୁତ୍ ବିଭାଗର ଉପରିସ୍ଥ କର୍ମଚାରୀମାନେ ଏହା ଉପରେ ଦୃଷ୍ଟିଦେଇ ତୁରନ୍ତ ଖୁଣ୍ଟଗୁଡ଼ିକୁ ସିଧା କରିବା ସହିତ ଯେଉଁ ତାର ଗୁଡ଼ିକ ଝୁଲି ରହିଛି ତାକୁ ଟାଇଟ୍ କରିବା ପାଇଁ ଗ୍ରାମବାସୀମାନଙ୍କ ତରଫରୁ ଦାବି କରାଯାଉଛି। ଟିପିସିଓଡ଼ିଏଲର ଉପରିସ୍ଥ ଅଧିକାରୀ ମାନେ ଚାଷୀମାନଙ୍କର ଏଭଳି ବିପଦସଂକୁଳ ଅବସ୍ଥାରେ କାର୍ଯ୍ୟ କରୁଥିବାରୁ ତାଙ୍କୁ ବିପଦମୁକ୍ତ କରାଇବା ପାଇଁ ଚାଷୀମାନେ ମଧ୍ୟ ଦାବି ଜଣାଇଛନ୍ତି।

### ଶ୍ରୀମନ୍ଦିରରେ କଡ଼ା ସୁରକ୍ଷା ମଧ୍ୟରେ ପଞ୍ଚମ ଦିବସ କାର୍ଯ୍ୟ ଜାରି

# ଭିତର ରତ୍ନଭଣ୍ଡାର ଅଳଙ୍କାର ଓ ସାମଗ୍ରୀର ଗଣତି ଆରମ୍ଭ

**ପୁରୀ,୧୩।୪/ଏନ୍ଏନ୍ଏସ୍:** ସୋମବାର ପଞ୍ଚମ ଦିନରେ କଡ଼ା ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିର ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖାଯାଇ ଆରମ୍ଭ ହୋଇଛି ଭିତର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଏବଂ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟ। ମହାପ୍ରଭୁଙ୍କ ଭିତର ରତ୍ନଭଣ୍ଡାରେ ଥିବା ରତ୍ନ ଅଳଙ୍କାରର ଗଣତି ପୂର୍ବରୁ ଘଟିଥିଲା ଚମତ୍କାର। ମା' ସୁଭଦ୍ରାଙ୍କ ଅଧରମାଳା ଆଜି ଛିଡ଼ିଥିଲା। ଫଳରେ ସେବାୟତମାନେ ମହାପ୍ରଭୁଙ୍କ ଅନୁମତି ପାଇ ବେଶ୍ ଆନନ୍ଦ ପ୍ରକାଶ କରିଥିବା ବେଳେ ଗଣତି କାର୍ଯ୍ୟ ବେଶ୍ ସୁରୁଖୁରୁରେ ହେବ ବୋଲି ଆଶାବାଦୀ ଅଛନ୍ତି। ଅପରାହ୍ନ ୧୨ଟା ୨୫ରେ ଭିତର ରତ୍ନଭଣ୍ଡାର ତାଲା ଖୋଲିବା ପରେ ଗଣତି କାର୍ଯ୍ୟ ଆରମ୍ଭ ହୋଇଥିଲା। ଏସ୍‌ଓପି ଅନୁଯାୟୀ ଭିତର ରତ୍ନଭଣ୍ଡାରର ରତ୍ନ ଅଳଙ୍କାର ଭିତର ରତ୍ନଭଣ୍ଡାରରେ ହିଁ ଗଣତି କରାଯାଇଛି। ସମସ୍ତ ଗଣତି କାର୍ଯ୍ୟକୁ ଭିଡିଓଗ୍ରାଫି, ଫଟୋଗ୍ରାଫି ଏବଂ ଥ୍ରୀଡି ସ୍କାନିଂ କରାଯାଉଛି। ଆଲମିରାରେ ଥିବା ଅଳଙ୍କାର ଗୁଡ଼ିକୁ ପ୍ରଥମେ କଢାଯାଇ ହ୍ୟାଣ୍ଡଲିଂ ଟିମ୍ ବା କାର୍ଯ୍ୟବାହୀ ଦଳ ଗଣତି କାର୍ଯ୍ୟ କରିଥିଲେ। ପ୍ରତ୍ୟେକ ଅଳଙ୍କାରକୁ ଏକ ଷ୍ଟିଲ ବାକ୍ସରେ ପ୍ରଥମେ ରଖାଯିବା ପରେ ଷ୍ଟିଲ ବାକ୍ସଗୁଡ଼ିକୁ ସିନ୍ଦୁକ ଭିତରେ ଅତି ଯତ୍ନର ସହିତ ରଖାଯାଉଛି। ବର୍ତ୍ତମାନ ଦୁଇଟି ସିନ୍ଦୁକରେ ଅଳଙ୍କାର ରଖାଯାଉଥିବା ବେଳେ ଆଗାମୀ ଦିନରେ ଯଦି ଆବଶ୍ୟକ ପଡେ ଅଳଙ୍କାର ରଖିବା ପାଇଁ ଅଧିକ ଚାରୋଟି ସିନ୍ଦୁକର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ରତ୍ନ ଅଳଙ୍କାରକୁ ବୈଜ୍ଞାନିକ ପଦ୍ଧତିରେ ଚିହ୍ନଟ କରାଯିବା ସହ ଓଜନ ମାପ କରାଯାଇ ଡିଜିଟାଲ କ୍ୟାଟ୍‌ଲଗ୍ କରାଯାଉଛି। ୧୯୭୮ ମସିହା ତାଲିକା ସହିତ ମେଳକ କରାଯାଉଛି। ୨୦ରୁ ଉର୍ଦ୍ଧ୍ୱ ପ୍ରକାର ଅଳଙ୍କାରର ଆଜି ଗଣତି କରାଯାଇଛି। ଗଣତି ସମୟରେ ଶ୍ରୀମନ୍ଦିର ବଣିଆ ସେବକ, ଆରବିଆଇ ଅଧିକାରୀ, ରତ୍ନ ପଥର ବିଶେଷଜ୍ଞ, ଛତିଶା ନିଯୋଗ ମହାନାୟକ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ରହିଥିଲେ।



## ନାଟକବହି ପୂଜା ବେଳେ ଟଳିପଡ଼ିଲେ ନାଟ୍ୟ ନିର୍ଦ୍ଦେଶକ



**କଣ୍ଟାପଡ଼ା,୧୩।୪/ଏନ୍ଏନ୍ଏସ୍:** ସାମାଜିକ ନାଟକର ଏକ ନୂତନ ବହି ପୂଜା ବେଳେ ଏହାର ନିର୍ଦ୍ଦେଶକ ସରୋଜ କୁମାର ଦାଶଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ବୟାଳିଶମୌଜା କଳପଡ଼ାଠାରେ ଏକ ନୂତନ ନାଟକ ପାଇଁ ଅନୁଷ୍ଠିତ ବହି ପୂଜା ସମୟରେ ଏହାର ନିର୍ଦ୍ଦେଶକ ଶ୍ରୀ ଦାଶଙ୍କ ହୃଦ୍‌ଘାତ ହୋଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ନିକଟବର୍ତ୍ତୀ ବେଣ୍ଟକାର ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡ଼ ମେଡ଼ିକାଲକୁ ନିଆଯାଇଥିଲେ ମଧ୍ୟ ସେଠାରେ ମୃତ୍ୟୁ ହୋଇଯାଇଥିଲା। ୫୦ରୁ ଅଧିକ ନାଟକର ନିର୍ଦ୍ଦେଶକ ଥିବା ଶ୍ରୀ ଦାଶ ନିଆଳି, କଣ୍ଟାପଡ଼ା, ନିମାପଡ଼ା, ବାରଙ୍ଗ ଓ କଟକ ସଦର ଅଞ୍ଚଳରେ ବେଶ ପରିଚିତ ଥିଲେ। କିଛିଦିନ ପୂର୍ବେ ତାଙ୍କୁ ଜଗତସିଂହପୁର ସାଂସଦ ଓ ନିଆଳି ବିଧାୟକ ଏକ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ନାଟ୍ୟ ନିର୍ଦ୍ଦେଶଭାବେ ସମ୍ମାନିତ କରିଥିଲେ। ମାତ୍ର ୫୪ବର୍ଷ ବୟସରେ ପରଲୋକ ଗମନ କରିଥିବା ସରୋଜଙ୍କ ଅନ୍ତିମ ଦର୍ଶନ କରିବାକୁ ବହୁ ନାଟ୍ୟପ୍ରେମୀ, ନାଟ୍ୟ କଳାକାର ଓ ଶୁଭେଚ୍ଛୁ ତାଙ୍କ ଗୋବିନ୍ଦପୁରସ୍ଥିତ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ନର୍ଦ୍ଦମା ପାଣିରେ ଭାସୁଛି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ



**ଖୋର୍ଦ୍ଧା,୧୩।୪/ଏନ୍ଏନ୍ଏସ୍:** ବ୍ୟବସ୍ଥାପକ ଭାବରେ ଖୋର୍ଦ୍ଧା ସହର ମଧ୍ୟରେ ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ଡ୍ରେନ୍ ଗୁଡିକ ନିର୍ମାଣ କରାଯାଇ ନଥିବାରୁ ଜଳ ନିଷ୍କାସନ ହୋଇନପାରି ଏହା ଏକ ଉତ୍କଟ ରୂପ ଧାରଣ କରିଛି। ଖୋର୍ଦ୍ଧା ପୌରପରିଷଦର ୨୨ ଗୋଟି ୱାର୍ଡ ମଧ୍ୟରୁ ଅନେକ ୱାର୍ଡରେ ନିୟମିତ ଭାବରେ ଡ୍ରେନ୍‌ଗୁଡିକ ସଫା କରାଯାଉ ନାହିଁ। ଫଳରେ ଜଳନିଷ୍କାସନ ହୋଇନପାରି ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ପୌରାଞ୍ଚଳ ମଧ୍ୟରେ ବାସକରୁଥିବା ଅନେକ ଅଧିବାସୀ ନିଜ ନିଜର ଆବର୍ଜନା ପାଣିଗୁଡିକ ପୌର ପରିଷଦ ପକ୍ଷରୁ ନିର୍ମାଣ କରାଯାଇଥିବା ଡ୍ରେନ ଗୁଡିକରେ ଅତି ଚତୁରତାର ସହିତ ସଂଯୋଗ କରିଦେଇଥିବାରୁ ସେହି ଆବର୍ଜନା ପାଣି ଡ୍ରେନ ଦେଇ ନିଷ୍କାସନ ହୋଇ ନପାରି ରାସ୍ତା ଉପର ଦେଇ ପ୍ରବାହିତ ହେବା ଫଳରେ ଏକ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ପୌର ପରିଷଦ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଡ୍ରେନ୍ ନିର୍ମାଣ ଦାୟିତ୍ୱ ଠିକାଦାର ମାନଙ୍କୁ ପ୍ରଦାନ କରି ନିଜର ଦାୟିତ୍ୱ ସାରି ଦେଇଥିବା ବେଳେ ଡ୍ରେନର ସ୍ଥାୟୀତ୍ୱ ଏବଂ ଜଳ ନିଷ୍କାସନ କିପରି ହେବ ସେଥିପ୍ରତି ଦୃଷ୍ଟି ଦିଆଯାଇ ନାହିଁ। ଫଳରେ ଖୋର୍ଦ୍ଧା ସହରବାସୀ ଏକ ଭୟଙ୍କର ପରିସ୍ଥିତିର ସମ୍ମୁଖୀନ ହେବାକୁ ଯାଉଛନ୍ତି। ବର୍ଷାଋତୁ ଖୁବ କମ ଦିନ ମଧ୍ୟରେ ଆସିବାକୁ ବାକି ଥିବା ବେଳେ ଏବେଠାରୁ ସଚେତନ ମୂଳକ ପଦକ୍ଷେପ ଗ୍ରହଣ କରାନଗଲେ ଡ୍ରେନ ପାଣି ଗୁଡିକ ନିଷ୍କାସନ ହୋଇନପାରି ଘର ଗୁଡିକ ଭିତରେ ପଶି ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବ। ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିସକ୍ଷଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଡ୍ରେନ ଉପରେ କ୍ୟାବିନ ଗୁଡିକ ଆବଦ୍ଧ କରି ରହିଥିବାରୁ ଡ୍ରେନ ଭିତର ଦେଇ ପ୍ରବାହିତ ହେଉଥିବା ଜଳ ସଠିକ ଭାବରେ ନିଷ୍କାସନ ହୋଇନପାରି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯାଳୟ ସମ୍ମୁଖ ଗେଟ ନିକଟରେ ଲହଡି ମାରୁଛି, ଫଳରେ ଦୈନିକ ଶହ ଶହ ସଂଖ୍ୟାରେ ଲୋକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ଯିବା ଆସିବା କରିବା ସମୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ଏବଂ ସେଠାରେ ଏକ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏବଂ ଖୋର୍ଦ୍ଧା ପୌର କର୍ତ୍ତୃପକ୍ଷଙ୍କ କୌଣସି ନିଘା ନାହିଁ। ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ପ୍ରଶାସନର ଚଢ଼ଉ: ୪୫ ଗ୍ୟାସ୍ ସିଲିଣ୍ଡର ଜବତ



**ଓଡ଼ଗାଁ,୧୩।୪/ଏନ୍ଏନ୍ଏସ୍:** ରାଜ୍ୟରେ ଗ୍ୟାସ୍ ସଂକଟ ଏବେ ଦେଖାଦେଇଥିବା ବେଳେ କିଛି ଦଲାଲ ଗ୍ୟାସ୍ ନିଜ ପାଖରେ ରଖି ଚଢ଼ା ଦରରେ ବାହାରେ ବିକ୍ରି କରୁଛନ୍ତି। ଗତ ୧୫ ଦିନ ତଳେ ଓଡ଼ଗାଁ ଥାନା ପୁଲିସ ମକରପଦାରୁ ୧୧ଟି ଗ୍ୟାସ୍ ସିଲିଣ୍ଡର ଜବତ କରିଥିବାବେଳେ ଆଜି କୁରାଳରୁ ଏକକାଳୀନ ୪୫ଟି ଗ୍ୟାସ୍ ଜବତ ହୋଇଥିବା ଜଣାପଡ଼ିଛି। ବ୍ଲକ୍ ପ୍ରଶାସନ ପକ୍ଷରୁ ଏହି ଚଢ଼ଉ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଗ୍ୟାସ୍ ସଂକଟ ସମସ୍ତଙ୍କ ପାଇଁ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ଗ୍ୟାସ୍ ବୁକିଂ କରିବାପରେ ଗ୍ରାହକମାନେ ଗ୍ୟାସ୍ ଦୋକାନ କିମ୍ବା ଗୋଦାମ ଆଗରେ ଲମ୍ବା ଧାଡ଼ିରେ ଠିଆ ହେବାକୁ ପଡୁଛି। ଏଭଳି ସ୍ଥିତିରେ କିଛି ଦଲାଲ ଗ୍ୟାସ୍ କଳାବଜାରୀ କରିବାକୁ ପଛାଉ ନାହାଁନ୍ତି। ଗ୍ୟାସ୍ ଘରେ କିମ୍ବା ଦୋକାନରେ ରଖି ବାହାରେ ୩ରୁ ୪ ହଜାର ଟଙ୍କାରେ ବିକ୍ରି କରୁଛନ୍ତି। ଆଜି ଓଡ଼ଗାଁ ବିଡ଼ିଓ ପ୍ରୀତିବାଳା ରଣା, ଅତିରିକ୍ତ ତହସିଲଦାର ଶ୍ରୀ ଜିନୁ, ପଞ୍ଚାୟତ ଅଧିକାରୀ ବିଶ୍ୱଜିତ ଜେନା, ଖାଦ୍ୟ ସୁରକ୍ଷା ଯୋଜନା ଅଧିକାରୀ ମଳୟ ଚିନରା, ଓଡ଼ଗାଁ ଥାନା ସବ୍‌ଇନ୍ସପେକ୍ଟର ଚକ୍ରଧର ସିଂହ ଓ ପୁଲିସ କର୍ମଚାରୀମାନେ କୁରାଳ ଗ୍ରାମରେ ପହଞ୍ଚି ଶିବଶଙ୍କର ପୃଷ୍ଟିଙ୍କ ଦୋକାନରୁ ୧୦ଟି ଏବଂ ଜ୍ୟୋତିରଞ୍ଜନ ସାହୁଙ୍କ ଘରୁ ୩୫ ଟି ଗ୍ୟାସ୍ ସିଲିଣ୍ଡର ଜବତ କରିଥିଲେ। ତେବେ ଜ୍ୟୋତି ଏକ ନୂଆ ଡିଲରଶିପ୍ ପାଇଁ ଯୋଜନା କରି ନିଜ ଘରେ ରଖିଥିବା ଖାଲି ସିଲିଣ୍ଡରକୁ ଜବତ କରିଥିବା ଜଣାପଡ଼ିଛି। ଏହି ବେଆଇନ ଗ୍ୟାସ ରଖିବା ଅଭିଯୋଗରେ ସେମାନଙ୍କ ନାମରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଆଗକୁ ଏହି ଚଢ଼ଉ ଜାରିରହିବ ଓ ଗ୍ୟାସ୍ କଳାବଜାରୀ କରୁଥିବା ବ୍ୟକ୍ତିଙ୍କ ଉପରେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ବିଡ଼ିଓ କହିଛନ୍ତି।

## ବିପ୍ଲବୀ ଗୋବିନ୍ଦ ମିଶ୍ରଙ୍କ ଜିଲ୍ଲାସ୍ତରୀୟ ତିରୋଧାନ ଦିବସ

**ନୟାଗଡ଼,୧୩।୪/ଏନ୍ଏନ୍ଏସ୍:** ଓଡିଶାର ଯେଉଁ ବ୍ୟକ୍ତି ପ୍ରଥମେ ମହାତ୍ମା ଗାନ୍ଧୀଙ୍କୁ ସାବରମତୀ ଆଶ୍ରମରେ ସାକ୍ଷାତ କରି ଓଡ଼ିଆଙ୍କ ଦୁରବସ୍ଥା ଓ ଦୁଃଖ ଦୁର୍ଦ୍ଦଶା ଜଣାଇ ଥିଲେ ସେ ହେଉଛନ୍ତି ଗାନ୍ଧୀ ବାଦୀ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର। ଓଡିଶାର ମହାନାୟକ ଗାନ୍ଧୀଙ୍କ ପ୍ରିୟ ଓଡିଆ ପୂଜ୍ୟ ବିପ୍ଳବୀ ଶ୍ରୀ ମିଶ୍ର ଙ୍କର ତିରୋଧାନ ଦିବସ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼ ଓ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମୃତି ପରିଷଦ, ନୟାଗଡ଼ଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ହାଉସିଂ ବୋର୍ଡ ନିକଟ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ସଂପାଦକ ଶ୍ରୀଧର ସାହୁଙ୍କ ସଂଯୋଜନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଯୋଗଦେଇ ବିଦ୍ୟାଳୟ ପରିସରରେ ସ୍ଥାପିତ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଧୂପ ଓ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମୃତି ପରିଷଦ, ନୟାଗଡ଼ର ସଭାପତି ପ୍ରସନ୍ନ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତି ଚାରଣ ସଭାରେ ମୁଖ୍ୟ ଅତିଥି ସାରଗର୍ଭକ ଆଲୋଚନା କରିଥିଲେ। ଗାନ୍ଧୀବାଦୀ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କର ସ୍ମୃତି ଚାରଣ ହିଁ ଆମ ସମସ୍ତଙ୍କର ଜାତୀୟ କର୍ତ୍ତବ୍ୟ ବୋଲି ସମସ୍ତଙ୍କୁ ନିବେଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ପ୍ରମୋଦ ପଟ୍ଟନାୟକ ଯୋଗଦେଇ ପୂଜ୍ୟ ବିପ୍ଳବୀଙ୍କର ସ୍ମୃତିଚାରଣ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଜୀବନୀ ଆଧାରିତ ଡିବେଟ ପ୍ରତିଯୋଗିତା କରିବା ପାଇଁ କାର୍ଯ୍ୟକର୍ତ୍ତା ମାନଙ୍କୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଭାରତ ବିକାଶ ପରିଷଦ, ସିଭିଲ ସୋସାଇଟି, ସୋହମ ଆଦି ବହୁ ସାମାଜିକ ଅନୁଷ୍ଠାନ ଯୋଗଦେବା ସହିତ ସମାଜସେବୀ ଅରୁଣ କୁମାର ମହାନ୍ତି, ଅନାଦି ଚରଣ ମହାନ୍ତି, ଗୋଦାବରୀଶ ସାହୁ, ନିରଂଜନ ମିଶ୍ର, କାମାକ୍ଷା ପ୍ରସାଦ ଦାସ, ସୁବଳ ଚରଣ ବେହେରା, ଉଦୟନାଥ ନାୟକ ଆଦି ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ସେବାବ୍ରତୀ ଆଚାର୍ଯ୍ୟ ଆଚାର୍ଯ୍ୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲା ବେଳେ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମୃତି ପରିଷଦ ସମ୍ପାଦକ ପ୍ରଦୀପ କୁମାର ସାହୁ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଶେଷରେ ସଂପାଦକ ଶ୍ରୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ମେଗା ପାନୀୟଜଳ ପ୍ରକଳ୍ପ ଦିଗହରା

## ପାଇପ୍ ଫାଟି ମୁଖ୍ୟରାସ୍ତାରେ ଜମୁଛି ପାଣି

**କୁଆଁପାଳ,୧୩।୪/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକରେ ବିଗତ ବିଜେଡି ସରକାର ଅମଳରୁ କୋଟି କୋଟି ଟଙ୍କା ବ୍ୟୟରେ କାର୍ଯ୍ୟ ଆରମ୍ଭ କରାଯାଇଥିବା ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଅତିନିମ୍ନମାନର ହେଉଥିବା ସାଧାରଣରେ ବାରମ୍ବାର ଅଭିଯୋଗ ହୋଇଆସୁଛି। ପ୍ରକଳ୍ପ କାର୍ଯ୍ୟର ଅବଧି ଶେଷ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାର୍ଯ୍ୟ ସରିନାହିଁ। ଅପରପକ୍ଷରେ ଦାୟିତ୍ୱରେ ଥିବା ଠିକାଦାର ମୁଖ୍ୟରାସ୍ତା ଓ ଢ଼ଲେଇରାସ୍ତାଗୁଡିକର ପାର୍ଶ୍ୱ ଖୋଳି ପାଇପ୍ ବିଛାଉ ଥିଲା ବେଳେ ତାହାର ମରାମତି କରାଯାଉ ନାହିଁ। ନିମ୍ନମାନର ଭୂତଳ ପାଇପ୍ ବିଛାଯାଇଥିବାରୁ କଟିକଟା-ଗୌଡପଡା ରାସ୍ତାର ମାହାଙ୍ଗାରେ ପାଇପ୍ ଫାଟି ରାସ୍ତାରେ ପାଣି ଭାସୁଛି। ଯାହା ଫଳରେ ଏହି ରାସ୍ତାରେ ଯାତାୟତ କରିବାରେ ସାଧାରଣ ଲୋକ ସମସ୍ୟା ଭୋଗୁଛନ୍ତି। ଏହାର ମରାମତି ଦାୟିତ୍ୱରେ ଥିବା ଠିକାଦାର କରୁନଥିବା ଅଭିଯୋଗ ହେଉଛି। କାହା ସ୍ୱାର୍ଥରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ପ୍ରକଳ୍ପ ସଠିକ୍ ଭାବରେ କାର୍ଯ୍ୟକରିବା ପୂର୍ବରୁ ପାଇପ୍ ଫାଟି ବିଭିନ୍ନ ସ୍ଥାନରେ ପାଣି ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ଏଥିପ୍ରତି ସରକାର ତୁରନ୍ତ ଦୃଷ୍ଟିଦେବା ସହ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦୃଷ୍ଟି ଆକର୍ଷଣ କରାଯାଇଛି।

## ଦଣ୍ଡଯାତ୍ରା: ନିଆଁରେ ଝୁଲିଲେ, କଣ୍ଟାରେ ଗଡ଼ିଲେ ବ୍ରତଧାରୀ

**ମୁଣ୍ଡମୁହାଣ,୧୩।୪/ଏନ୍ଏନ୍ଏସ୍:** ଭୁବନେଶ୍ୱର ଉପକଣ୍ଠ ଅଞ୍ଚଳରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ସମସ୍ତ ପୀଠ ଏବେ ଚଳଚଞ୍ଚଳ ହୋଇପଡିଛି। ଉପକଣ୍ଠ ଅଞ୍ଚଳରେ ଥିବା ଯାଁଳା, ମୁଣ୍ଡମୁହାଣ, ପାତ୍ରପଡ଼ା, ଛତାବର, ଅରିଶଳ, ପାଣିଓରା, ପଳାଶପୁର ଓ ଗଙ୍ଗପଡ଼ା ଆଦି ବିଭିନ୍ନ ଗ୍ରାମର ଶକ୍ତିପୀଠରେ ପାରମ୍ପରିକ ଭାବରେ ଆରମ୍ଭ ହୋଇଛି ଏହି ଯାତ୍ରା,ପଣା ସଂକ୍ରାନ୍ତି ଅବସରରେ ଝାମୁଯାତ୍ରା ଆମ ରାଜ୍ୟର ଏକ ପରମ୍ପରା ତେଣୁ ବିଭିନ୍ନ ଶକ୍ତି ଓ ଶୈବପୀଠ ଗୁଡିକରେ ପାଟୁଆମାନେ ମାନସିକ କରି ବ୍ରତ ଧାରଣ କରନ୍ତି, ବିଭିନ୍ନ ପୀଠରେ ୭ଦିନ ପୂର୍ବରୁ ମାନସିକ ଧରୀମାନେ ବ୍ରତି ହୋଇ ଏହି ବ୍ରତ ଅଘୋରତପ ସାଧନା କରିଥିଲେ। ଢ଼ହଢ଼ହ ଖରାରେ ମାନସିକଧାରୀ ମାନେ ତତଲା ବାଲିରେ କଣ୍ଟା ଉପରେ ଗଡିବା ସହ ନିଆଁରେ ଝୁଲି କଠୋରତପ ସାଧନା କରିଥିଲେ, ମଙ୍ଗଳବାର ପଣା ସଂକ୍ରାନ୍ତି ଅବସରରେ ମାନସିକ ଧାରୀ ମାନେ ନିଆଁରେ ଚାଲି ସେମାନଙ୍କ ବ୍ରତ ଶେଷ କରିବେ। ବିଶେଷକରି ପାଣିଓରା, ପଳାଶପୁର, ଯାଁଳା, ଅରିଶଳ ଆଦି ଅଞ୍ଚଳରେ ଦଣ୍ଡନାଚ ପରିବେଷଣ ହୁଏ। ସବୁଦିନ ସନ୍ଧ୍ୟା ପରେ ଚଇତି ଘୋଡା, ବାଜା, ଝୁଣା ଧୂପ ଓ ଶକ୍ତି ଦଣ୍ଡ ଧରି ପାଟୁଆମାନେ ବିଭିନ୍ନ ସାହି ସାହି ବୁଲି ହକ ଡ଼ାକିବା ସହ ଦଣ୍ଡନାଚ ପରିବେଷଣ କରିଥାନ୍ତି। ଅରିଶଳରେ ଏହି ପଣା ସଂକ୍ରାନ୍ତି ଅବସରରେ ବଲିଉଡ୍ ସୁପର୍ ଷ୍ଟାର ଗୋବିନ୍ଦାଙ୍କ ଏକ ଷ୍ଟେଜ୍ ଶୋ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## କଲେଜ ଆଦର୍ଶ ଆଚରଣ ବିଧିକୁ ବିରୋଧ

**କୋଣାର୍କ,୧୩।୪/ଏନ୍ଏନ୍ଏସ୍:** ରବିବାର କଲେଜ କ୍ୟାମ୍ପସ ମଧ୍ୟରେ ଛାତ୍ରଛାତ୍ରୀଙ୍କ ସଭା, ସମିତି, ଧାରଣା, ପ୍ରତିବାଦ ଓ ହରତାଳ ପାଇଁ କର୍ତ୍ତୃପକ୍ଷଙ୍କ ଅନୁମତିକୁ ଅନିବାର୍ଯ୍ୟ କରାଯାଇଥିବା ଆଦର୍ଶ ଆଚରଣ ବିଧିକୁ ବିରୋଧ କରି ଏଆଇଏସ୍ଏଫ୍ ପୁରୀ ଜିଲ୍ଲା ପକ୍ଷରୁ କୋଣାର୍କ ମେଡିକାଲ ଛକ ନିକଟରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ପପୁ ରାଉତଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦରେ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ହରଣ କରାଯାଉଥିବା ଅଭିଯୋଗ ଉଠାଯାଇଥିଲା। ବିକ୍ଷୋଭରେ ଆଦର୍ଶ ଆଚରଣ ବିଧିର ସଂଶୋଧନ, ଛାତ୍ର ସଂସଦ ନିର୍ବାଚନକୁ ସୁନିଶ୍ଚିତ କରିବା, ସ୍କୁଲ ଓ କଲେଜରେ ଖାଲି ପଡ଼ିଥିବା ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ, ଏବଂ ଛାତ୍ରଛାତ୍ରୀଙ୍କୁ ପାଇଁ ମାଗଣା ଯାତାୟାତ ସୁବିଧା ଦେବା ପରି ମୁଖ୍ୟ ଦାବିଗୁଡ଼ିକ ଉଠାଯାଇଥିଲା। କାର୍ଯ୍ୟକ୍ରମରେ ସାଗର ପ୍ରଧାନ, ସତ୍ୟଜିତ୍ ମାହାରୀ, ଚନ୍ଦ୍ରକାନ୍ତ ସ୍ୱାଇଁ, ମୁନା ସେଠୀ, ଦେବାଶିଷ ମହାପାତ୍ର, ତ୍ରିନାଥ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଆଇନ୍ ପରିବର୍ତ୍ତନ କରି ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାର ସୁନଶ୍ଚିତ ନକରା ଗଲେ ରାଜ୍ୟର ପ୍ରତି କ୍ୟାମ୍ପସରେ ଆନ୍ଦୋଳନ ହେବ ବୋଲି ସଙ୍ଘ ପକ୍ଷରୁ ଚେତାବନୀ ଦିଆଯାଇଛି।



### ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ

# ରାଜଧାନୀର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ବାଚସ୍ପତିଙ୍କ ଆହ୍ୱାନ

### ଭୁବନେଶ୍ୱରର ଐତିହ୍ୟକୁ ନେଇ ସୂଚନା ଓ ଲୋକସମ୍ପର୍କ ବିଭାଗର ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀ





**ଭୁବନେଶ୍ୱର,୧୩।୪/ଏନ୍ଏନ୍ଏସ୍:** ସୋମବାର ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଛି। ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜଧାନୀର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଡେପୁଟି ମେୟର ମଞ୍ଜୁଲତା କହଁର, ପୁଲିସ କମିଶନର ଏସ୍. ଦେବଦତ୍ତ ସିଂହ, ବିଏମ୍ସି କମିଶନର ଚଞ୍ଚଳ ରାଣା, ବିଏମ୍ସିର ଅତିରିକ୍ତ କମିଶନର କୈଳାଶ ଦାସ ଓ ରତ୍ନାକର ସାହୁ, ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଉପଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁ, କର୍ପୋରେଟର ଶ୍ରୀ ବିରଞ୍ଚି ନାରାୟଣ ମହାସୁଆର, ଆସିୟା ବେଗମ, ଅମରେଶ ଜେନା ଓ ରାମଚନ୍ଦ୍ର ରଣସିଂ, ଭୁବନେଶ୍ୱର ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଜୟ ବେହେରା, କ୍ୟାପିଟାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ଦାଶ, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର, ଗୌରଚନ୍ଦ୍ର ମହାପାତ୍ର ପ୍ରମୁଖ ବହୁ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।

ଏହି ଅବସରରେ ଏକ ମଶାଲ ଶୋଭାଯାତ୍ରା ଲିଙ୍ଗରାଜ ମନ୍ଦିର ଠାରୁ ବାହାରି ବଢ଼େଇ ବାଙ୍କ ଛକ, ମାଉସୀମା, ଶିଶୁଭବନ ଛକ, ରାଜମହଲ, ମାଷ୍ଟର କ୍ୟାଣ୍ଟିନ ଦେଇ ପିଏମଜି ଠାରେ ପହଞ୍ଚିଥିଲା । ଅଲମ୍ପିୟାନ ଦୂତୀ ଚାନ୍ଦ, ଶୁଭଙ୍କର କୁମାର, ଜିତେନ୍ଦ୍ର ଦାସ, ଅଜୟ ସିଂ ଓ ମନୋଜ ମହାପାତ୍ରଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଓ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଷ୍ଠା ଦିବସ ସମାରୋହ ଅବସରରେ ଯୋଗଦେଇଥିବା ମୁଖ୍ୟ ଅତିଥିଙ୍କ ସମେତ ସମ୍ମାନନୀୟ ଅତିଥିମାନେ ବିଧାନ ସୌଧ ସମ୍ମୁଖରେ ଥିବା ରାଜଧାନୀ ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ କରିଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ପାଢ଼ୀ ପତାକା ଉତ୍ତୋଳନ କରି ବେସାମରିକ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ପ୍ୟାରେଡ୍‌ରେ ମୋଟ ୫୧ଟି ଦଳ ଭାଗ ନେଇଥିଲେ। ୧୯୪୮ମସିହା ଏପ୍ରିଲ ୧୩ ତାରିଖ ଦିନ ଭୁବନେଶ୍ୱରରେ ପ୍ରତିଷ୍ଠା ହୋଇଥିଲା ରାଜଧାନୀ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ରାଜଧାନୀ ଫଳକର ଉନ୍ମୋଚନ କରିଥିଲେ। ସେତେବେଳେ ମାତ୍ର ୪୦ ହଜାର ଲୋକଙ୍କ ପାଇଁ ପରିକଳ୍ପନା କରାଯାଇଥିଲା ରାଜଧାନୀ। ମାତ୍ର ଆଜି ତାର କଳେବର ବୃଦ୍ଧି ପାଇଛି। ସଂପ୍ରତି ୧୫ଲକ୍ଷରୁ ଅଧିକ ଲୋକ ଏଠାରେ ବସବାସ କରୁଛନ୍ତି। ଆମ ରାଜଧାନୀର କଳା, ସଂସ୍କୃତି ଐତିହ୍ୟର ସୁରକ୍ଷା କରିବା ସହ ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରି ଗଢିତୋଳିବା ପାଇଁ ମେୟର ସୁଲୋଚନା ଦାସ ଭୁବନେଶ୍ୱରବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଉପସ୍ଥିତ ଅତିଥିମାନେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ଭୁବନେଶ୍ୱରକୁ ଆହୁରି ଉନ୍ନତି କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ପ୍ରଦୋଷ ପ୍ରଟ୍ଟନାୟକ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିବା ବେଳେ ବିଏମସି କମିଶନ ଚଞ୍ଚଳ ରାଣା ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ। ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ଜୟଦେବ ଭବନରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଏକ ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ଶ୍ରୀମତୀ ପାଢ଼ୀ ଏହି ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ବିଭାଗ ପକ୍ଷରୁ ଏହି ପ୍ରଦର୍ଶନୀରେ ଭୁବନେଶ୍ୱରର ଐତିହ୍ୟ, କଳା, ସ୍ଥାପତ୍ୟ, ରାଜନୈତିକ ପୃଷ୍ଠଭୂମି, ସାମାଜିକ ରୂପାନ୍ତରଣ, ଆଧ୍ୟାତ୍ମିକ ପରିଦୃଶ୍ୟ, ସ୍ମାର୍ଟ ସିଟି ହେବା ପର୍ଯ୍ୟନ୍ତ ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ବିକାଶ ଆଦି ଉପରେ ପର୍ଯ୍ୟବେସିତ ଫଟୋଚିତ୍ର ପ୍ରଦର୍ଶିତ ହେଉଛି। ଏହି ଅବସରରେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ଅଶ୍ୱିନୀ କୁମାର ଭୋଇ,ସୁଚେତା ପ୍ରିୟଦର୍ଶିନୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନା,ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦର୍ଶନୀ ଅଧିକାରୀ ଦୀପକ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଦୁଇଦିନିଆ ପ୍ରଦର୍ଶନୀ ଆସନ୍ତାକାଲି (ମଙ୍ଗଳବାର) ପର୍ଯ୍ୟନ୍ତ ଦର୍ଶକଙ୍କ ନିମନ୍ତେ ଖୋଲା ରହିବ।

### ନିମନ୍ତ୍ରଣକୁ ନେଇ ରାଜନୀତି

## ସାଂସଦ-ମେୟର କଥା କଟାକଟି

**ଭୁବନେଶ୍ୱର ,୧୩।୪/ଏନ୍ଏନ୍ଏସ୍:** ରାଜଧାନୀ ପ୍ରତିଷ୍ଠା ଦିବସରେ ନିମନ୍ତ୍ରଣକୁ ନେଇ ରାଜନୀତି। ଏପରିକି ଭୁବନେଶ୍ୱର ସାଂସଦ ଓ ମେୟରଙ୍କ ମଧ୍ୟରେ କଥା କଟାକଟି ହୋଇଛି। ପୂର୍ବ ସରକାରକୁ ସାଂସଦ ଅପରାଜିତା ଷଡ଼ଙ୍ଗୀ ସମାଲୋଚନା କରି କହିଛନ୍ତି ବିଗତ ସରକାରରେ ମୋତେ ପ୍ରତିଷ୍ଠା ଦିବସକୁ ନିମନ୍ତ୍ରଣ କରାଯାଉନଥିଲା। ବର୍ତ୍ତମାନର ସରକାର ପ୍ରତିଷ୍ଠା ଦିବସକୁ ଡାକିଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି।

ଏପଟେ ସାଂସଦଙ୍କ ସମାଲୋଚନାର ଉତ୍ତର ରଖି ମେୟର ସୁଲୋଚନା ଦାସ କହିଛନ୍ତି ଅତ୍ୟନ୍ତ ଦୁଃଖର କଥା। ମୁଁ ଯେବେଠୁ ମେୟର ହୋଇଛି, ସବୁ ବର୍ଷ ତାଙ୍କୁ ନିମନ୍ତ୍ରଣ ପତ୍ର ଯାଇଛି। ମୁଁ ମଧ୍ୟ ତାଙ୍କ ସହ ଫୋନରେ କଥା ହୋଇଥିଲି। କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ହୁଏତ ସେ ଆସିପାରି ନଥିବେ। ଆଜିର ଦିନରେ ଏଭଳି କହିବା ଆଦୌ ଠିକ୍ ନୁହେଁ। ସେ ଭୁବନେଶ୍ୱର ସାଂସଦ। ଯେଉଁଠି ଥିଲେ ବି ଭୁବନେଶ୍ୱରକୁ ପ୍ରାଥମିକତା ଦେବା ଦରକାର। ପ୍ରତିଷ୍ଠା ଦିବସରେ ଯୋଗଦେବାର ଆବଶ୍ୟକତା ରହିଛି ବୋଲି ମେୟର କହିଛନ୍ତି।

### ରାଜ୍ୟସଭାରେ ବିଜେଡିର ନେତୃତ୍ୱ ପରିବର୍ତ୍ତନ

## ମାନସ ମଙ୍ଗରାଜ ନୂଆ ସଂସଦୀୟ ଦଳ ନେତା



**ଭୁବନେଶ୍ୱର,୧୩।୪/ଏନ୍ଏନ୍ଏସ୍:** ବିଜୁ ଜନତା ଦଳ ରାଜ୍ୟସଭାରେ ସୋମବାର ସଂସଦୀୟ ଦଳ ନେତୃତ୍ୱରେ ପରିବର୍ତ୍ତନ କରିଛି। ଦଳର ରାଜ୍ୟସଭା ସଂସଦୀୟ ଦଳ ନେତା ପଦରୁ ସସ୍ମିତ ପାତ୍ର ଇସ୍ତଫା ଦେବା ପରେ ଏହା ପୁନର୍ଗଠିତ ହୋଇଛି। ଦଳର ସଭାପତି ନବୀନ ପଟ୍ଟନାୟକ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଚିଠି ଲେଖି ନୂଆ ନିଯୁକ୍ତି ସମ୍ପର୍କରେ ଅବଗତ କରାଇଛନ୍ତି। ଚିଠି ଅନୁସାରେ, ବିଜେଡି ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କୁ ରାଜ୍ୟସଭାରେ ସଂସଦୀୟ ଦଳ ନେତା ଭାବେ ନିଯୁକ୍ତ କରାଯାଇଛି। ସେହିପରି ସୁଲତା ଦେଓଙ୍କୁ ଉପନେତା ସହ ମୁଖ୍ୟ ସଚେତକ ଭାବେ ଦାୟିତ୍ୱ ଦିଆଯାଇଛି।

**ସୁଲତା ଦେଓ ଉପନେତା**

ପ୍ରକାଶ ଯେ ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ରଙ୍କ ବିଜେଡିର ସଂସଦୀୟ ଦଳ ନେତା ପଦରୁ ଇସ୍ତଫା ଦେବା ପରେ କିଏ ନୂଆ ନେତା ହେବେ ସେନେଇ ଦିନକୁ ଦିନ ସସପେନ୍ସ ବଢ଼ିଚାଲିଥିଲା। ସବୁଠି ସଂତୃପ୍ତ ମିଶ୍ର ବିଜେଡିର ନୂଆ ସଂସଦୀୟ ଦଳ ନେତା ହେବେ ବୋଲି ଚର୍ଚ୍ଚା ହେଉଥିଲା।

### ପଞ୍ଚାୟତ ନିର୍ବାଚନ

## ବିଜେଡି-କଂଗ୍ରେସ ମେଣ୍ଟ ଚର୍ଚ୍ଚା

**ଭୁବନେଶ୍ୱର,୧୩।୪/ଏନ୍ଏନ୍ଏସ୍:** ଆସନ୍ତା ପଞ୍ଚାୟତ ନିର୍ବାଚନରେ ବିଜେଡ଼ି-କଂଗ୍ରେସ ମେଣ୍ଟ ହୋଇପାରେ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ଏନେଇ ସବୁଜ ସଂଙ୍କେତ ଦେଇଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ। ପିସିସି ମୁଖିଆ କହିଛନ୍ତି 'ହାଇକମାଣ୍ଡ ଚାହିଁଲେ ମେଣ୍ଟ ହୋଇପାରେ। ଯଦି ଖଡ଼ଗେଜୀ ଏବଂ ରାହୁଲ ଗାନ୍ଧୀ ଏବଂ ବିଜେଡି ସୁପ୍ରିମୋ ଚାହିଁବେ ତାହେଲେ କ'ଣ ହୋଇପାରେ। ରାଷ୍ଟ୍ରର ହିତ ପାଇଁ ବିଜେଡ଼ି ସହିତ କଂଗ୍ରେସ ମିଶି ଓଡ଼ିଶାରେ ସିକୁଲାର ପାଟି ତିଆରି ହେଲେ ଆମର କିଛି ଆପତ୍ତି ନାହିଁ। ମାତ୍ର ପଞ୍ଚାୟତ ନିର୍ବାଚନରେ ସେମିତି କିଛି ହେବାର ନାହିଁ। ଆମେ ଏକାକି ଲଢ଼ିବା ନେଇ ପ୍ରସ୍ତୁତ ଅଛୁ। ରାହୁଲ ଗାନ୍ଧୀ ଏବଂ ମଲ୍ଲିକାର୍ଜୁନ ଖଡ଼ଗେ ଯଦି ଚାହାନ୍ତି ତେବେ ଓଡ଼ିଶାରେ ମେଣ୍ଟ ହୋଇପାରେ।' ସେହିପରି ପିସିସି ସଭାପତିଙ୍କ ମେଣ୍ଟ ଆକଳନକୁ ପରୋକ୍ଷରେ ସମର୍ଥନ କରିଛନ୍ତି ବିଜେଡିର ବରିଷ୍ଠ ନେତା ଦେବୀ ମିଶ୍ର । ସେ କହିଛନ୍ତି, 'ସମ୍ଭାବନା ସବୁ କ୍ଷେତ୍ରରେ ରହିଛି । ବିଭିନ୍ନ ବିଷୟରେ ଥାଏ। ପିସିସି ସଭାପତି ଯଦି କହିଛନ୍ତି ତାହାଲେ କିଛି ଅନୁଧ୍ୟାନ କରି କହି ଥିବେ। ପରିସ୍ଥିତିକୁ ଦେଖି ରାଜ୍ୟ ସ୍ୱାର୍ଥ ଅନୁଯାୟୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ସେପଟେ କଂଗ୍ରେସ ବିଜେଡିର ମେଣ୍ଟ ହେଉଛି ଏକ ଅସାଧୁ ମେଣ୍ଟ ବୋଲି କହିଛନ୍ତି

**ଅସାଧୁ ମେଣ୍ଟ:ବିଜେପି**

ସାଂସଦ ପ୍ରଦୀପ ପୁରୋହିତ। ସେ କହିଛନ୍ତି, କୌଣସି ଅସାଧୁ ମେଣ୍ଟ ବିଜେପିକୁ ଅଟକାଇ ପାରିବ ନାହିଁ। ପଂଚାୟତ ନିର୍ବାଚନରେ ବିଜେପି ବିଜୟ ଯାତ୍ରାକୁ ବାଧା ଦେବା ପାଇଁ ଗୋଟେ ଅସାଧୁ, ଦୁର୍ନୀତିଗସ୍ତ ଏବଂ ସୁବିଧାବାଦୀ ଲୋକଙ୍କ ମେଣ୍ଟ ହେବାର ଯୋଜନା ଆରମ୍ଭ ହୋଇଛି। ଓଡିଶା ଲୋକ ବୁଝି ଗଲେଣି ଏମାନେ ଯେତେ ଅସାଧୁ ମେଣ୍ଟ କଲେ ବି ବିଜେଡ଼ି କି କଂଗ୍ରେସ କିମ୍ବା ଅନ୍ୟ କେଉଁ ଦଳ ଏକଜୁଟ ହେଲେ ବି ଓଡିଶାବାସୀ ବିଜେପିକୁ ଆଶୀର୍ବାଦ କରିବେ।



## ଗିରିଜା ମଞ୍ଜରୀ ପାଢ଼ୀଙ୍କୁ ନୀଳମଣି ସ୍ମୃତି ସମ୍ମାନ



**ଭୁବନେଶ୍ୱର,୧୩।୪/ଏନ୍‌ଏନ୍‌ଏସ୍:** ଓଡ଼ିଶାର ଅନନ୍ୟ ଅନୁବାଦକ ତଥା 'ପୋଥି ମଣିଷ' ଭାବେ ସୁପରିଚିତ ପଣ୍ଡିତ ନୀଳମଣି ମିଶ୍ର ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ବୋଲି ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ କେଦାରନାଥ ଗବେଷଣା ପ୍ରତିଷ୍ଠାନ ପରିସରରେ ଆୟୋଜିତ ତାଙ୍କର ୯୭ତମ ଜନ୍ମ ଜୟନ୍ତୀ ସଭାରେ ପଣ୍ଡିତ ମିଶ୍ରଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱ ଉପରେ ସବିଶେଷ ଆଲୋକପାତ କରାଯାଇଥିଲା।

ଏହି ପୂଜ୍ୟପୂଜା ସମାରୋହରେ ବରିଷ୍ଠ ପ୍ରଶାସକ ରଘୁନାଥ ମିଶ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ହରିହର ହୋତା, ମୁଖ୍ୟବକ୍ତା ଭାବେ ସଂଘମିତ୍ରା ଭଞ୍ଜ ଏବଂ ସମ୍ମାନିତ ଅତିଥି ଭାବେ ଡ. ବିରଞ୍ଚି ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ଅନୁବାଦିକା ଗିରିଜା ମଞ୍ଜରୀ ପାଢ଼ୀଙ୍କୁ ସମ୍ମାନଜନକ 'ନୀଳମଣି ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ତନୟା ଦାସ ଗୋସ୍ୱାମୀ ମାନପତ୍ର ପାଠ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜୀବନ କୃଷ୍ଣ ମିଶ୍ର ଓ ବିରଞ୍ଚି ନାରାୟଣ ମିଶ୍ର ବେଦ ପାଠ କରିଥିଲେ। ସମ୍ପାଦକ ରମେଶ ପାଣି ସ୍ୱାଗତ ସୂଚନା ପ୍ରଦାନ କରିଥିବା ବେଳେ ଦେବାଶିଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ରିତେଶ କୁମାର ନାୟକ ଓ ଗାୟତ୍ରୀ ଦାସ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ କେଦାରନାଥ ମହାପାତ୍ରଙ୍କ ପୁତ୍ର ନିର୍ମଳ କୁମାର ମହାପାତ୍ର, ପଣ୍ଡିତ ମିଶ୍ରଙ୍କ ପୁତ୍ର ପ୍ରଫେସର ଶିବ କୁମାର ମିଶ୍ର, ଉପସଭାପତି ଡ. ଶକୁନ୍ତଳା ବଳିୟାରସିଂଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ

# ଭୁବନେଶ୍ୱରର ବିକାଶ ପାଇଁ ସମ୍ମିଳିତ ଉଦ୍ୟମ କରିବାକୁ ରାଜ୍ୟପାଳଙ୍କ ଆହ୍ୱାନ

**ଭୁବନେଶ୍ୱର,୧୩।୪/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱରର ବିକାଶ ସରକାର ଓ ନାଗରିକଙ୍କ ସାମୁହିକ ଦାୟିତ୍ୱ ଓ ଭୁବନେଶ୍ୱରକୁ ଉନ୍ନତିର ଉଚ୍ଚତରସ୍ତରକୁ ନେବାର ଦାୟିତ୍ୱ କେବଳ ସରକାରର ନୁହେଁ, ନାଗରିକଙ୍କ ମଧ୍ୟ ସମାନ ଦାୟିତ୍ୱ ରହିଛି। ଏଣୁ ଭୁବନେଶ୍ୱରର ବିକାଶକୁ ନୂଆ ଉଚ୍ଚତାରେ ପହଞ୍ଚାଇବା ନିମନ୍ତେ ସମ୍ମିଳିତ ଉଦ୍ୟମ ପାଇଁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ଏତଦ୍‌ବ୍ୟତୀତ ସେମାନେ ସକ୍ରିୟ ଭାବେ ନଗରର ଐତିହ୍ୟର ସଂରକ୍ଷଣ ଓ ଭବିଷ୍ୟତ ଗଠନରେ ଅବଦାନ ରଖିବାକୁ ରାଜ୍ୟପାଳ କହିଛନ୍ତି। ସୋମବାର ଉତ୍କଳ ମଣ୍ଡପରେ ଅନୁଷ୍ଠିତ ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି।



ଏହି ଅବସରରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ନାଗରିକମାନଙ୍କୁ ସ୍ଥାୟୀ ଓ ସ୍ଥିର ଜୀବନଶୈଳୀ ଗ୍ରହଣ କରି ପରିବେଶ ସଚେତନ, ପ୍ରଦୂଷଣମୁକ୍ତ ଓ ପରିଷ୍କାର ପରିଚ୍ଛନ୍ନ ମହାନଗର ଗଠନ ପାଇଁ ଆହ୍ୱାନ ଜଣାଇଥିଲେ। ସାମୂହିକ ପ୍ରୟାସ ଦ୍ୱାରା ରାଜଧାନୀକୁ ସମାବେଶୀ, ଆଧୁନିକ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି। ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ତଥା ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଥିଲେ ଯେ ଭୁବନେଶ୍ୱର ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରୁଥିବା ସହ ଆଧୁନିକ ଭାରତର ଆକାଂକ୍ଷାକୁ ସମ୍ମାନ ଦେଉଛି। ରାଜଧାନୀର ନକସା ଓ ପ୍ରତିଷ୍ଠାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଓଟ୍ଟୋ କୋଏନିଗ୍ସବର୍ଗର୍ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ଼. ହରେକୃଷ୍ଣ ମହତାବଙ୍କ ଦୂରଦର୍ଶୀ ନେତୃତ୍ୱକୁ ମଧ୍ୟ ରାଜ୍ୟପାଳ ଏହି ଅବସରରେ ସ୍ମରଣ କରିଥିଲେ। ଐତିହାସିକ ପରମ୍ପରା ଉପରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଭୁବନେଶ୍ୱର ପ୍ରାଚୀନ କଳିଙ୍ଗର ଐତିହ୍ୟରେ ଗଭୀର ଭାବେ ପ୍ରତିଫଳିତ ଏବଂ କଳିଙ୍ଗ ଯୁଦ୍ଧ ପରି ପରିବର୍ତ୍ତନକାରୀ ଘଟଣା ସହ ଜଡ଼ିତ, ଯାହା ସମ୍ରାଟ ଅଶୋକଙ୍କୁ ଶାନ୍ତିର ବାର୍ତ୍ତା ପ୍ରଚାର କରିବା ପାଇଁ ପ୍ରେରଣା ଦେଇଥିଲା। ଖାରବେଳଙ୍କ ସମୟରେ ଜୈନଧର୍ମର ବିକାଶ ଏବଂ ଉଦୟଗିରି-ଖଣ୍ଡଗିରି ଗୁମ୍ଫାର ସ୍ଥାୟୀ ଐତିହ୍ୟ ବିଷୟରେ ମଧ୍ୟ ରାଜ୍ୟପାଳ ଉଲ୍ଲେଖ କରିଥିଲେ। ଭୁବନେଶ୍ୱରକୁ 'ଭାରତର ମନ୍ଦିର ମାଳିନୀ ନଗରୀ' ଭାବେ ବର୍ଣ୍ଣନା କରି ରାଜ୍ୟପାଳ ଲିଙ୍ଗରାଜ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ରାଜାରାଣୀ ମନ୍ଦିର ଓ ପରଶୁରାମେଶ୍ୱର ମନ୍ଦିର ପରି କୀର୍ତ୍ତିରାଜିଗୁଡ଼ିକ ସ୍ଥାପତ୍ୟ ବିଦ୍ୟା ଓ ଆଧାତ୍ମିକ ଐତିହ୍ୟ ଉତ୍କର୍ଷତାର ପ୍ରତୀକ ବୋଲି କହିଥିଲେ। ପ୍ରାଚୀନ ଶିଶୁପାଳଗଡ଼ରୁ ଆରମ୍ଭ କରି ୧୯୪୮ରେ ଯୋଜନାବଦ୍ଧ ରାଜଧାନୀ ରୂପେ ପ୍ରତିଷ୍ଠା ପର୍ଯ୍ୟନ୍ତ ଏହାର କ୍ରମ ବିକାଶ ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଭୁବନେଶ୍ୱର ବର୍ତ୍ତମାନ ଶାସନ, ଶିକ୍ଷା, ପ୍ରଯୁକ୍ତି ଓ ସଂସ୍କୃତିର ଏକ ପ୍ରମୁଖ କେନ୍ଦ୍ର ରୂପେ ଉଭା ହୋଇଛି। ଏହା 'ଭାରତର କ୍ରୀଡ଼ା ରାଜଧାନୀ' ଭାବେ ମଧ୍ୟ ପରିଚିତ ହୋଇ ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କରି ଗୌରବ ଆଣୁଛି। ରାଜ୍ୟପାଳ ଅନୁକ୍ରମିକ ସରକାରଗମାନଙ୍କର ଯୋଜନାବଦ୍ଧ ସହରାଞ୍ଚଳ ବିକାଶକୁ ପ୍ରଶଂସା କରି ସ୍ମାର୍ଟ ସିଟି ମିଶନ, ଭିତ୍ତିଭୂମି ବିସ୍ତାର ଓ ଆଇଟି ଏବଂ ସେମିକଣ୍ଡକ୍ଟର୍ କ୍ଷେତ୍ରରେ ନିଆ ଯାଇଥିବା ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ କମିଟିର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଓ ସାଧାରଣ ସମ୍ପାଦକ ସନତ ମିଶ୍ର ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ କମିଶନର ଚଞ୍ଚଳ ରାଣା ଧନ୍ୟବାଦ ଅର୍ପଣ କରିଥିଲେ। ଡେପୁଟି ମେୟର୍ ମଞ୍ଜୁଲତା କହଁର ମଧ୍ୟ ଏହି ସଭାରେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଏବଂ ସମାଜର ମହନୀୟ ସେବା କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ/ ସମ୍ବର୍ଦ୍ଧିତ କରାଯାଇଥିଲା।





ପିଏମ୍‌ଜି ଛକଠାରେ ରାଜଧାନୀ ପ୍ରତିଷ୍ଠା ଦିବସର ଝଲକ୍

## 'ମାଇଁ ଭାରତ ବଜେଟ୍ କ୍ୱେଷ୍ଟ ୨୦୨୬'

# ସମୃଦ୍ଧ ଓଡ଼ିଶା ଗଠନର ମୂଳଦୁଆ ପକାଇବ ଯୁବଶକ୍ତି: ମୁଖ୍ୟମନ୍ତ୍ରୀ





**ଭୁବନେଶ୍ୱର,୧୩।୪/ଏନ୍‌ଏନ୍‌ଏସ୍:** ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆଜି ସୋଆ ବିଶ୍ୱବିଦ୍ୟାଳୟରେ ମାଇଁ ଇଣ୍ଡିଆ ବଜେଟ୍ କ୍ୱେଷ୍ଟ ୨୦୨୬ କାର୍ଯ୍ୟକ୍ରମ ଆଭାସି ମାଧ୍ୟମରେ ଆୟୋଜିତ ହୋଇଯାଇଛି। ମାଇଁ ଭାରତ ବଜେଟ୍ କ୍ୱେଷ୍ଟ କାର୍ଯ୍ୟକ୍ରମରେ ବଜେଟ୍ ସମ୍ପର୍କିତ ବିଭିନ୍ନ କୁଇଜ୍ ଓ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ଏଥିରେ ଦେଶର ୧୨ ଲକ୍ଷରୁ ଅଧିକ ଯୁବକଯୁବତୀ ଅଂଶଗ୍ରହଣ କରିଥିଲେ। ଏହି ୧୨ ଲକ୍ଷରୁ ୧୨ ହଜାର ଯୁବକ ଯୁବତୀ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିଲେ। ଓଡ଼ିଶାରୁ ୪୪୦ ଜଣ ଛାତ୍ରଛାତ୍ରୀ ପୁରସ୍କୃତ ହୋଇଛନ୍ତି।

ସୋମବାର ସୋଆ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପୁରସ୍କୃତ ୪୪୦ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଏହା ସହିତ ଆଣ୍ଡାମାନରୁ ୨୫ ଜଣ ପୁରସ୍କୃତ ଛାତ୍ରଛାତ୍ରୀ ମଧ୍ୟ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଯୁବଶକ୍ତିର ଭୂମିକା, ଦେଶ ଗଢ଼ିବାରେ ସେମାନଙ୍କର ଅବଦାନ ଓ ବଜେଟ ସଚେତନାର ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ଏହାସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ତାଙ୍କ ବାର୍ତ୍ତାରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି, ଯୁବଶକ୍ତିକୁ ସଶକ୍ତ କରିବା ଓ ବିକଶିତ ଭାରତ ଗଢ଼ିବାରେ ହୋଇଥିବା ପ୍ରୟାସ ବିଷୟରେ ଆଲୋକପାତ କରିଥିଲେ। ଭର୍ଚୁଆଲ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚମ୍ପୁଆରୁ ଯୋଗଦାନ କରି ଯୁବବର୍ଗଙ୍କୁ ଦେଶ ଓ ରାଜ୍ୟର ଭବିଷ୍ୟତ ନିର୍ମାଣରେ ସକ୍ରିୟ ଭାଗୀଦାର ହେବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମ କେବଳ ଇଭେଣ୍ଟ ନୁହେଁ ବରଂ ଏକ ଆନ୍ଦୋଳନ, ଯାହା ଯୁବବର୍ଗଙ୍କ ମଧ୍ୟରେ ଆର୍ଥିକ ସଚେତନତା ଓ ଦାୟିତ୍ୱବୋଧକୁ ବୃଦ୍ଧି କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେଶରେ ଛାତ୍ରଛାତ୍ରୀମାନଙ୍କୁ ସାଧାରଣତଃ ଅର୍ଥନୀତି, ବ୍ୟାଙ୍କିଙ୍ଗ୍ ଓ ଫାଇନାନ୍ସ ସମ୍ପର୍କିତ ପ୍ରାଥମିକ ଜ୍ଞାନ ଦିଆଯାଉନଥିବାରୁ ଭବିଷ୍ୟତରେ ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏହି ପରିପ୍ରେକ୍ଷୀରେ ମାଇଁ ଭାରତ ବଜେଟ କ୍ୱେଷ୍ଟ ପରି କାର୍ଯ୍ୟକ୍ରମ ଯୁବବର୍ଗଙ୍କୁ ଆରମ୍ଭରୁ ଆର୍ଥିକ ବ୍ୟବସ୍ଥା, ଫିନ୍‌ଟେକ୍ ଓ ନୂତନ ପ୍ରଯୁକ୍ତି ସମ୍ପର୍କରେ ସଚେତନ କରିବ। ଯୁବବର୍ଗଙ୍କ ଉନ୍ନତି ପାଇଁ ଓଡ଼ିଶା ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା କରିଥିବା କଥା ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରି କହିଥିଲେ ଯେ ଚଳିତ ବର୍ଷ କ୍ରୀଡ଼ା ବଜେଟ୍ ୧,୩୫୯ କୋଟି ଟଙ୍କା କରାଯାଇଥିବା ବେଳେ ସ୍କିଲ୍ ଡେଭଲପ୍‌ମେଣ୍ଟ ପାଇଁ ୧,୮୨୩ କୋଟି ଟଙ୍କା ଓ ମହିଳା ସଶକ୍ତୀକରଣ ପାଇଁ ୧,୮୯୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସମ୍ବଲପୁର ଓ ବ୍ରହ୍ମପୁରରେ ବିଶ୍ୱସ୍ତରୀୟ ଦକ୍ଷତା କେନ୍ଦ୍ର ସ୍ଥାପନ କରାଯିବାକୁ ଯୋଜନା ରହିଛି ଏବଂ ଆଇଟି, ଏଗ୍ରି-ଟେକ୍, ଏ.ଆଇ., ଲଜିଷ୍ଟିକ୍ ଓ ଆଡଭାନ୍ସଡ୍ ମାନୁଫାକ୍‌ଚରିଂ ପରି କ୍ଷେତ୍ରରେ ଯୁବମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଓଡ଼ିଶା ବର୍ତ୍ତମାନ କ୍ରୀଡା କ୍ଷେତ୍ରରେ ଏକ ଗ୍ଲୋବାଲ୍ ସ୍ପୋର୍ଟ୍ସ ହବ୍ ଭାବେ ଉଭା ହେଉଛି। ୨୦୨୮ରେ ବିଶ୍ୱ ଇଣ୍ଡୋର ଆଥ୍ଲେଟିକ୍ସ ଚମ୍ପିଅନ୍‌ଶିପ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିଅମରେ ଆୟୋଜିତ ହେବା, ଓଡ଼ିଶା ପାଇଁ ଏକ ଗର୍ବର ବିଷୟ। ଏହା ସହିତ ଏସିଆନ୍ ଇଣ୍ଡୋର ଆଥ୍ଲେଟିକ୍ସ ଚ୍ୟାମ୍ପିଅନ୍‌ଶିପ୍ ପାଇଁ ମଧ୍ୟ ଓଡ଼ିଶା ପକ୍ଷରୁ ପ୍ରସ୍ତାବ ଦିଆଯାଇଛି, ଯାହା ରାଜ୍ୟକୁ ଆନ୍ତର୍ଜାତିକ କ୍ରୀଡା ମଞ୍ଚରେ ଆହୁରି ଶକ୍ତିଶାଳୀ କରିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମର ଯୁବବର୍ଗ ପଢ଼ାଶେଷରେ ସହଜରେ ନିଯୁକ୍ତି ଯୋଗ୍ୟ ହେବା ପାଇଁ ପି.ଏମ୍. ସେତୁ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହାସହିତ ଓଡ଼ିଶା ସରକାର ସିଏମ ଅପ୍ସାୟାର , ସୁଦକ୍ଷ, ଉତ୍କର୍ଷ ଆଇ.ଟି.ଆଇ ଓ ସେଣ୍ଟର୍ ଅଫ୍ ଏକ୍ସଲେନ୍ସ ପରି ବିଭିନ୍ନ ଯୋଜନା ମାଧ୍ୟମରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କରୁଛନ୍ତି।

ନାରୀ ସଶକ୍ତିକରଣକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ନାରୀଶକ୍ତି ବନ୍ଦନ ଅଧିନିୟମକୁ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ଯେ, ଏହା ଭାରତୀୟ ଗଣତନ୍ତ୍ରକୁ ଆହୁରି ସଶକ୍ତ କରିବ। ସେ ଯୁବବର୍ଗଙ୍କୁ ଏହି ପ୍ରୟାସକୁ ସମର୍ଥନ କରି ନାରୀ ଶକ୍ତି ପ୍ରତି ସମ୍ମାନ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଶେଷ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ସେମାନଙ୍କ ଭିତରେ ତେଜସ୍ୱିନୀ ରାଜ, ଚନ୍ଦ୍ରପ୍ରସାଦ ପଣ୍ଡା ଓ ଓମ୍‌ପ୍ରକାଶ ରଥ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଗତିଶୀଳ ଓଡ଼ିଶା ଓ ଭାରତବର୍ଷରେ ନାରୀମାନଙ୍କ ଭୂମିକା, କ୍ରୀଡ଼ା କ୍ଷେତ୍ରରେ ସରକାରଙ୍କ ଆଭିମୁଖ୍ୟ ଓ ସ୍କିଲ୍ ଡେଭ୍‌ଲେପ୍‌ମେଣ୍ଟର ଉପଯୋଗିତା ସମ୍ପର୍କରେ ପ୍ରଶ୍ନ ପଚାରିଥିଲେ ଓ ମୁଖ୍ୟମନ୍ତ୍ରୀ ସେମାନଙ୍କ ଉତ୍ତର ରଖିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯୁବବର୍ଗଙ୍କ ପାଇଁ ରାଜ୍ୟ ସରକାର ଶିକ୍ଷା, ଦକ୍ଷତା ବିକାଶ ଓ କ୍ରୀଡ଼ା ଉପରେ ଫୋକସ୍ ରଖିଛନ୍ତି। ଏହି ତିନୋଟି କ୍ଷେତ୍ରରେ ଓଡ଼ିଶାର ଯୁବବର୍ଗ ବିଶ୍ୱସ୍ତରୀୟ ଦକ୍ଷତା ହାସଲ କରିବେ ଏବଂ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତର ନେତୃତ୍ୱ ନେବାରେ ଆମର ଯୁବଗୋଷ୍ଠୀ ସଫଳ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ ଭର୍ଚୁଆଲ୍ ମାଧ୍ୟମରେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇ କହିଥିଲେ ଯେ ୨୦୪୭ ସୁଦ୍ଧା ଏକ 'ବିକଶିତ ଭାରତ' ଗଠନ ଦିଗରେ ଯୁବପିଢ଼ିଙ୍କର ଅନେକ ଦାୟିତ୍ୱ ରହିଛି। ଏହା ସହିତ ସେ 'ବଜେଟ୍ କ୍ୱେଷ୍ଟ'ର ଆବଶ୍ୟକତା ବିଷୟରେ ଆଲୋକପାତ କରି 'ମାଇଁ ଭାରତ' ପ୍ଲାଟଫର୍ମ କିଭଳି ଯୁବପିଢ଼ିଙ୍କ ଭବିଷ୍ୟତ ଗଢ଼ିବାରେ ସହାୟକ ହେଉଛି, ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ବିଭାଗର କମିଶନର୍ ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପି.କେ ନନ୍ଦ ଏବଂ ଭୁବନେଶ୍ୱର ଏନଏସଏସର ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ଜମୁଛି ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

# ମିଳୁଛି ୭୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି

**ଭୁବନେଶ୍ୱର,୧୩।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଜନତା ମୈଦାନଠାରେ ଅନୁଷ୍ଠିତ ତ୍ରୟୋଦଶ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଆଜି ଚତୁର୍ଥ ଦିନରେ ପହଞ୍ଚିଛି। ଏହି ଅବସରରେ ମେଳା ପ୍ରାଙ୍ଗଣରେ ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଥିଲା। ପ୍ରତ୍ୟେକ ଦିନ ୧୫,୦୦୦ ରୁ ଉର୍ଦ୍ଧ୍ୱ ଲୋକ ଏଠାକୁ ଆସି କିଣାକିଣି କରୁଥିବା ଦେଖାଯାଉଛି। ଏହି ମେଳାଟି ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱାରା ଆୟୋଜିତ ହୋଇଛି। ଏଥର ବାଣିଜ୍ୟ ମେଳାରେ ଦେଶୀ ଓ ବିଦେଶୀ ସାମଗ୍ରୀର ଏକ ବିଶାଳ ସମ୍ଭାର ଲାଗିଛି। ମୁଖ୍ୟ ଆକର୍ଷଣ ସାଜିଥିବା ସାମଗ୍ରୀଗୁଡ଼ିକ ମଧ୍ୟରେ କାଶ୍ମୀରର ଖୋଦେଇ କରାଯାଇଥିବା ଆସବାବପତ୍ର, ପୁରାତନ ଆସବାବପତ୍ର, ସୋଫାସେଟ ଓ ଡାଇନିଂସେଟ ଅନ୍ତର୍ଭୁକ୍ତ। ଆନ୍ତର୍ଜାତୀୟ ସ୍ତରରୁ ଆଫଗାନିସ୍ତାନର ୧୦୦ ପ୍ରକାରର ଶୁଖିଲା ଫଳ, ବାଂଲାଦେଶର ହ୍ୟାଣ୍ଡଲୁମ ଜମଦାନୀ ଶାଢ଼ି, ଇରାନର ଖଜୁରୀ, ଗହଣା ଓ ହର୍ବାଲ ତେଲ ଏବଂ ଦୁବାଇର ଅତର ଓ ପରିଧାନ ମେଳାର ଶୋଭା ବଢ଼ାଉଛି। ଏଥିସହିତ ଥାଇଲାଣ୍ଡର ଗହଣା ଓ ପୋଷାକ, କୋରିଆର ମହିଳା ପ୍ରସାଧନ ସାମଗ୍ରୀ, ସିଙ୍ଗାପୁରର ସାମଗ୍ରୀ ଏବଂ ମାଲୟେସିଆର ଫାଉଣ୍ଟେନ ଦର୍ଶକଙ୍କୁ ବେଶ ଆକର୍ଷିତ କରୁଛି। ଭାରତୀୟ ଶିଳ୍ପ ମଧ୍ୟରେ ଉତ୍ତରପ୍ରଦେଶର ପେର୍ସିଆନ ଓ ଭାଦୋହି ଗାଲିଚା, ଆଣ୍ଟିକ କଂସା ଓ ପିତଳ ପଦାର୍ଥ, ପଶ୍ଚିମବଙ୍ଗର ଚମଡ଼ା ଜିନିଷ ଏବଂ ଓଡ଼ିଶା, ପଞ୍ଜାବ, ବନାରସ ଓ ଜୟପୁରର ଶାଢ଼ି ଉପଲବ୍ଧ ହେଉଛି। ଗ୍ରାହକଙ୍କ ପାଇଁ ଏହି ସବୁ ଜିନିଷ ଉପରେ ୩୦ ରୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ମିଳୁଛି। ଗ୍ରାହକ ଓ ପ୍ରଦର୍ଶକଙ୍କ ସୁବିଧା ପାଇଁ ସମ୍ପୂର୍ଣ୍ଣ ମେଳା ପ୍ରାଙ୍ଗଣକୁ ଶୀତତାପ ନିୟନ୍ତ୍ରିତ କରାଯାଇଥିବା ବେଳେ ସୁରକ୍ଷା ପାଇଁ ସିସିଟିଭି ବ୍ୟବସ୍ଥା କରାଯାଇଛି। ଖାଦ୍ୟପ୍ରେମୀଙ୍କ ପାଇଁ ଏଠାରେ ଚମ୍ପାରଣ ମଟନ ଓ ବାକଲାଭା ପେଷ୍ଟ୍ରି ଭଳି ଅନେକ ସୁସ୍ୱାଦୁ ଖାଦ୍ୟର ପସରା ମେଲିଛି। ଏହା ବ୍ୟତୀତ ନାମୀଦାମୀ ଅଟୋମୋବାଇଲ ଏବଂ ବିଲଡ଼ର ମାନଙ୍କର ପ୍ରଦର୍ଶନୀ ମଧ୍ୟ ଲୋକଙ୍କୁ ଆକର୍ଷିତ କରୁଛି। ଏହି ମେଳା ଆସନ୍ତା ଏପ୍ରିଲ ୨୦ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ଅପରାହ୍ନ ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଜାରି ରହିବ। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପକ୍ଷରୁ ସମସ୍ତଙ୍କୁ ଏହି ଅନ୍ତର୍ଜାତୀୟ ପ୍ରଦର୍ଶନୀର ଲାଭ ଉଠାଇବାକୁ ଅନୁରୋଧ କରାଯାଇଛି।




# ଗ୍ରୀଷ୍ମ ଋତୁରେ ଯାତ୍ରୀ ସୁବିଧା ପାଇଁ ରେଳବାଇର ଅଧିକ ସ୍ୱତନ୍ତ୍ର ଟ୍ରେନ୍

**ଭୁବନେଶ୍ୱର,୧୩।୪/ଏନ୍‌ଏନ୍‌ଏସ୍:** ଗ୍ରୀଷ୍ମ ଋତୁରେ ବୃଦ୍ଧିପାଉଥିବା ଯାତ୍ରୀ ଭିଡ଼କୁ ସୁଚାରୁ ଭାବେ ପରିଚାଳନା କରିବା ଏବଂ ଯାତ୍ରାକୁ ସୁଗମ ଓ ସହଜ କରିବା ପାଇଁ ଭାରତୀୟ ରେଳବାଇ ଅଧିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ଚଲାଇବାକୁ ନିଷ୍ପତ୍ତି ନେଇଛି। ଏହି ଟ୍ରେନଗୁଡ଼ିକ ଆନନ୍ଦ ବିହାର-ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର-କୋଲକାତା, ବିଶାଖାପାଟଣା-ଶାଳିମାର, ସମ୍ବଲପୁର-ଶାଳିମାର, ପାଟନା-ଖୋର୍ଦ୍ଧା ରୋଡ୍ ଏବଂ ପୁରୀ-ପାଟନା ପରି ପ୍ରମୁଖ ଗନ୍ତବ୍ୟସ୍ଥଳଗୁଡ଼ିକୁ ସଂଯୋଗ କରିବ। ଏହି ସ୍ୱତନ୍ତ୍ର ସେବାଗୁଡ଼ିକର ଉଦ୍ଦେଶ୍ୟ ହେଉଛି ବ୍ୟସ୍ତବହୁଳ ଛୁଟିଦିନ ସମୟରେ ଯାତ୍ରୀମାନଙ୍କ ପାଇଁ ଉନ୍ନତ ସଂଯୋଗ ଏବଂ ଅଧିକ ଯାତ୍ରା ସୁବିଧା ପ୍ରଦାନ କରିବା। ୦୪୦୬୬ ଆନନ୍ଦ ବିହାର ଟର୍ମିନାଲ - ଖୋର୍ଦ୍ଧା ରୋଡ୍ ସ୍ୱତନ୍ତ୍ର ୨୦ ଏପ୍ରିଲରୁ ୧୧ ମେ' ୨୦୨୬ ପର୍ଯ୍ୟନ୍ତ ପ୍ରତି ସୋମବାର ରାତି ୧୨ଟା ୩୦ରେ ଆନନ୍ଦ ବିହାର ଟର୍ମିନାଲରୁ ଛାଡ଼ିବ ଏବଂ ମଙ୍ଗଳବାର ୧୧ଟା ୩୦ରେ ଖୋର୍ଦ୍ଧା ରୋଡ୍‌ରେ ପହଞ୍ଚିବ। ୦୪୦୬୫ ଖୋର୍ଦ୍ଧା ରୋଡ୍ - ଆନନ୍ଦ ବିହାର ଟର୍ମିନାଲ୍ ସ୍ପେଶାଲ୍ ୨୧ ଏପ୍ରିଲ୍‌ରୁ ୧୨ ମେ ୨୦୨୬ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର ଅପରାହ୍ଣ ୧୫ଟା ୩୦ରେ ଖୋର୍ଦ୍ଧା ରୋଡ୍‌ରୁ ଛାଡ଼ିବ ଏବଂ ଗୁରୁବାର ଭୋର ୩ଟା ୪୦ରେ ଆନନ୍ଦ ବିହାର ଟର୍ମିନାଲ୍‌ରେ ପହଞ୍ଚିବ। ୦୮୪୦୧ ଭୁବନେଶ୍ୱର - କୋଲକାତା ସ୍ପେଶାଲ୍ ୧୪ ଏପ୍ରିଲ୍‌ରୁ ୨୮ ଏପ୍ରିଲ୍ ୨୦୨୬ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର ରାତି ୧୨ଟା ୫୦ରେ ଭୁବନେଶ୍ୱରରୁ ଛାଡ଼ିବ ଏବଂ ସେହି ଦିନ ୧୧ଟା ୩୦ରେ କୋଲକାତାରେ ପହଞ୍ଚିବ। ୦୮୪୦୨ କୋଲକାତା - ଭୁବନେଶ୍ୱର ସ୍ପେଶାଲ୍ ୧୪ ଏପ୍ରିଲ୍‌ରୁ ୨୮ ଏପ୍ରିଲ୍ ୨୦୨୬ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର ସନ୍ଧ୍ୟା ୧୭ଟା ୧୦ରେ କୋଲକାତାରୁ ଛାଡ଼ିବ, ପରଦିନ ରାତି ୧୨:୪୫ ରେ ଭୁବନେଶ୍ୱରରେ ପହଞ୍ଚିବ। ୦୮୫୦୨ ବିଶାଖାପାଟଣା—ଶାଳିମାର ସ୍ପେଶାଲ୍ ଟ୍ରେନ ୨୪ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର ଚଳାଚଳ କରିବ। ସେହିପରି ୦୮୫୦୩ ଶାଳିମାର୍-ବିଶାଖାପାଟଣା ସ୍ପେଶାଲ୍ ଟ୍ରେନ୍ ୨୫ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ପ୍ରତି ଶନିବାର ଚଳାଚଳ କରିବ। ୦୮୩୦୧ ସମ୍ବଲପୁର - ଶାଳିମାର ସ୍ପେଶାଲ୍ ୧୫ ଏପ୍ରିଲରୁ ୨୯ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ପ୍ରତି ବୁଧବାର ଏବଂ ୦୮୩୦୨ ଶାଳିମାର - ସମ୍ବଲପୁର ସ୍ପେଶାଲ୍ ୧୬ ଏପ୍ରିଲରୁ ୩୦ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ପ୍ରତି ଗୁରୁବାର ଚଳାଚଳ କରିବ। ୦୩୨୩୦ ପାଟନା - ଖୋର୍ଦ୍ଧା ରୋଡ୍ ସ୍ପେଶାଲ୍ ୧୪ ମେ ୨୦୨୬ ପର୍ଯ୍ୟନ୍ତ ପ୍ରତି ଗୁରୁବାର ଚଳାଚଳ କରିବ। ସେହିପରି ୦୩୨୨୯ ଖୋର୍ଦ୍ଧା ରୋଡ୍ - ପାଟନା ସ୍ପେଶାଲ୍ ପ୍ରତି ଶୁକ୍ରବାର ୨୦୨୬ ମଧ୍ୟ ମେ ମାସ ପର୍ଯ୍ୟନ୍ତ ଚଳାଚଳ କରିବ। ୦୮୪୩୯ ପୁରୀ - ପାଟନା ସ୍ପେଶାଲ୍ ପ୍ରତି ଶନିବାର ୧୬ ମେ ୨୦୨୬ ପର୍ଯ୍ୟନ୍ତ ଚାଲିବ ଏବଂ ୦୮୪୪୦ ପାଟନା - ପୁରୀ ସ୍ପେଶାଲ୍ ପ୍ରତି ରବିବାର ୧୫ ମେ ୨୦୨୬ ପର୍ଯ୍ୟନ୍ତ ଚଳାଚଳ କରିବ। ଯାତ୍ରୀମାନଙ୍କୁ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଭାରତୀୟ ରେଳବାଇର ସରକାରୀ ୱେବସାଇଟ୍ କିମ୍ବା ନିକଟସ୍ଥ ରେଳ ଷ୍ଟେସନରେ ସର୍ବଶେଷ ଟ୍ରେନ୍ ସମୟସୂଚୀ ଏବଂ ଉପଲବ୍ଧତା ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ଏହି ଅତିରିକ୍ତ ସେବାଗୁଡ଼ିକ ଯାତ୍ରୀମାନଙ୍କ ପାଇଁ ନିରାପଦ, ଆରାମଦାୟକ ଏବଂ ଅସୁବିଧାମୁକ୍ତ ଯାତ୍ରା ସୁନିଶ୍ଚିତ କରିବା ପାଇଁ ଭାରତୀୟ ରେଳବାଇର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।



# ଇଂରାଜୀ ନବବର୍ଷରେ ମାଳ ମାଳ ବ୍ୟାନର୍, ଓଡ଼ିଆ ନବବର୍ଷରେ ଗୋଟିଏ ନାହିଁ

**ଟାଙ୍ଗୀ,୧୩।୪/ଏନ୍ଏନ୍ଏସ୍:** ଇଂରାଜୀ ନବବର୍ଷ ଆସିଲେ ମାସ ମାସ ଆଗରୁ ଗାଁ ଗଣ୍ଡାରୁ ଆରମ୍ଭ କରି ଛକ ବଜାରର ଖୋଲା ସ୍ଥାନରେ ନେତାମାନଙ୍କର ବଡ଼ ବଡ଼ ତୋରଣ ସହ ମାଳ ମାଳ ବ୍ୟାନର ଦେଖିବାକୁ ମିଳିଥାଏ। ଏମିତି କି ବ୍ୟାନର ମାରିବାକୁ ଏକରକମ ପ୍ରତିଯୋଗିତା ଦେଖିବାକୁ ମଧ୍ୟ ମିଳିଥାଏ। ହେଲେ ଆମ ଓଡ଼ିଆ ନବବର୍ଷ ଆସିଲେ ସତେ ଯେମିତି ନେତାମାନେ ଭୁଲି ଯାଆନ୍ତି ସେଭଳି ଜଣାପଡ଼େ। ଏହି ଓଡ଼ିଆ ନବବର୍ଷ ପ୍ରତି ଆନ୍ତରିକତା ଦେଖିବାକୁ ମିଳେ ନାହିଁ କି ଗୋଟିଏ ହେଲେ ବ୍ୟାନର୍ ବା ହୋର୍ଡିଂ ଦେଖିବାକୁ ମିଳେ ନାହିଁ। ସତେ ଯେମିତି ଓଡ଼ିଆ ନବବର୍ଷ କେବଳ ପଞ୍ଜିକାରେ ଓ କ୍ୟାଲେଣ୍ଡରରେ ସୀମିତ ରହିଛି, ସେଭଳି ଲାଗେ। ଓଡ଼ିଆ ଅସ୍ମିତା ପାଇଁ ଡେଙ୍ଗୁରା ପିଟୁଥିବା ନେତାମାନେ ଟାଙ୍ଗୀ ଅଞ୍ଚଳରେ ଓଡ଼ିଆ ନବବର୍ଷ ନଥିବା ଭଳି ମନେ କରନ୍ତି। ଖାଲି ନେତା ନୁହେଁ, ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବର ମାନେ ମଧ୍ୟ ଇଂରାଜୀ ନବବର୍ଷରେ ଯେଉଁଭଳି ଭାବରେ ବ୍ୟାନର ଲଗାଇଥାନ୍ତି, ଓଡ଼ିଆ ନବବର୍ଷରେ ତାହା ଦେଖିବାକୁ ମିଳେ ନାହିଁ। ଯାହାକୁ ନେଇ ବୁଦ୍ଧିଜୀବୀ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ ଆମେ ଓଡ଼ିଆ ହୋଇ ଆମ ଜାତିର ପରମ୍ପରା ଓ ସଂସ୍କୃତିକୁ ଭୁଲିଯିବାକୁ ସାଧାରଣ ନାଗରିକ ସହଜରେ ପସନ୍ଦ କରିନାହାନ୍ତି। ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଏଥିନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ଜଣାପଡ଼ିଛି।

# ସେଣ୍ଟ୍ ଜାଭିୟର୍ସ ସିନିଅର୍ ସ୍କୁଲ୍‌ର ବାର୍ଷିକ ଉତ୍ସବ



**କଣ୍ଟାପଡ଼ା,୧୩।୪/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଳକ ଅନ୍ତର୍ଗତ ଇଚ୍ଛାପୁର ସେଣ୍ଟ ଜାଭିଏର୍ସ ସିନିୟର ସେକେଣ୍ଡାରୀ ସ୍କୁଲର ବାର୍ଷିକ ଉତ୍ସବ ୨୦୨୬ବହୁ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡଃ କୁମରବର ଦାସ, ମୁଖ୍ୟବକ୍ତା ପ୍ରମେୟର ସମ୍ପାଦକ ସୁବାସ ଚନ୍ଦ୍ର ଶତପଥୀ ଓ ସମ୍ମାନିତ ଅତିଥି ଭାବରେ ଡି.ଏ.ଭି ପବ୍ଲିକ ସ୍କୁଲର ପ୍ରାକ୍ତନ ଅଧ୍ୟକ୍ଷ ଭୋଳାନାଥ ମହନ୍ତ ପ୍ରମୁଖ ଯୋଗଦେଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ଜାଳି ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ମିର ଅବଦୁଲ କଲିମ ବାର୍ଷିକ ବିବରଣୀ ପାଠ କରିଥିଲାବେଳେ ବିଦ୍ୟାଳୟର ଚେୟାରମ୍ୟାନ୍ ଇଂ ଜ୍ୟୋତିପ୍ରକାଶ ଲେଙ୍କା, ନିର୍ଦ୍ଦେଶିକା ସରିତା ଜୟନ୍ତୀ ଲେଙ୍କା, ନିର୍ଦ୍ଦେଶକ ରଶ୍ମିକାନ୍ତ ବାରିକ, କଣ୍ଟାପଡା ବ୍ଲକ୍ ସରପଞ୍ଚ ସଂଘ ସଭାପତି ସଂଜୟ କୁମାର ରାଉତରାୟଙ୍କ ଉପସ୍ଥିତିରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଉପାଧ୍ୟକ୍ଷ ବିବେକାନନ୍ଦ ଦାସ ଓ ଉପସ୍ଥିତ ଅତିଥିମାନଙ୍କଦ୍ୱାରା ବ୍ଳକସ୍ତରୀୟଓ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଭାମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ନିର୍ଦ୍ଦେଶକ ଓ ନିର୍ଦ୍ଦେଶିକା ବିଦ୍ୟାଳୟରେ କାର୍ଯ୍ୟରତ ପରିବହନ କର୍ମଚାରୀ, ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ନିଷ୍ପାପର ସେବା ଯୋଗୁଁ ତାଙ୍କୁ ମଧ୍ୟ ଉତ୍ତରୀୟ, ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଶେଷରେ ଶିକ୍ଷକ କପିଳେଶ୍ୱର ନନ୍ଦ ଧନ୍ୟବାଦ ଦେଇଥିଲେ।

# ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି



**ଅସ୍ତରଙ୍ଗ,୧୩।୪/ଏନ୍ଏନ୍ଏସ୍:** କାକଟପୁର ବ୍ଲକ ସଭା ଗୃହରେ ବିଭାଗୀୟ ଅଧିକାରୀ ମାନଙ୍କ ଉପସ୍ଥିତ ରେ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। କାକଟପୁର ବ୍ଲକ ବିଡ଼ିଓ ନାରାୟଣ ଦୀକ୍ଷିତଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସଚିନ ପଟେଲ, ଡେପୁଟି କଲେକ୍ଟର ଅନୁଶ୍ରଭ ଗନ୍ତାୟତ, ଡେପୁଟି କଲେକ୍ଟର ଜୁଡ଼ିସିଆଲ ବିବେକାନନ୍ଦ ସାହୁ, ଏବିଡ଼ିଓ ଜୟଶ୍ରୀ ମିଶ୍ର, ଆସିଷ୍ଟାଣ୍ଟ ଇଞ୍ଜିନିୟର ସନ୍ତୋଷ କୁମାର ସେଠୀ, କାକଟପୁର ତହସିଲଦାର ଅଙ୍କିତା ଅନନ୍ଦିତା, ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଅଧିକାରୀ ପ୍ରଭାତ ଚନ୍ଦ୍ର ବେହେରା, ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ତପନ କୁମାର ନାୟକ, ଗ୍ରାମ ଉର୍ନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ତ୍ରିଲୋଚନ ପାତ୍ର, ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, ସମସ୍ତ ବିଭାଗର ଅଧିକାରୀମାନେ ଓ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତର ଜନପ୍ରତିନିଧିମାନେ ଯୋଗଦେଇ ପଞ୍ଚାୟତ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଦାବି କରିଥିଲେ। ଶିବିରରେ ୩୯ଗୋଟି ଅଭିଯୋଗ ମଧ୍ୟରୁ ୧୧ଟିର ଫଇସଲା ହୋଇଥିଲା। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୋଗର ଫଇସଲା କରାଯିବ ବୋଲି ଅତିରିକ୍ତ ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ।

# ହୃଦ୍‌ଘାତରେ ରୋଷେୟାଙ୍କ ମୃତ୍ୟୁ

**ନିଶ୍ଚିନ୍ତକୋଇଲି,୧୩।୪/ଏନ୍ଏନ୍ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଗ୍ରାମପଂଚାୟତ ଜମରା ଗ୍ରାମର ଜଣେ ସୁନାମଧନ୍ୟ ରୋଷେୟା ବରଦା ପ୍ରସନ୍ନ ଶତପଥି(୬୫)ଙ୍କର ହୃଦଘାତ ଜନିତ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ହୋଇଥିଲା। ଗତ କିଛି ଦିନ ହେବ ସେ ଅସୁସ୍ଥ ହୋଇ ଚିକିତ୍ସାଧିନ ଥିଲେ। ବିଭିନ୍ନ ପର୍ବପର୍ବାଣୀ, ବିବାହ, ବ୍ରତ ଭୋଜିରେ ସେ ରୋଷେୟା ଭାବେ କାର୍ଯ୍ୟ କରି ଏ ଅଞ୍ଚଳରେ ବେଶ୍ ପରିଚିତ ହୋଇଥିଲେ। ଶୋକାକୁଳ ପରିବେଶରେ ତାଙ୍କ ମରଶରୀରକୁ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା। ତାଙ୍କର ଜ୍ୟେଷ୍ଠପୁତ୍ର ଲଲାଟେନ୍ଦୁ ଶତପଥି ମୁଖାଗ୍ନି ଦେଇଥିଲେ।

# କୋମଣ୍ଡ ଦଣ୍ଡରେ ପୂଜା ପାଇଲେ ୧୦୮ ଦଣ୍ଡମୁଠି



**ଓଡ଼ଗାଁ,୧୩।୪/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଳକ ଅନ୍ତର୍ଗତ କୋମଣ୍ଡରେ ସୋମବାର ପବିତ୍ର ମେରୁଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି।କୋମଣ୍ଡ ବଧି ପୋଖରି ନିକଟରେ ଲୁକାୟିତ ଭାବେ ରହିଥିବା ୧୦୮ ଦାଣ୍ଡକୁ ଉଜ୍ଜୀବିତ କରି ସର୍ବ ସମ୍ମୁଖରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ମହା ଉତ୍ସବ କାଳରେ ଝୁଣାର ମହକରେ ପୋଖରୀ ତୁଠ ମହକିତ ହୋଇଥିବାବେଳେ ଢୋଲ ଓ ଝାଞ୍ଜ ନାଦରେ ପ୍ରକମ୍ପିତ ହୋଇଥିଲା ସମଗ୍ର ଗାଆଁଦାଣ୍ଡ। ଏହାକୁ ଦେଖିବାଲାଗି ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଦଣ୍ଡଯାତ୍ରା ଦଳର ସାମୂହିକ ଗ୍ରାମ୍ୟ ପରିକ୍ରମା କାଳରେ ପ୍ରତ୍ୟେକ ଘର ସମ୍ମୁଖରେ ପୂର୍ଣ୍ଣକୁମ୍ଭ ଦୃଶ୍ୟମାନ ହେବାସହ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏଥିସହ ଦଣ୍ଡଦଳର ଧୂଳିଦଣ୍ଡ, ପାଣିଦଣ୍ଡ,ଅଗ୍ନିଦଣ୍ଡ,ସନ୍ଧ୍ୟା ଆଳତି ଆଦି କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କୋମଣ୍ଡ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଆଧାତ୍ମିକ କାର୍ଯ୍ୟକ୍ରମ ପରିଚାଳନାରେ ଗାଁ କମିଟି ସଭାପତି ରବୀନ୍ଦ୍ର ନାଥ ଦାସ,ସମ୍ପାଦକ ଦୁର୍ଗାଚରଣ ପଣ୍ଡା, ସରପଞ୍ଚ ଦୀପିକା ସେଠୀ, ସମିତିସଭ୍ୟା ମୀରା ନାୟକ, ସମାଜସେବୀ ତଥା ମୁଖ୍ୟ ପରିଚାଳକ ସନ୍ତୋଷ କୁମାର ସେଠୀ, ପ୍ରଶାନ୍ତ କୁମାର ମିଶ୍ର,ଡଙ୍କନାଶନ ମନ୍ଦିର ଟ୍ରଷ୍ଟି ଭଗବାନ ପ୍ରଧାନ ଓ ସମସ୍ତ ଗ୍ରାମବାସୀ ସକ୍ରିୟ ସହଯୋଗ କରୁଥିବା ଦେଖିବାକୁ ମିଳିଥିଲା। ଓଡ଼ଗାଁ ଆଦର୍ଶଥାନା ପକ୍ଷରୁ ଶୃଙ୍ଖଳା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବାବେଳେ ରାତିରେ ଗାଁରେ ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିବା ଜଣାପଡ଼ିଛି।

# ଉପାସନାର ପର୍ବ ଦଣ୍ଡଯାତ୍ରା ଉଦ୍‌ଯାପିତ



**ନୟାଗଡ଼,୧୩।୪/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଦଣ୍ଡପର୍ବରେ ଉତ୍ସବମୁଖର ହୋଇପଡିଥିବା ବେଳେ ୧୩ ଦିନଧରି ଚାଲିଥିବା ଦଣ୍ଡ ଯାତ୍ରା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଧୂଳି ଦଣ୍ଡ, ପାଣିଦଣ୍ଡ ଓ ନିଆଁଦଣ୍ଡରେ ତେରଭକ୍ତାଙ୍କ ବିଭିନ୍ନ ଦଣ୍ଡଖେଳ ପ୍ରଦର୍ଶନ ସହ ଉପାସନାର ପର୍ବ ଦଣ୍ଡଯାତ୍ରା ଦଣ୍ଡୁଆଙ୍କ ପାଇଁ ବଡ଼ କଷ୍ଟକର ସାଧନା।ଦିନକୁ ଥରେ ମାତ୍ର କେବଳ ରାତିରେ ପଣା ସାରି ଠାକୁରଙ୍କ ଉପାସନାରେ ନିଷ୍ଠାର ସହ ନିମଗ୍ନ ରହି ଠାକୁରଙ୍କୁ ଧରି ନିମନ୍ତ୍ରଣ କ୍ରମେ ବିଭିନ୍ନ ଗାଁ ପରିକ୍ରମା କରିଥାନ୍ତି। ତେବେ ଦଣ୍ଡଯାତ୍ରାର ଶେଷଦିନରେ କାମନାଘର କୋଠିରେ ଉଦୁଉଦିଆ ଖରା ତାତିରେ ରାସ୍ତାରେ ବିଭିନ୍ନ ଦଣ୍ଡ ଖେଳ ପ୍ରଦର୍ଶନ କରି ଭକ୍ତମାନଙ୍କ ମନୋରଞ୍ଜନ କରି ଉତ୍ସାହିତ କରିଥାନ୍ତି। ଏହି ଅବସରରେ ଜିଲ୍ଲାର ଶ୍ରେଷ୍ଠ ଲୋକକଳା ଦଣ୍ଡନୃତ୍ୟ ବିଭିନ୍ନ ଗ୍ରାମରେ ରାତିରେ ପ୍ରଦର୍ଶିତ ହୋଇଥାଏ। ଚଢ଼େଇଆ ଚଢ଼େୟାଣୀ, ଶବର ଶବରୁଣି, ପତ୍ରସଉରା, ଯୋଗିଯୋଗିଆଣୀ, କେଳାକେଲୁଣି ଆଦି ନୃତ୍ୟ ଲୋକମାନେ ରାତିସାରା ବସି ଉପଭୋଗ କରିଥାନ୍ତି। ମୁଖ୍ୟତଃ ଶିବ ଉପାସନାରେ ଶୈବ ଧର୍ମ ଓ ଶାକ୍ତ ଧର୍ମର ପ୍ରଚାର ପ୍ରସାର କରିବା ଦଣ୍ଡପର୍ବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଦଣ୍ଡ ଉପାସନା ଆଖ୍ୟାନରୁ ଜଣାଯାଏ। ତେବେ ନିଷ୍ଠା,କାଷ୍ଠା ଓ ଉପାସନାର ପର୍ବ ଦଣ୍ଡପର୍ବ ମେରୁ ପର୍ବରେ ଉଦ୍‌ଯାପିତ ହୋଇଯାଇଛି।

# ବ୍ଲକ୍‌ସ୍ତରୀୟ ଖାଦ୍ୟ ମେଳା

**ଖଣ୍ଡପଡ଼ା,୧୩।୪/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଳକ ଅଧୀନ ଶିଖରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ପାଳନ ଅବସରରେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଓ ବ୍ଲକ ପ୍ରଶାସନର ସହଯୋଗରେ ବ୍ଲକସ୍ତରୀୟ ପାରମ୍ପରିକ ଖାଦ୍ୟ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡା ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ଯ ଅତିଥି ରୁପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଖଣ୍ଡପଡା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ଏସଡିପିଓ ମଦନ ମୋହନ ପ୍ରଧାନ, ସାଂସଦଙ୍କ ଖଣ୍ଡପଡା ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ସଂର୍ପକରେ ଆଲୋକପାତ କରିଥିଲେ। ଶିଖରପୁର ପଞ୍ଚାୟତର ସରପଞ୍ଚ କିରଣବାଳା ସାହୁ ଓ ପୂର୍ବତନ ସରପଞ୍ଚ ନବ କିଶୋର ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏ ଅବସରରେ ମିଶନ ଶକ୍ତି ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ରୁଚି ସମ୍ପନ୍ନ ବିଭିନ୍ନ ଓଡିଆ ଖାଦ୍ୟ ସାମଗ୍ରୀ ଗୁଡ଼ିକ ଏକାଧିକ ଷ୍ଟଲ ଜରିଆରେ ପ୍ରଦର୍ଶିତ ହୋଇଥିଲା। ବିଦେଶୀ ଖାଦ୍ୟ ସାମଗ୍ରୀକୁ ବର୍ଜନ କରି ସ୍ୱଦେଶୀ ଖାଦ୍ୟ ସାମଗ୍ରୀ ଉପରେ ସଂପୂର୍ଣ୍ଣ ନିର୍ଭର କରି ନିରୋଗ ରହିବା ସଂର୍ପକରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। ସେହିପରି ଅତିଥିମାନେ ବିଭିନ୍ନ ଷ୍ଟଲ ପରିଦର୍ଶନ କରି ଓଡ଼ିଆ ଖାଦ୍ୟର ରୁଚି ପରଖିବା ସହ ଖାଦ୍ୟ ପ୍ରସ୍ତୁତ କରି ଶ୍ରେଷ୍ଠ ବିବେଚିତ ହୋଇଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ଏ ଅବସରରେ ଅତିଥିମାନେ ପୁରସ୍କୃତ କରିଥିଲେ।

# ମା' ତାରେଣୀଙ୍କ ୨୭ତମ ବାର୍ଷିକ ଉତ୍ସବ

**ଚାରିଛକ,୧୩।୪/ଏନ୍ଏନ୍ଏସ୍:** ଚାରିଛକ ନିକଟସ୍ଥ ଅଳକୁଣ୍ଡ ଛକ ଆନନ୍ଦବଜାର ମା' ତାରେଣୀଙ୍କ ୨୭ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୫ଦ୍ୟାପି ଏହି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବାର୍ଷିକ ଉତ୍ସବ ନିମନ୍ତେ ଶୁକ୍ରବାର ନିକଟସ୍ଥ କାଦୁଆ ନଦୀରୁ କଳସିଆମାନେ ଜଳ କଳସ ଆଣି ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା। ପୂଜକ ରାଜକିଶୋର ମିଶ୍ର ଓ ସାଥିମାନଙ୍କ ଦ୍ୱାରା ଯଥା ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ ଆରମ୍ଭ କରାଯାଇଥିଲା। କର୍ତ୍ତାଭାବେ ବିଶ୍ୱମ୍ଭର ନାୟକ, କର୍ତ୍ତୀ ଭାବେ ଆରତି ନାୟକ ପୂଜାକାର୍ଯ୍ୟରେ ବସିଥିଲେ। ୧୪ ତାରିଖ ମହାବିଷୁବ ପଣାସଂକ୍ରାନ୍ତି ଦିନ ପୂର୍ଣ୍ଣାହୂତି କରାଯାଇଥିଲା। ଏଥିରେ ମା' ତାରେଣୀ ପୂଜା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ମହାବିଦ୍ୟାଳୟରେ ପାରମ୍ପରିକ ଖାଦ୍ୟ ଦିବସ



**ଓଡ଼ଗାଁ,୧୩।୪/ଏନ୍ଏନ୍ଏସ୍:** ଉତ୍କଳ ଦିବସ ଅବସରରେ ଆରମ୍ଭ ହୋଇଥିବା ଓଡିଆପକ୍ଷ ପାଳନର ଅଂଶରୂପେ ଓଡ଼ଗାଁ ବ୍ଳକ ଅନ୍ତର୍ଗତ କୁରାଳ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟରେ ସୋମବାରକୁ 'ପାରମ୍ପରିକ ଖାଦ୍ୟଦିବସ' ଭାବେ ପାଳନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଭାବଗ୍ରାହୀ କରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ରାଜନୀତି ବିଭାଗ ଅଧ୍ୟକ୍ଷ ଅବନୀକାନ୍ତ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍କଳୀୟ ପରମ୍ପରାର ଆଦ୍ୟପୂଜ୍ୟ ଠାକୁର ଶ୍ରୀଜଗନ୍ନାଥଙ୍କ ବାରମାସରେ ତେରପର୍ବ ଓ ତତ୍‌ସହିତ ଠାକୁରଙ୍କ ଷାଠିଏ ପଉଟି ଭୋଗ ରାଗ ବିଷୟ ବର୍ଣ୍ଣନା କରିଥିଲେ। ଗୋଟିଏ ଯୌଥପରିବାରକୁ ଏକତା ସୂତ୍ରରେ ବାନ୍ଧି ରଖିବାର ଉପାୟ ଆମ ଖାଦ୍ୟ ପ୍ରସ୍ତୁତି ଓ ପରିବେଷଣରେ ଭରି ରହିଛିବୋଲି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ବିଜୟାନନ୍ଦ ଶତପଥୀ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଏକ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଓଡ଼ିଆ ପିଠାପଣାରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଥିବା ମୁଗ ଚନ୍ଦ୍ରକାନ୍ତି ପ୍ରସ୍ତୁତକରି ଯୁକ୍ତତିନି ପ୍ରଥମ ସେମିଷ୍ଟାର ଛାତ୍ରୀ ଚୁମୁକି ବେହେରା ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ମୁଗଫେଣୀ ପିଠା ପ୍ରସ୍ତୁତକରି ତୃପ୍ତିମୟୀ ସାହୁ ଦ୍ୱିତୀୟ ସ୍ଥାନ ଓ କାକରା ପ୍ରସ୍ତୁତକରି ବର୍ଷା କଅଁର ତୃତୀୟ ସ୍ଥାନ ହାସଲ କରିଥିଲେ। ପରିଶେଷରେ ଅଧ୍ୟକ୍ଷ ସମସ୍ତ ବିଦ୍ୟାର୍ଥୀମାନଙ୍କୁ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ।

# ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର



**ଚାରିଛକ,୧୩।୪/ଏନ୍ଏନ୍ଏସ୍:** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି ଓଡିଆ ପକ୍ଷ। ଆଜି ଓଡ଼ିଆ ପକ୍ଷ ପାଳନର ତ୍ରୟୋଦଶ ଦିବସ ଅବସରରେ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଛି ଓଡ଼ିଆ ପକ୍ଷ -୨୦୨୬ ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅଭିଯାନ। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା, ୟୁଥ ରେଡ଼କ୍ରସ, ଏନ. ସି. ସି. ଏବଂ ରେଡ ରିବନ କ୍ଲବ୍ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼ଃ ଅଶୋକ କୁମାର ବିଶ୍ୱାଳ ଅନୁଷ୍ଠାନିକ ଭାବରେ ଉଦଘାଟନ କରି ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀ ଏବଂ କର୍ମଚାରୀମାନଙ୍କୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ଏନ୍‌ସିସି ବିଭାଗ ମେଜର ପୁଷ୍ପଲତା ଦତ୍ତ, ମହାବିଦ୍ୟାଳୟ ୟୁଥ ରେଡ଼କ୍ରସ ସଂଯୋଜିକା ତଥା ପରୀକ୍ଷା ନିୟନ୍ତ୍ରିକା ଡ଼ଃ ଶ୍ରୀଲେଖା ନାୟକ, ଜାତୀୟ ସେବା ଯୋଜନାର ସଂଯୋଜିକା ଅଧ୍ୟାପିକା ମଧୁସ୍ମିତା ମହାପାତ୍ର ଏହି ଶିବିରକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସ୍କୃତ ବିଭାଗ ମୁଖ୍ୟ ଡ଼ଃ ପୂର୍ଣ୍ଣିମା ମହାନ୍ତି, ଓଡ଼ିଆ ବିଭାଗ ମୁଖ୍ୟ ଡ଼ଃ ଶର୍ମିଷ୍ଠାରାଣୀ ମହାନ୍ତି, ଇତିହାସ ବିଭାଗ ବରିଷ୍ଠ ଅଧ୍ୟାପିକା ସୁଲୋଚନା ସାହୁ, ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ, ଅଧ୍ୟାପିକା ପୂଜା ବେହେରା, ଅଧ୍ୟାପକ ଜଗନ୍ନାଥ ପଣ୍ଡା, ଡି.ଇ.ଓ ଦିବାକର ବେହେରା ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଶିବିରରୁ ୩୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ଦଶପଲ୍ଲା ମହୋତ୍ସବ 'କୁଆଁରିଆ' ଉଦ୍‌ଯାପିତ




**ଦଶପଲ୍ଲା,୧୩।୪/ଏନ୍ଏନ୍ଏସ୍:** ଚାରିଦିନ ଧରି ଚାଲିଥିବା ଦଶପଲ୍ଲା ମହୋତ୍ସବ 'କୁଆଁରିଆ' ଉଦ୍‌ଯାପିତ ହୋଇଯାଇଛି। ଲଙ୍କାପୋଡ଼ି ଯାତ୍ରା କମିଟି ତଥା ମହୋତ୍ସବ କମିଟି ସଭାପତି କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ଼. ଅରୁଣ କୁମାର ସାହୁ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁ, ସମ୍ମାନିତ ଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ବେହେରା, ଏନ୍ଏସି ଅଧ୍ୟକ୍ଷା ଇଂ ପୁନମ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇଥିଲେ। ପର୍ଯ୍ୟଟନ, କୃଷି ଓ ପରମ୍ପରା ସମ୍ପର୍କରେ ସଭାପତି ସାଂସଦ ଶ୍ରୀ ପାଣିଗ୍ରାହୀ ମତବ୍ୟକ୍ତ କରିଥିବା ବେଳେ ଆଜିର ନେତାମାନେ ପ୍ରଭୁ ଶ୍ରୀରାମଙ୍କ ଜୀବନୀକୁ ନେଇ ନିଜେ ସମୀକ୍ଷା କରିବା ଉଚିତ ବୋଲି ମତ ରଖିଥିଲେ। ଏ ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଡ଼ଃ ରଂଜିତା ଘଡେଇ, ଅଙ୍କିତା ଦାସ, ଟିପିସିଓଡିଏଲ୍‌ର ଯନ୍ତ୍ରୀ ତନ୍ମୟ ପୃଷ୍ଟି, ଆଇଆଇସି ବିନୟ ରଞ୍ଜନ ପରିଡା, ରେଞ୍ଜର ଶ୍ରୀନିବାସ ଦାସଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ମହୋତ୍ସବର ସ୍ମରଣିକାକୁ ମୁଖ୍ୟଅତିଥିଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ସଭାକୁ ଗାଳ୍ପିକ ହାଡ଼ିବନ୍ଧୁ ମହାଖୁଡ଼ ସଂଚାଳନ କରିଥିବା ବେଳେ ଆଇନଜୀବୀ ଦିଲ୍ଲୀପ କୁମାର ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ ଓ ମହୋତ୍ସବ ର ସମ୍ପାଦକ କିଶୋର ଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ରାଜ୍ୟ ସରକାର ଙ୍କ କଳା ଓ ସଂସ୍କୃତି ବିଭାଗ ପକ୍ଷରୁ ଆସିଥିବା ବିଭିନ୍ନ ଜିଲ୍ଲାର କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ସଙ୍ଗୀତଜ୍ଞ ଦୀପ୍ତିରେଖା ପାଢ଼ୀ ଓ ସାଥୀଙ୍କ ସଙ୍ଗୀତରେ ଝୁମିଥିଲେ ଦର୍ଶକ।

# ଝୋଟି ଓ ପିଠା ବାସ୍ନାରେ ମହକିଲା ଓଡ଼ିଆଣୀ ପ୍ରତିଯୋଗିତା



**ଡେଲାଙ୍ଗ,୧୩।୪/ଏନ୍ଏନ୍ଏସ୍:** ଓଡିଆଙ୍କ କଳା,ସଂସ୍କୃତି ଓ ପାରମ୍ପାରିକ ଖାଦ୍ୟକୁ ଜିବିତ କରିବା ପାଇଁ ଉତ୍କଳ ଦିବସ ଠାରୁ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ରାଜ୍ୟସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଓଡିଆ ପକ୍ଷ ପାଳନ କରାଯାଉଛି। ଆଜି ହେଉଛି ପାମ୍ପାରିକ ଖାଦ୍ୟର ପକ୍ଷ। ଏହି ଅବସରରେ ଡେଲାଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ 'ଓଡିଆ ପକ୍ଷ' ଗୁଆଳିପଡା ପଞ୍ଚାୟତ ସ୍ଥିତ ଚଣ୍ଡେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଡେଲାଙ୍ଗ ବ୍ଲକ ଉନ୍ନୟନ ଅଧିକାରି ସମୀର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ବିଜେପି ରାଜ୍ୟ ଉପସଭାପତି ଜତିନ୍ ମହାନ୍ତି, ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ସ୍ଥାନୀୟ ବିଧାୟକ ଆଶ୍ରୀତ ପଟ୍ଟନାୟକ, ପ୍ରାକ୍ତନ ସୂଚନା ଆୟୁକ୍ତ ଶଶୀପ୍ରଭା ବିନ୍ଧାଣୀ,ପ୍ରାକ୍ତନ ଏନଟିପିସି ନିର୍ଦ୍ଦେଶକ କୁଳମଣି ବିଶ୍ୱାଳ, ରାଜ୍ୟ ପ୍ରଗତି ଶିଳ ମଞ୍ଚ ଅଧ୍ୟକ୍ଷା ମମତା ସାମନ୍ତରାୟ, ସଂଗୀତ ବିଶାରଦ ରୁଦ୍ରନାରାୟଣ ମହାନ୍ତି, ବିଜେପି ଜିଲ୍ଲା ସମ୍ପାଦକ ଗଙ୍ଗାଧର ବରାଳ, ସିଡିପିଓ ଜାପାନୀ ମିତ୍ର, ପଂଚାୟତ ମହିଳା ସଂଘ ସଭାପତି ଲିଲିମାଞ୍ଜଳୀ ସାହୁ, ସମ୍ପାଦିକା ଶୁଭଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଓଡିଆ ପକ୍ଷ ପାଳନର ଲକ୍ଷ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମାତୃଶକ୍ତି ଅଧିନିୟମ ଅନୁଯାୟୀ ମହିଳା ମାନଙ୍କ ପାଇଁ ଶତକଡା ୩୩% ଭାଗ ସଂରକ୍ଷଣ ବ୍ୟବସ୍ଥା କରିବା ପାଇଁ କେନ୍ଦ୍ର ସରକାର ପ୍ରୟାସ କରୁଥିବା ବେଳେ ମାତୃଶକ୍ତିର ବିକାଶ ହେଲେ ଦେଶର ବିକାଶ ସମ୍ଭବ ବୋଲି ଉପସଭାପତି ଶ୍ରୀ ମହାନ୍ତି ମତବ୍ୟକ୍ତ କରିଥିଲେ। ଏହି ସଂରକ୍ଷଣ ବ୍ୟବସ୍ଥାକୁ ସ୍ଥିର ନିଶ୍ଚିତ କରିବା ପାଇଁ ଟୋଲ୍ ଫ୍ରୀ ନମ୍ବର ୯୬୬୭୧୭୩୩୩୩ରେ ମିସ୍ କଲ୍ କରି ପ୍ରତ୍ୟେକ ମତାମତ ଦେବାକୁ ସାଂସଦ ଡ. ପାତ୍ର ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷାବିତ୍ ଶ୍ରୀଧର ପ୍ରଧାନଙ୍କ ଦ୍ୱାରା ରଚିତ 'ମୋ ମା' ନମୋ' ନଡିଆ ସଙ୍କୀର୍ତ୍ତନ କୁନି କୁନି ଛାତ୍ରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଶିକ୍ଷକ ଦିଲ୍ଲିପ୍ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସିଆରସିସ ସୁଦିପ୍ତ ପରିଡା ସଭା ସଂଯୋଜନା କରିଥିଲେ। ସେହିପରି ଓଡିଆଙ୍କ କଳା, ସଂସ୍କୃତି ଓ ପାରମ୍ପାରିକ ଖାଦ୍ୟକୁ ଜିବିତ ରଖିବା ପାଇଁ ମହିଳା ସଂଘର ସଦଶ୍ୟା ମାନଙ୍କ ଦ୍ୱାରା ଆରିଶା ପୀଠା, ପୋଡପିଠା, ହାଲୁଆ, ମଟର ତରକାରୀ, ଡାଲମା, ଚକୁଳିପିଠା, ଖେଚେଡ଼ି, ହଳଦି ପକା ଅନ୍ନ, ଚିତଉପିଠା, ରାଶିଲଡ୍ଡୁ, ଚାଉଳ କ୍ଷୀରି, ନଡିଆ ପିଠା, ହାଣ୍ଡିପିଠା, କାଞ୍ଜୀ, ମୁଠିମୁଆଁ, ସରୁ ଚକୁଳି, ସେକାବରା ପ୍ରଭୃତି ୬୦ରୁ ଉର୍ଦ୍ଧ୍ୱ ପ୍ରକାରର ପାମ୍ପାରିକ ଖାଦ୍ୟ ପଦର୍ଶନ କରାଯାଇଥିଲା। ଗୁଆଳିପଡା ପଞ୍ଚାୟତର ମହିଳା ସଂଘର ସଦଶ୍ୟାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଚାରିଛକ,୧୩।୪/ଏନ୍ଏନ୍ଏସ୍:** ଚାରିଛକ ନିକଟସ୍ଥ ତମ୍ପାଳ ପଞ୍ଚାୟତ ଚଢେଇ ଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସସ୍ମିତା ଖଟୋଇ, ମୁଖ୍ୟବକ୍ତା ଭାବେ ନିମାପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ୟୁନିଅନ ସମ୍ପାଦକ କଲ୍ୟାଣ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ବିଶ୍ୱାଳ, ପୂର୍ବତନ ସରପଞ୍ଚ ଅକ୍ଷୟ କୁମାର ପଡ଼ିଆରୀ, ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଭଞ୍ଜ, ପ୍ରଧାନ ଶିକ୍ଷକ ବଳରାମ ମିଶ୍ର, ପ୍ରଧାନ ଶିକ୍ଷକ ବିଜୟ କୁମାର ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରବୀନ୍ଦ୍ର କୁମାର ପରିଡା ପଞ୍ଚଶାଖା ଶିକ୍ଷାସେତୁର ସଭାପତି ନଳିନୀକାନ୍ତ ପଡ଼ିଆରୀ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କରୁଣା କର ଖଟୋଇ ସଭାପତିତ୍ୱ କରିଥିବା ବେଳେ ସହକାରୀ ଶିକ୍ଷକ ଅଜୟ କୁମାର ସିଠ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ମହାନ୍ତି, ସହକାରୀ ଶିକ୍ଷକ ଜଗନ୍ନାଥ ମଲ୍ଲିକ, ଅନୁପମା ସେଠୀ ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ନିତି ଭାରତୀ**

ନିଜଠାରୁ ଉର୍ଦ୍ଧ୍ୱରେ ଥିବା ଆଲୋକକୁ ଅନୁଭବ କରିବାକୁ ହେଲେ ନିଜ ଭିତରେ ଥିବା ଆଧ୍ୟାତ୍ମିକତାର ଆଲୋକ ଜଳାଇବାକୁ ହେବ, ଆଉ ପାପ ଓ ଅଶୁଦ୍ଧିର ଅନ୍ଧକାର ଆପଣାଛାଏଁ ଉଭେଇ ଯିବ। ନିଜର ନୀଚତର ସୋପାନ ନୁହେଁ, ଉଚ୍ଚତର ସୋପାନ ସମ୍ବନ୍ଧରେ ଚିନ୍ତା କର। - **ସ୍ୱାମୀ ବିବେକାନନ୍ଦ**

ନିତିଦିନ NITIDIN
ମଙ୍ଗଳବାର, ୧୪ ଏପ୍ରିଲ ୨୦୨୬

# ଯେମିତି ଆହାର ସେମିତି ଶରୀର



**ପ୍ରଫୁଲ୍ଲ କୁମାର ସାହୁ**

ମଣିଷ କେବଳ ପେଟ ଭରିବା ପାଇଁ ଖାଦ୍ୟ ଖାଏ ନାହିଁ, ଏଥି ସହିତ ଯୋଡ଼ି ହୋଇ ରହିଛି ସ୍ୱାସ୍ଥ୍ୟ ସୁରକ୍ଷା। ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘ ଜୀବନ ସୁନିଶ୍ଚିତ କରିବା ପାଇଁ ଶରୀର ଆବଶ୍ୟକ କରେ ସୁଷମ ଖାଦ୍ୟ। ଆବଶ୍ୟକତା ଅନୁଯାୟୀ ବିଭିନ୍ନ ଖାଦ୍ୟସାରର ଉପଯୁକ୍ତ ଅନୁପାନକୁ କୁହାଯାଏ ସୁଷମ ଖାଦ୍ୟ। ଏହା ଶରୀରକୁ ଶକ୍ତି ଦିଏ, ସକ୍ରିୟ ରଖେ ଏବଂ ପୁଷ୍ଟି ସାଧନ କରେ, ଯାହା ଫଳରେ ସମ୍ଭବ ହୁଏ ଶରୀରର ଅଭିବୃଦ୍ଧି। ଅନ୍ୟ ପକ୍ଷରେ, ଖାଦ୍ୟରେ ଯଦି ପୋଷକ ତତ୍ତ୍ୱର ଅଭାବ ରହେ, ତେବେ ପୁଷ୍ଟିହୀନତାର ଶିକାର ହୁଏ ଶରୀର। ଖାଦ୍ୟ ସଂକ୍ରମିତ ହେଲେ ଶରୀରକୁ କ୍ଷତିକାରକ ତତ୍ତ୍ୱର ପ୍ରବେଶ ଘଟେ ଏବଂ ପ୍ରାଣଦାୟୀ ଖାଦ୍ୟ ପାଲଟି ଯାଏ ପ୍ରାଣଘାତକ। ସେଥିପାଇଁ କୁହାଯାଏ- ଯେମିତି ଆହାର, ସେମିତି ଶରୀର। ଜାତିସଂଘ ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁସାରେ, ବିଶ୍ୱରେ ବାର୍ଷିକ ହାରାହାରି ଛଅ ଶହ ନିୟୁତ ଲୋକ ଆକ୍ରାନ୍ତ ହୁଅନ୍ତି ଖାଦ୍ୟଜନିତ ରୋଗରେ। ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନଭିରନ୍‌ମେଣ୍ଟ ପକ୍ଷରୁ ପ୍ରକାଶିତ ତଥ୍ୟ କୁହେ, ଅପପୁଷ୍ଟି କାରଣରୁ ଭାରତରେ ପ୍ରତି ବର୍ଷ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ପାଖାପାଖି ସତର ଲକ୍ଷ। ବିଶ୍ୱରେ ୪୨ ପ୍ରତିଶତ ଲୋକ ସୁଷମ ଖାଦ୍ୟରୁ ବଞ୍ଚିତ ହେଉଥିବା ବେଳେ ଭାରତରେ ଏହି ହାର ୭୧ ପ୍ରତିଶତ।

ମଣିଷ ଶରୀର ପ୍ରକୃତିଦତ୍ତ ଅଣୁ ପରମାଣୁରେ ତିଆରି ହୋଇଥିବାରୁ ତା'ର ପୁଷ୍ଟି ସାଧନ ନିମନ୍ତେ ଆବଶ୍ୟକ ପରିବେଶ ଉପଯୋଗୀ ସୁଷମ ଖାଦ୍ୟ। ତା'ର ମୁଖ୍ୟ ଅବଲମ୍ବନ ହେଉଛି ଜଳବାୟୁ ଆଧାରିତ କୃଷି। ଅର୍ଥାତ୍ ନିଜ ଅଞ୍ଚଳରେ ସୂର୍ଯ୍ୟାଲୋକ ଉର୍ବର ଭୂମିରୁ ଜୈବିକ ପ୍ରଣାଳୀରେ ଉତ୍ପାଦିତ ଖାଦ୍ୟଶସ୍ୟ, ଡାଲିଜାତି, ପନିପରିବା ଓ ଫଳମୂଳ ଇତ୍ୟାଦି। ପ୍ରକୃତିର ନିୟମ ଅନୁଯାୟୀ ସ୍ଥାନୀୟ ଜଳବାୟୁରେ ଫଳୁଥିବା ଫସଲ ହିଁ ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ। ପ୍ରକୃତିର ଏହି ସ୍ୱୟଂକ୍ରିୟ ବ୍ୟବସ୍ଥାକୁ ଆମ ପୂର୍ବଜମାନେ ଠିକ୍ ବୁଝିଥିଲେ ଏବଂ ଶହ ଶହ ବର୍ଷର ପରୀକ୍ଷା ନିରୀକ୍ଷା ପରେ ସେମାନେ ନିର୍ଦ୍ଧାରଣ କରିଥିଲେ ପରିବେଶ ଉପଯୋଗୀ ଖାଦ୍ୟଶସ୍ୟ ଓ ତା'ର ଉତ୍ପାଦନ ପଦ୍ଧତି। ଜୈବିକ ପ୍ରଣାଳୀରେ ଖାଦ୍ୟଶସ୍ୟ ଉତ୍ପାଦନ କରିବାର ଜ୍ଞାନକୌଶଳ ଥିଲା ତାଙ୍କର ଅନୁଭୂତିସିଦ୍ଧ। ହଳ ଲଙ୍ଗଳ ସାହାଯ୍ୟରେ ଜମି ଚଷୁଥିଲେ ଏବଂ ବିଭିନ୍ନ ପ୍ରକାର ଦେଶୀ ବିହନ ବୁଣି ଅମଳ କରୁଥିଲେ ପ୍ରଚୁର। ଜୈବିକ ପଦ୍ଧତିରେ ଉତ୍ପାଦିତ ଖାଦ୍ୟ ଖାଇ ସେମାନେ ନିରାମୟ ଜୀବନ ବଞ୍ଚୁଥିଲେ ଏବଂ ବୁଢ଼ା ହେବାଯାଏଁ ଅଣ୍ଟା ସଳଖି ଚାଲୁଥିଲେ ଦମ୍ ଦମ୍ ହୋଇ। ମାତ୍ର ଯେବେଠାରୁ ସବୁଜ ବିପ୍ଳବର ମେଢ଼ ତିଆରି ହେଲା, ସେବେଠାରୁ ଭାଙ୍ଗିଲା ପାରମ୍ପରିକ ଚାଷର ମେରୁହାଡ଼। ଅଧିକ ଅମଳ ମାୟାରେ ପଡ଼ି ବାଟ ହୁଡ଼ିଲା ଚାଷୀ। ଯାନ୍ତ୍ରିକ ଚାଷ ଓ ଶଙ୍କରଜାତୀୟ ବିହନ ଆପଣେଇବା ଫଳରେ ବିପନ୍ନ ହେଲା ଦେଶୀ ବିହନ, ଯାହାକୁ କୁହାଯାଏ ସୁଷମ ଖାଦ୍ୟର ବୀଜମନ୍ତ୍ର। ନୂଆ ପ୍ରଣାଳୀରେ ଉତ୍ପାଦନ ବଢ଼ିଲା ସତ, କିନ୍ତୁ ହ୍ରାସ ପାଇଲା ଜମିର ଉର୍ବରତା। ଆବଶ୍ୟକ ହେଲା ଅଧିକରୁ ଅଧିକ ରାସାୟନିକ ସାର ଓ ପୋକମରା ଔଷଧ। ପୋକମରା କିଛି ଔଷଧ ନୁହେଁ, ବିଷ। ଏଥିରେ ଆକ୍ରାନ୍ତ ହେଲା ଫସଲ। ମାଟି, ପାଣି ଓ ପବନରେ ଚରିଗଲା ବିଷ। ବିଷାକ୍ତ ହେଲା ପରିବେଶ। ତା'ର ପ୍ରଭାବରେ କେବଳ ପୋକ ନୁହେଁ, ଲୋକ ବି ମଲେ କ୍ୟାନ୍‌ସର୍ ଭଳି ମାରାତ୍ମକ ବ୍ୟାଧିରେ। ଅଧିକ ଲାଭ ଆଶାରେ ଚାଷୀ ନିର୍ଦ୍ଦିଷ୍ଟ ଗୋଟିଏ ଚାଷ ପ୍ରତି ଧ୍ୟାନ ଦେବା ଫଳରେ ଲୋପ ପାଇଲା ଶସ୍ୟ ବିବିଧତା। ତଥ୍ୟ କୁହେ, ସବୁଜ ବିପ୍ଳବ ପରେ ଓଡ଼ିଶାରେ ଧାନ ଉତ୍ପାଦନ ତିନି ଗୁଣା ବୃଦ୍ଧି ପାଇଥିବା ବେଳେ ଆଶାତୀତ ଭାବେ ହ୍ରାସ ପାଇଲା ଫଳ ଓ ପନିପରିବା ଉତ୍ପାଦନ। ଚାହିଦା ମେଣ୍ଟେଇବା ପାଇଁ ଆଳୁ, ପିଆଜ, ଅନ୍ୟାନ୍ୟ ପନିପରିବା ଆମଦାନୀ ହେଲା ବାହାର ରାଜ୍ୟରୁ। ଆସିବା ପାଇଁ ରାସ୍ତାରେ ଦିନ ଦିନ ବିତି ଯାଉଥିବାରୁ ପରିବାକୁ ସତେଜ ରଖିବା ପାଇଁ ସେଥିରେ ବୋଳା ଗଲା କୃତ୍ରିମ ରଙ୍ଗ ଓ ରାସାୟନିକ ପ୍ରଲେପ- ସ୍ୱାସ୍ଥ୍ୟ ପାଇଁ ଯାହାର ପାର୍ଶ୍ୱ ପ୍ରତିକ୍ରିୟା ଅତ୍ୟନ୍ତ ବିପଜ୍ଜନକ।

ଆଧୁନିକତାର ପ୍ରଭାବରେ ଜୀବନ ଶୈଳୀରେ ପରିବର୍ତ୍ତନ ଆସିବା ସହିତ ବଦଳିଲା ଖାଦ୍ୟ ରୁଚି। ଆମ ପିଲାବେଳେ ସକାଳର ଜଳଖିଆ ଥିଲା ଚୁଡ଼ା, ମୁଢ଼ି, ଚକୁଳି ପିଠା ଓ ପୋଖରିଆ ଇତ୍ୟାଦି। ଆଜିକାଲି ପିଲାମାନେ ଆଉ ଘର ତିଆରି ଜଳଖିଆ ଖାଉ ନାହାନ୍ତି। ସେମାନେ ଖୋଜିଲେଣି ରୋଲ, ଚାଉମିନ, ପକୋଡ଼ା, ବ୍ରେଡ୍ ବଟର ଓ ଆମ୍ଲେଟ୍ ଇତ୍ୟାଦି। ପ୍ରାୟ ଅଧିକାଂଶ ଗାଁର ଛକ ଜାଗାରେ ଖୋଲିଲାଣି ଫାଷ୍ଟ୍ ଫୁଡ୍ ଷ୍ଟଲ୍। ଦେହକୁ ସୁହାଉଛି କି ନାହିଁ, ତାହା ନ ଦେଖି ପିଲାଙ୍କ ପାଟିକୁ ସୁଆଦ ଲାଗୁଥିବାରୁ ପିଜା, ବର୍ଗର ଖାଦ୍ୟ ଏବେ ପିଲାଙ୍କର ପସନ୍ଦ। ବିଶେଷଜ୍ଞଙ୍କ ମତରେ, ବ୍ରେଡ୍ ପ୍ରସ୍ତୁତି ବେଳେ ଅଟାର ରଙ୍ଗ ବଦଳେଇବା ପାଇଁ ବ୍ୟବହାର ହେଉଥିବା ରାସାୟନିକ ପଦାର୍ଥ ଯକୃତ୍ ଓ ବୃକ୍କ ସମସ୍ୟାର କାରକ। ଯେଉଁ ଅଣ୍ଡାରୁ ଆମ୍ଲେଟ୍ ତିଆରି ହେଉଛି, ତାହା କୁଆଡ଼େ ମାରାତ୍ମକ ବ୍ୟାକ୍ଟେରିଆ ଦ୍ୱାରା ବିଷାକ୍ତ। ପଶୁପାଳନ ଗବେଷଣା ଅନୁଷ୍ଠାନ ରିପୋର୍ଟ ଅନୁସାରେ, ଆମ ଦେଶରେ ଅଧିକାଂଶ କୁକୁଡ଼ା ପାଳନ ଓ ବ୍ୟବସାୟ କେନ୍ଦ୍ରର ଅବସ୍ଥା ଅତ୍ୟନ୍ତ ଅସ୍ୱାସ୍ଥ୍ୟକର। ଏଠାରେ କୁକୁଡ଼ାକୁ ଆବଶ୍ୟକ ପୁଷ୍ଟିକର ଖାଦ୍ୟ ନ ଦେଇ ଅଣ୍ଡା ଦେବାକୁ ବାଧ କରାଯାଏ କୃତ୍ରିମ ଉପାୟରେ। ବିଶେଷକରି ମାତ୍ରାଧିକ ତେଲ ମସଲାରେ ପ୍ରସ୍ତୁତ ଜଙ୍କ୍ ଫୁଡ୍‌ରେ ଥାଏ ହୃଦ୍‌ରୋଗ, ରକ୍ତଚାପ, ମେଦ ବହୁଳତା ଓ ମାନସିକ ଅବସାଦ ଆଦି ରୋଗକୁ ଆପଣେଇବାର ସକଳ ସମ୍ଭାବନା।

ଆଗେ ଘଣାପେଡ଼ା ସୋରିଷ ତେଲ କିମ୍ବା ବାଦାମ ତେଲରେ ପ୍ରସ୍ତୁତ ହେଉଥିଲା ବ୍ୟଞ୍ଜନ। ମସଲା କହିଲେ, ତିଅଣରେ ପଡୁଥିଲା ପୋଷେ ହେବ ସୋରିଷ, ଦୁଇ ଚାରି ପାଖୁଡ଼ା କରି ବାଡ଼ି ପିଆଜ ଓ ରସୁଣ ଏବଂ ଗୋଟେ ଯୋଡ଼େ କଞ୍ଚାଲଙ୍କା। କାଚ ବୋତଲ ମୁହଁରେ ଆଙ୍ଗୁଠି ଟିପ ରଖି ଏତେ ଟିକେ ତେଲରେ ଛୁଙ୍କ ଦିଆ ଯାଉଥିଲା, ଯାହାର ସ୍ୱାଦ ଏବେ ବି ସାଇତା ହୋଇ ରହିଛି ସ୍ମୃତିପଟରେ। ଅଥଚ ଏବେ ଖାଦ୍ୟକୁ ସ୍ୱାଦିଷ୍ଟ କରିବାକୁ ତିଆରି ହେଲାଣି କେତେ ପ୍ରକାର ମସଲା। ହାଣ୍ଡିଶାଳ ପାଲଟି ଗଲାଣି ମସଲାର ପ୍ରୟୋଗଶାଳା। ଆଗେ ଯେ ରୋଷେଇରେ ମସଲା ବ୍ୟବହାର ହେଉ ନଥିଲା, ତାହା ନୁହେଁ; ମାତ୍ର ସେସବୁ ଥିଲା ବିଭିନ୍ନ ଗଛର ପତ୍ର, ମଞ୍ଜି, ଫୁଲ, ଫଳ ଓ ଛେଲି ଇତ୍ୟାଦି। ଧଣିଆ ପତ୍ର, ଭୃଙ୍ଗରାଜ, ମେଥି, ଜୁଆଣି, ଧନିଆ, ଜିରା ଓ କଳାଜିରା ଆଦି ମସଲାରେ ଭରି ରହିଥିଲା ଖାଦ୍ୟତତ୍ତ୍ୱ ଓ ରୋଗ ପ୍ରତିରୋଧକ ଶକ୍ତି। ଭାରତରେ ଅମଳ ହେଉଥିବା ଏହି ପତ୍ର, ଫୁଲ ଓ ମଞ୍ଜିକୁ ନେଇ ଏବେ ଏଠି ଅନେକ ନାମୀଦାମୀ କମ୍ପାନୀମାନେ ତିଆରି କରୁଛନ୍ତି ବିଭିନ୍ନ ପ୍ରକାର ମସଲା। ବିଡ଼ମ୍ବନାର ବିଷୟ, ମସଲାକୁ ଦୀର୍ଘ ଦିନ ପର୍ଯ୍ୟନ୍ତ ସଂରକ୍ଷିତ କରି ରଖିବା ପାଇଁ ସେଥିରେ ବ୍ୟବହାର ହେଉଛି ଏଥିଲିନ୍ ଅକ୍ସାଇଡ୍ ଭଳି ରାସାୟନିକ ପଦାର୍ଥ, ଯାହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। କେବଳ ମସଲା ନୁହେଁ, ଏବେ ବଜାରରେ ମିଳୁଥିବା ପ୍ୟାକେଟ୍ ଲୁଣରେ ବି ରହିଛି ମାଇକ୍ରୋ ପ୍ଲାଷ୍ଟିକ୍ କଣିକା। ପରିବେଶ ଅନୁସନ୍ଧାନ ସଂଗଠନ ଟକ୍ସିକ୍ ଲିଙ୍କ୍ ଦ୍ୱାରା ଉପସ୍ଥାପିତ ତଥ୍ୟ ଅନୁସାରେ ଲାଭ ଓ ଲୋଭ ପାଇଁ ଲୁଣ ମାଧ୍ୟମରେ ଲୋକଙ୍କୁ ବିଷ ଖାଇବାକୁ ଦେଉଛନ୍ତି ଲୁଣ ବ୍ୟବସାୟ କରୁଥିବା ବଡ଼ ବଡ଼ କମ୍ପାନୀ। କୁହାଗଲା, ବୁଦ୍ଧି ଓ ଶାରୀରିକ ବିକାଶ ପାଇଁ ଆୟୋଡାଇଜଡ୍ ଲୁଣ ଏକାନ୍ତ ଆବଶ୍ୟକ। ଅଥଚ ଏବେ ସେହି ଆୟୋଡାଇଜଡ୍ ଲୁଣରେ ହିଁ ରହିଛି ଅଧିକ ମାତ୍ରାରେ ମାଇକ୍ରୋ ପ୍ଲାଷ୍ଟିକ୍, ଯାହା ଫୁସ୍‌ଫୁସ୍ ଓ ହୃତ୍‌ପିଣ୍ଡ ପାଇଁ ଖୁବ୍ ସାଂଘାତିକ।

ପ୍ରାକୃତିକ ଚିକିତ୍ସାରେ ଖାଦ୍ୟକୁ କୁହାଯାଏ ଔଷଧ। ଅର୍ଥାତ୍ ଜଳବାୟୁ ଉପରେ ନିର୍ଭର କରେ ଖାଦ୍ୟ ରୁଚି। ପ୍ରଚଣ୍ଡ ନିଦାଘରୁ ରକ୍ଷା ପାଇବା ପାଇଁ ଶରୀର ଯେଉଁ ଖାଦ୍ୟସାର ଆବଶ୍ୟକ କରେ, ତାହା ପୂରଣ କରେ ଆମ୍ବ, ପଣସ ଓ ସପୁରୀ ଆଦି ଗ୍ରୀଷ୍ମକାଳୀନ ପାଚିଲା ଫଳ। ସ୍ୱାସ୍ଥ୍ୟ ବିଜ୍ଞାନୀଙ୍କ ମତରେ, ତଟକା ଫଳ କିମ୍ବା ତା'ର ରସରେ ଥାଏ ପ୍ରଚୁର ପରିମାଣର ପୋଷକ ତତ୍ତ୍ୱ। ସମୟ ଥିଲା, ଲୋକେ ବିଭିନ୍ନ ତଟକା ଫଳ ଖାଉଥିଲେ ଏବଂ ଘରୋଇ ଉପାୟରେ ତା'ର ରସ କାଢ଼ି ପିଉଥିଲେ ଋତୁ ଅନୁସାରେ। ପରବର୍ତ୍ତୀ ସମୟରେ କୃତ୍ରିମ ଉପାୟରେ ଫଳରସ ତିଆରି ହେଲା ଏବଂ ବର୍ଷସାରା ତାହା ମିଳିଲା ପ୍ଲାଷ୍ଟିକ୍ ବୋତଲ ଓ କାଗଜ ପେଟିରେ। ଲେମ୍ବୁ ସରବତର ସ୍ଥାନ ନେଲା ଭିନ୍ନ ଭିନ୍ନ କମ୍ପାନୀର ଥଣ୍ଡା ପାନୀୟ। ତା'ର ସ୍ୱାଦ ଓ ଆକର୍ଷଣ ଆଗରେ ହାର୍ ମାନିଲା ଆମ ସ୍ୱାସ୍ଥ୍ୟ ସଚେତନତା। ଏବେ ସହର ହେଉ କି ଗାଁ, ସବୁଠି ବଢ଼ୁଛି କୃତ୍ରିମ ଫଳରସ ଓ ଥଣ୍ଡା ପାନୀୟର ଆଦର। ଆଗେ ଆମ ହାଣ୍ଡିଶାଳର ଅଭିନ୍ନ ଅଙ୍ଗ ହୋଇ ରହିଥିଲା ମାଟି ପାତ୍ର। ଧାତବ ପାତ୍ର ତୁଳନାରେ ମାଟି ହାଣ୍ଡିରେ ପାକ ହୋଇଥିବା ଖାଦ୍ୟ ଅଧିକ ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟକର। ମାଟି ହାଣ୍ଡିରେ ରୋଷେଇ କଲେ ନଷ୍ଟ ହୁଏନି ଖାଦ୍ୟର ସୂକ୍ଷ୍ମ ପୋଷକ ତତ୍ତ୍ୱ। ଦୀର୍ଘ ସମୟ ପର୍ଯ୍ୟନ୍ତ ଖାଦ୍ୟ ସତେଜ ଅବସ୍ଥାରେ ରହିବା ମଧ୍ୟ ମାଟି ହାଣ୍ଡିର ଏକ ବିଶେଷତ୍ୱ। ବିଶେଷଜ୍ଞଙ୍କ କହିବା ଅନୁସାରେ, ମାଟି ହାଣ୍ଡିରେ ପାକ ହୋଇଥିବା ଖାଦ୍ୟ ନିୟମିତ ଖାଇଲେ ପାଖ ମାଡ଼େ ନାହିଁ ମଧୁମେହ ଓ ଆଣ୍ଠୁଗଣ୍ଠି ରୋଗ। ନିରୋଗ ରହେ ଶରୀର। ସେଥିପାଇଁ ଶ୍ରୀଜଗନ୍ନାଥ ସଂସ୍କୃତିରେ କେବେ ଭଣା ପଡ଼ିନାହିଁ ମାଟି କୁଡୁଆର ଆଦର। ସଠିକ୍ ପୋଷଣ ହେଉଛି ସୁସ୍ଥ ସ୍ୱାସ୍ଥ୍ୟର ପ୍ରାଥମିକ ଉପାଦାନ, ଯେଉଁ ପୋଷଣ ଯୋଗାଏ ଦେଶୀ ଖାଦ୍ୟଶସ୍ୟ ଓ ପନିପରିବା। ଏହି କଥା ଉପରେ ଜୋର ଦେଇ ଘୋଷଣା କରେ ଆମ ଜଗନ୍ନାଥ ସଂସ୍କୃତି। ସେଥିପାଇଁ ମହାପ୍ରଭୁଙ୍କ ମହାପ୍ରସାଦରେ ବ୍ୟବହାର ହୁଏନି ବିଦେଶୀ ପରିବା। ତେଣୁ ଆଳୁ ଥିଲା ଆମ ପାଇଁ ଏକ ବିଦେଶୀ ପରିବା। ଆମ ପରିବର୍ତ୍ତିତ ଚଳଣି ଓ ଖାଦ୍ୟ ରୁଚିରେ ଆଳୁ ହୋଇଗଲା ଶ୍ରେଷ୍ଠ ପରିବା ବା ପରିବା ଭିତରେ ରାଜା। ପାରମ୍ପରିକ ଖାଦ୍ୟଠାରୁ ଦୂରେଇ ଯିବା ଫଳରେ ମାଡ଼ି ଆସିଲା ନୂଆ ନୂଆ ବ୍ୟାଧି। ଖାଦ୍ୟ ରୁଚି ସହିତ ଯୋଡ଼ି ହୋଇଗଲା ସ୍ୱାସ୍ଥ୍ୟ ସଙ୍କଟ।

**ଅବସରପ୍ରାପ୍ତ ଅଧ୍ୟକ୍ଷ, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ଶାନ୍ତି ପଥରେ ପ୍ରତିବନ୍ଧକ

ଏକ ମାସରୁ ଅଧିକ ସମୟର ଘମାଘୋଟ ଯୁଦ୍ଧ, ଯାହା ଦ୍ରୁତ ଗତିରେ ମଧ୍ୟପ୍ରାଚ୍ୟର ପ୍ରାୟ ସବୁ ରାଷ୍ଟ୍ରକୁ ସମ୍ପ୍ରସାରିତ ହୋଇ ଯାଇଥିଲା, ବିଶ୍ୱର ଶକ୍ତି, ରାସାୟନିକ ସାର ଏବଂ ଆହୁରି ଅନେକ ଜିନିଷ ଯୋଗାଣକୁ ବନ୍ଦ କରି ଦେଇଥିଲା ଏବଂ ବିଶ୍ୱ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରି ଦେଇଥିଲା, ତା' ପରେ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇରାନ୍ ଏକ ସର୍ତ୍ତମୂଳକ ଦୁଇ ସପ୍ତାହର ଯୁଦ୍ଧ ବିରତି ପାଇଁ ରାଜି ହୋଇଛନ୍ତି। ତେବେ ଏହି ସାମୟିକ ବିରତି ଯୁଦ୍ଧରେ ସମ୍ପୃକ୍ତ ସମସ୍ତ ପକ୍ଷଙ୍କ ପାଇଁ ଏକ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଦିଗରେ ପଥ କଢ଼ାଇ ନେବ କି, ନା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇ ସାରିଥିବା ଅସହମତି ଇରାନ୍ ଯୁଦ୍ଧ ୨.୦ ଆଡ଼କୁ ଆଗେଇ ନେବ, ତାହା ହେଉଛି ବର୍ତ୍ତମାନ ସମୟର ବଡ଼ ପ୍ରଶ୍ନ, ଯେତେବେଳେ କି ଇରାନ୍ ଇସ୍‌ଲାମାବାଦଠାରେ ଅନୁଷ୍ଠିତ ହେବାକୁ ଥିବା ଶାନ୍ତି ପ୍ରତିଷ୍ଠା ଆଲୋଚନାରେ ଅଂଶଗ୍ରହଣ କରିବାକୁ କେତେକ ସର୍ତ୍ତ ରଖି ସେଥିରୁ ଅନୁପସ୍ଥିତ ରହିଛି! ଇସ୍ରାଏଲ ଏବଂ ଆମେରିକା ସେମାନଙ୍କ ଜିଦ୍‌ରେ ଅଟଳ ରହିଛନ୍ତି ଯେ ଏହି ଯୁଦ୍ଧ ବିରତି ଲେବାନନ୍ ପାଇଁ ଲାଗୁ ହେଉନାହିଁ, ଯାହା ଏବେ ସୁଦ୍ଧା ଆକ୍ରମଣର ଶିକାର ହୋଇ ଚାଲିଛି, ଏମିତିକି ଇରାନ୍‌ର ଅଧିକାଂଶ ମିସାଇଲ ଏବଂ ଡ୍ରୋନ୍ ନିଷ୍କ୍ରିୟ ହୋଇ ରହିଥିବା ସତ୍ତ୍ୱେ। କିନ୍ତୁ ଇରାନ୍ ମଧ୍ୟ ନିଜକୁ ଦୋଷୀ ରୂପରେ ସଜାଉଛି ଉପସାଗରୀୟ ରାଷ୍ଟ୍ରମାନଙ୍କ ଉପରେ ଲକ୍ଷ୍ୟବଦ୍ଧ କରି, ଯେତେବେଳେ କି ଯୁଦ୍ଧ ବିରତିର ଡାକରା ଦିଆଯାଇ ସାରିଛି। ବର୍ତ୍ତମାନ ସୁଦ୍ଧା ଆକ୍ରମଣାତ୍ମକ କାର୍ଯ୍ୟକଳାପ ବନ୍ଦ କରିବା କ୍ଷେତ୍ରରେ ଆମେରିକା ଏକମାତ୍ର ରାଷ୍ଟ୍ର ହୋଇ ରହିଛି। ସତ କହିବାକୁ ଗଲେ, ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଯେ ପର୍ଯ୍ୟନ୍ତ ତାଙ୍କର ଯୁଦ୍ଧଖୋର ମନୋବୃତ୍ତିରୁ ଓହରିବାକୁ ବାଧ କରାଯାଇ ନାହିଁ ଏବଂ ଏକ ବୃହତ୍ତର ଇସ୍ରାଏଲ ପ୍ରତିଷ୍ଠା କରିବା ପାଇଁ ରହିଥିବା ତାଙ୍କ ସ୍ୱପ୍ନକୁ ସାକାର କରିବା ବେଳେ ପାକ୍ସ ଯୁଦାଇକା ପୂରଣ କରିବା ଦିଗରେ ଏହି ଅନ୍ତରୀଣ ବିରତିକୁ ବ୍ୟବହାର କରାଯାଇ ନାହିଁ, ସେ ପର୍ଯ୍ୟନ୍ତ ଏହି ଅଞ୍ଚଳରେ ଯେ କୌଣସି ମୁହୂର୍ତ୍ତରେ ପୁଣିଥରେ ଯୁଦ୍ଧ ଆରମ୍ଭ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ। ବର୍ତ୍ତମାନ ସୁଦ୍ଧା ଆମେରିକାର ରାଷ୍ଟ୍ରପତି ଅନୁଭବ କରି ସାରିଲେଣି ଯେ ଇସ୍ରାଏଲ କଥାରେ ପଡ଼ି ଇରାନ୍ ଉପରେ ଆକ୍ରମଣ କରି ସେ ତାଙ୍କ ଶାସନ କାଳର ସର୍ବାଧିକ ନିର୍ବୋଧ ଭୁଲ୍ ସାମରିକ ଦୁଃସାହସ ପ୍ରଦର୍ଶନ କରି ଏଭଳି ଏକ ପରିସ୍ଥିତିରୁ ବାହାରି ଯିବାକୁ ଛଟପଟ ହେଉଛନ୍ତି, ଯେଉଁଠି ତୈଳ ଦର ଯଥେଷ୍ଟ ବୃଦ୍ଧି ପାଇଛି, ତାଙ୍କ ସମର୍ଥକମାନଙ୍କର ଧୈର୍ଯ୍ୟର ପରୀକ୍ଷା ହୋଇ ସାରିଛି ଏବଂ ତାଙ୍କର ରାଜନୀତିକ ସ୍ଥିତି ବିପଦାପନ୍ନ ହୋଇ ସାରିଛି।

ଇରାନ୍ ଯୁଦ୍ଧ ପାଇଁ ବିରତି ନିମନ୍ତେ ରାଜି ହେବାର ଗୋଟିଏ ଦିନ ପରେ ଏହାର ରାଜଧାନୀ ବିରୁଟ୍ ଉପରେ ବୋମା ମାଡ଼ କରି ହାରାହାରି ୩୦୦ ଲୋକଙ୍କୁ ମାରିବା ବେଳେ ନିଜର ଜିଦ୍‌କୁ ବଜାୟ ରଖିବା ପାଇଁ ଲେବାନନ୍‌ରେ ବଫର ଜୋନ୍‌କୁ ସମ୍ପ୍ରସାରିତ କରିବା ଭଳି କାର୍ଯ୍ୟ କରିଥିବା ଯୋଗୁଁ ଇସ୍ରାଏଲକୁ ପ୍ରମୁଖ ଦୋଷୀ ବୋଲି କହିବା ଅସମୀଚୀନ ହେବନାହିଁ। ଗାଜା ନଗରୀ ଭଳି ବିରୁଟ୍‌ର କିଛି ଅଂଶ ଦେଖାଯିବା ନିମନ୍ତେ ଏହା ଯେ ଉଦ୍ୟମ କରୁଛି, ତାହା ବେଶ୍ ସ୍ପଷ୍ଟ। ଇରାନ୍ ମଧ୍ୟ ତା'ର ଯୁଦ୍ଧଖୋର ମନୋବୃତ୍ତିକୁ ପ୍ରଦର୍ଶନ କରିବାକୁ ଏହି ଅଞ୍ଚଳରେ ଅନ୍ୟାନ୍ୟ ମୁସଲମାନ ବହୁଳ ରାଷ୍ଟ୍ରଗୁଡ଼ିକ ଉପରେ ତା'ର ଆକ୍ରମଣ ଜାରି ରଖି ସୀମା ଲଂଘନ କରୁଛି। ଇରାନ୍ ଦ୍ୱାରା ପାଷ୍ଟି ଏବଂ ଅସ୍ତ୍ରଶସ୍ତ୍ର ପାଉଥିବା ଏହାର ଏକ ପ୍ରକ୍ସି ହେଜବୋଲ୍ଲା ଗୁରୁତ୍ୱାରୋପ କରୁଛି ଯେ ୱାଶିଂଟନ୍‌ଠାରେ ହେବାକୁ ଥିବା ପ୍ରସ୍ତାବିତ ଶାନ୍ତି ଆଲୋଚନାରେ ଲେବାନନ୍ ସରକାର ଏହାର ଉଚିତ୍ ପ୍ରତିନିଧିତ୍ୱ କରି ପାରିବ ନାହିଁ ଏବଂ ଲେବାନନ୍‌ରେ ନିଜର ଏକ ରାଜନୀତିକ ସ୍ଥିତି ସହିତ ଇରାନ୍ ଏହି ଆତଙ୍କୀ ଗୋଷ୍ଠୀ ଉପରେ ଲଗାମ୍ କଷିବାର ଦାୟିତ୍ୱ ନେବା ଉଚିତ। ଯେ ପର୍ଯ୍ୟନ୍ତ ଏହି ସମଗ୍ର ଅଞ୍ଚଳରେ ବୋମା, ମିସାଇଲ, ବନ୍ଧୁକ ଏବଂ ଡ୍ରୋନ୍‌ଗୁଡ଼ିକର ଗର୍ଜନକୁ ସମ୍ପୂର୍ଣ୍ଣ ରୂପେ ଶାନ୍ତ କରାଯାଇ ନାହିଁ, ସେ ପର୍ଯ୍ୟନ୍ତ ଇସଲାମାବାଦ ହେଉ କି ୱାଶିଂଟନ୍‌ରେ ପ୍ରସ୍ତାବିତ ଶାନ୍ତି ଆଲୋଚନାରେ ହେବାର ସମ୍ଭାବନା କ୍ଷୀଣ ଏବଂ ସେଥିପାଇଁ ଏହାକୁ ନେଇ କିଛି ନୂଆ ଆଶା କରିବା ମଧ୍ୟ ଅମୂଳକ। ଶ୍ରୀଯୁକ୍ତ ଟ୍ରମ୍ପ୍ ହୁଏତ ଦାବି କରି ପାରନ୍ତି ଯେ ସେ ଲେବାନନ୍ ଉପରେ ଆକ୍ରମଣ ବନ୍ଦ କରିବାକୁ ଶ୍ରୀଯୁକ୍ତ ନେତାନ୍ୟାହୁଙ୍କୁ କହିଛନ୍ତି, କିନ୍ତୁ ସମ୍ପୃକ୍ତ ଅଞ୍ଚଳରେ ପ୍ରକୃତ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଇସ୍ରାଏଲର ଇଚ୍ଛା ରହିଛି ବୋଲି ପ୍ରମାଣିତ କରିବାରେ କ୍ଷେତ୍ର ସ୍ତରର ସ୍ଥିତି ବିଫଳ ହୋଇଛି।

ହର୍ମୁଜ୍ ପ୍ରଣାଳୀ ଦେଇ ଯୁଦ୍ଧ ପୂର୍ବରୁ ଦୈନିକ ପ୍ରାୟ ୩୦୦ ଜାହାଜ ଚଳାଚଳ କରୁଥିବା ବେଳେ ଏବେ ଇରାନ୍ ସେହି ବାଟ ଦେଇ ଦୈନିକ ମାତ୍ର ୧୫ଟି ଜାହାଜ ଛାଡ଼ିବାକୁ ଅନୁମତି ଦେବା ପାଇଁ କହିବା ଇରାନ୍‌ର ଅସ୍ଥିରତାକୁ ସୂଚାଉଛି, ଯାହା ହେଉଛି ଏକ ପ୍ରମୁଖ ପ୍ରସଙ୍ଗ। ସମଗ୍ର ବିଶ୍ୱ ଏହା ଦ୍ୱାରା ପ୍ରଭାବିତ ହେଉଛି ଏବଂ ଯେ ପର୍ଯ୍ୟନ୍ତ ନିରାପଦରେ ସବୁ ଜାହାଜ ଚଳାଚଳ କରିବାର ଦୃଢ଼ ପ୍ରତିଶ୍ରୁତି ପ୍ରଦାନ କରା ନ ଯାଇଛି, ଇରାନ୍ ଏବଂ ଓମାନ୍ ଦ୍ୱାରା ଟୋଲ୍ ଫି ଆଦାୟ କରାଯିବା ବା ନ କରାଯିବା ନିର୍ବିଶେଷରେ ଶାନ୍ତି ଆଲୋଚନାର କିଛି ଅର୍ଥ ରହିବ ନାହିଁ। ଏହି ଯୁଦ୍ଧରେ ସମ୍ପୃକ୍ତ ହୋଇ ନଥିବା ଅବଶିଷ୍ଟ ବିଶ୍ୱ ଯାହା ବୁଝେ, ତାହା ହେଉଛି- ପ୍ରଥମେ ଶତ୍ରୁତାପୂର୍ଣ୍ଣ ମନୋଭାବର ପରିସମାପ୍ତି ଘଟିବା ଉଚିତ, ଯେଉଁଥିରେ ବିଫଳ ହେବାର ଅର୍ଥ ହେଉଛି କୌଣସି ପ୍ରକାରର ଯୁଦ୍ଧ ବିରତିର କିଛି ଅର୍ଥ ନାହିଁ କି ଶାନ୍ତି ପ୍ରତିଷ୍ଠା ହେବା ସେଯାଏଁ ସମ୍ଭବପର ହେବନାହିଁ। ଆଉ ଏହି କ୍ଷେତ୍ରରେ ଏତେ ସଂଖ୍ୟକ ବଡ଼ ବଡ଼ ପ୍ରସଙ୍ଗ ରହିଛି ଯେ ସେସବୁ ଶୀଘ୍ର ସମାଧାନ ହୋଇଯିବା ନେଇ ମନରୁ ସନ୍ଦେହ ଦୂର କରିବାକୁ ସକ୍ଷମ ନୁହେଁ। ମୁଖ୍ୟତଃ ଶ୍ରୀଯୁକ୍ତ ନେତାନ୍ୟାହୁଙ୍କର ଉଚ୍ଚାକାଂକ୍ଷା ଏବଂ ତାଙ୍କର ରାଜନୀତିକ କ୍ଷମତା ବଜାୟ ରଖିବାର ଅଦମ୍ୟ ଇଚ୍ଛା ହିଁ ଇରାନ୍ ଏବଂ ସମଗ୍ର ଅଞ୍ଚଳକୁ ଅଶାନ୍ତ କରିବାର କାରଣ। ଇରାନ୍‌ର ମୋଜ୍‌ତାବା ଖାମେନେଇ ଏବଂ ଆମେରିକାର ଟ୍ରମ୍ପ୍ ଏବଂ ହେଗ୍‌ସେଠ୍ ହୁଏତ ଯୁଦ୍ଧରେ ସେମାନଙ୍କର ବିଜୟ ହୋଇଛି ବୋଲି ଦାବି କରି ପାରନ୍ତି, କିନ୍ତୁ ଯେ ପର୍ଯ୍ୟନ୍ତ ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇନାହିଁ କି ଶାନ୍ତି ପ୍ରତିଷ୍ଠା ଉପରେ ପ୍ରାଥମିକତା ଦିଆଯାଇ ନାହିଁ, ସେ ପର୍ଯ୍ୟନ୍ତ ଏହି ଦାବିର କୌଣସି ଅର୍ଥ ହିଁ ନାହିଁ।

# ଦାସ୍ୟଭକ୍ତିର ଶ୍ରେଷ୍ଠ ଆଚାର୍ଯ୍ୟ ଶ୍ରୀହନୁମାନ



**ଅନନ୍ତ ଗୋପାଳ ପଣ୍ଡା**

କେଉଁ ଏକ ସ୍ମରଣାତୀତ କାଳରୁ ଦେବଭୂମି, ପୁଣ୍ୟଭୂମି ଭାରତବର୍ଷରେ ଭକ୍ତି ପରାକାଷ୍ଠାର ଅସୀମ ସୌରଭକୁ ପରିବ୍ୟାପ୍ତ କରୁଥିବା ଭକ୍ତଶ୍ରେଷ୍ଠ ଆଞ୍ଜନେୟଙ୍କ ଉପାସନାର ବିଧି ରହିଛି ପ୍ରଚଳିତ। ଭାରତୀୟ ସଂସ୍କୃତି, ଦର୍ଶନ, ଐତିହ୍ୟ, ପରମ୍ପରା ଓ ମର୍ଯ୍ୟାଦାବୋଧର ପ୍ରତୀକ ରାମାୟଣର ଅନ୍ୟତମ ଆକର୍ଷଣର କେନ୍ଦ୍ରବିନ୍ଦୁ ହେଉଛନ୍ତି ଭକ୍ତପ୍ରବର ଶ୍ରୀମହାବୀର। ପ୍ରଭୁ ଶ୍ରୀରାମଙ୍କ ପ୍ରତି ଥିବା ତାଙ୍କର ଐକାନ୍ତିକ ଭକ୍ତି ଓ ସେବା ମନୋଭାବ ତାଙ୍କୁ ଭକ୍ତଶ୍ରେଷ୍ଠ ଆସନରେ କରାଇଛି ଆସୀନ। ଶ୍ରୀମଦ୍ ଭାଗବତ ମହାପୁରାଣ ଏବଂ ଶ୍ରୀରାମଚରିତ ମାନସରେ ବର୍ଣ୍ଣିତ ନବଧା ଭକ୍ତି ମଧ୍ୟରୁ ଦାସ୍ୟ ଭକ୍ତିର ପ୍ରତୀକ ହେଉଛନ୍ତି ପବନପୁତ୍ର ହନୁମାନ। ମାରୁତିଙ୍କର ଶ୍ରେଷ୍ଠତ୍ୱ ଅନ୍ତରାଳରେ ରହିଛି ମୁଖ୍ୟତଃ ଚାରି ଗୋଟି କାରଣ। ସେହି କାରଣଗୁଡ଼ିକ ହେଲା- ୧) ସେ ହେଉଛନ୍ତି ଅତୁଳନୀୟ ବଳ ବିକ୍ରମର ଅଧିକାରୀ, ଯାହା ଯୁଗେ ଯୁଗେ ହୋଇଛି ପ୍ରମାଣିତ। ୨) ସେ ଜ୍ଞାନର ସୀମାହୀନ ସାଗର, ୩) ସେ ସମସ୍ତ ସଦ୍‌ଗୁଣର ଅଧିକାରୀ, ୪) ସେ ହେଉଛନ୍ତି ସମର୍ପିତ ପ୍ରଭୁ ଭକ୍ତି ପରାୟଣ। ଏହିସବୁ କ୍ଷମତା ଓ ଦିବ୍ୟ ଗୁଣର ଅଧିକାରୀ ହୋଇଥିବାରୁ ସେ ପ୍ରଭୁ ଶ୍ରୀରାମଙ୍କ କୃପାରୁ ହେଲେ ଅଜର ଓ ଅମର। ସତ୍ୟ ଯୁଗର ବଳୀ, ତ୍ରେତୟାର ପର୍ଶୁରାମ, ବିଭୀଷଣ, ଦ୍ୱାପରରେ କୃପାଚାର୍ଯ୍ୟ, ବ୍ୟାସଦେବ ଓ ଅଶ୍ୱତ୍ଥମାଙ୍କ ପରି ସପ୍ତ ଚିରଞ୍ଜୀବୀଙ୍କ ମଧ୍ୟରେ ସେ ମଧ୍ୟ ହୋଇଛନ୍ତି ସ୍ଥାନିତ। ହନୁମାନଙ୍କ ଜନ୍ମ ସମ୍ପର୍କରେ ଏକାଧିକ ଆଖ୍ୟାୟିକା ବିଭିନ୍ନ ପୁରାଣରେ ହୋଇଛି ବର୍ଣ୍ଣିତ। ସମୁଦ୍ର ମନ୍ଥନ ସମୟରେ ବିଷ୍ଣୁଙ୍କ ମାୟା ମୋହିନୀ ରୂପ ସନ୍ଦର୍ଶନରେ ଶିବ ମୋହିତ ହେବାରୁ ତାଙ୍କ ଶରୀରରୁ ସ୍ଖଳିତ ବ୍ରହ୍ମ ଜ୍ୟୋତିକୁ ପବନ ଦେବ ନେଇ ଯମଦଗ୍ନିଙ୍କ ହୋମକୁଣ୍ଡରେ ଲୁଚାଇ ରଖି ପର ଅବସ୍ଥାରେ ଶୟନରତ ଅଞ୍ଜନାଙ୍କ ଗର୍ଭରେ କଲେ ସ୍ଥାପନ। ଫଳ ସ୍ୱରୂପ, କିଛି ଦିନ ପରେ ଅଞ୍ଜନାଙ୍କ ଗର୍ଭରୁ ପବନ ପୁତ୍ରଙ୍କର ହେଲା ଜନ୍ମ। ସନ୍ଥ ଏକନାଥଙ୍କ ଭାବାର୍ଥ ରାମାୟଣ ଅନୁସାରେ, ଦଶରଥଙ୍କ ଦ୍ୱାରା ପୁତ୍ରେଷ୍ଟି ଯଜ୍ଞରୁ ଉଦ୍ଭବ ଚରୁ ଅନ୍ନକୁ ରାଜା ରାଣୀମାନଙ୍କୁ ପ୍ରଦାନ କରିବା ସମୟରେ ଏକ କାକ ତନ୍ମଧ୍ୟରୁ କିଛି ଅଂଶ ଝାମ୍ପିନେଇ ତପସ୍ୟାରତା ଅଞ୍ଜନାଙ୍କ ଆଞ୍ଜୁଳିରେ ପକାଇ ଦେଲେ। ଅଞ୍ଜନା ତାହା ଭକ୍ଷଣ କରିବାରୁ ହେଲେ ଗର୍ଭବତୀ ଏବଂ ତାଙ୍କ କୋଳରେ ଜନ୍ମ ନେଲେ ପ୍ରଭୁ ହନୁମାନ।

ଆଞ୍ଜନେୟଙ୍କ ଜନ୍ମ ପରର ଘଟଣାବଳୀ ମଧ୍ୟ ଦିବ୍ୟ ତଥା ଆଲୌକିକ। କ୍ଷୁଧା ନିବାରଣ ନିମିତ୍ତ ହନୁମାନ ସୂର୍ଯ୍ୟଙ୍କୁ ଭକ୍ଷଣ କରନ୍ତେ ଇନ୍ଦ୍ରଙ୍କ ବଜ୍ରାଘାତରେ ହେଲେ ଭୂପତିତ। ତାଙ୍କ ମୁଖମଣ୍ଡଳର ହନୁ ଅସ୍ଥି ହେଲା ଆଘାତପ୍ରାପ୍ତ ଏବଂ ସେ ହେଲେ ଚେତାଶୂନ୍ୟ। ଏଥିରେ କ୍ରୋଧାନ୍ୱିତ ହୋଇ ପବନ ଦେବ ବାୟୁ ପ୍ରବାହ ବନ୍ଦ କରିବାରୁ ଇନ୍ଦ୍ରଙ୍କ ସହିତ ସମସ୍ତ ଦେବତାଙ୍କ ଆଶିଷରୁ ଫେରି ପାଇଲେ ସମ୍ବିତ୍ ଏବଂ ଶରୀର ବଜ୍ରଠାରୁ ହେଲା ଅଧିକ ଶକ୍ତିଶାଳୀ। ନାମ ହେଲା ବଜରଙ୍ଗବଲି। ବ୍ରହ୍ମାଙ୍କ ବରଦାନ ଦ୍ୱାରା ସେ ହେଲେ ଅମିତ ବିକ୍ରମଶାଳୀ ମହାବୀର। ସେହିପରି ଅଶୋକ ବାଟିକାରେ ସୀତା ମାତାଙ୍କୁ ଭେଟି ଶ୍ରୀରାମଙ୍କ ପ୍ରଦତ୍ତ ରତ୍ନ ମୁଦ୍ରିକା ପ୍ରଦାନ କରିବା ଅବସରରେ ମା' ଜାନକୀଙ୍କ ଆଶୀର୍ବାଦ ଫଳରେ ହୋଇଥିଲେ ଅଷ୍ଟ ସିଦ୍ଧି ଓ ନବ ନିଧିର ଅଧିକାରୀ। ଏହି ଅଷ୍ଟ ସିଦ୍ଧି ହେଉଛନ୍ତି ଅଣିମା, ଲଘିମା, ମହିମା, ଗରିମା, ପ୍ରାପ୍ତି, ପ୍ରାକାମ୍ୟ, ଈଶିତ୍ୱ ଓ ବଶିତ୍ୱ। ସେହିପରି ନବ ନିଧି ହେଉଛନ୍ତି ପଦ୍ମନିଧି, ମହାପଦ୍ମନିଧି, ନୀଳନିଧି, ମୁକୁନ୍ଦନିଧି, ନନ୍ଦନିଧି, ମକର ନିଧି, କଚ୍ଛପ ନିଧି, ଶଙ୍ଖନିଧି ଓ ଖର୍ବ ନିଧି।

ପବନ ପୁତ୍ର ହେଉଛନ୍ତି ସୁଗ୍ରୀବ ରୂପୀ ଜୀବ ସହିତ ପରମ ରୂପୀ ଶ୍ରୀରାମଙ୍କ ସଂଯୋଗର ସେତୁ ସଦୃଶ। 'ରାମ କାଜ ଲାଗି ତବ ଅବତାରା' ନ୍ୟାୟରେ ମାରୁତିଙ୍କ ଲାଗି ସୀତା ମାତାଙ୍କ ସନ୍ଧାନ ସହିତ ଲଙ୍କା ଦହନ ହୋଇଥିଲା ସମ୍ଭବ। ସେତୁବନ୍ଧ ନିର୍ମାଣର ସେ ଥିଲେ ଅନ୍ୟତମ ସାରଥି। ସୂର୍ଯ୍ୟୋଦୟ ପୂର୍ବରୁ ଦ୍ରୋଣାଚଳ ପର୍ବତକୁ ସୁଦୂର ହିମାଳୟରୁ ସ୍ୱହସ୍ତରେ ବହନ କରିଆଣି ସଂଜୀବନୀ ଲତା ପ୍ରଦାନପୂର୍ବକ ଲକ୍ଷ୍ମଣଙ୍କର କରିଥିଲେ ପ୍ରାଣରକ୍ଷା। ନିକୁମ୍ଭିଲା ଗଡ଼ରେ ଇନ୍ଦ୍ରଜିତ କରୁଥିବା ଯଜ୍ଞସ୍ଥଳୀକୁ ହନୁମାନ ହିଁ କରିଥିଲେ ଧ୍ୱସ୍ତବିଧ୍ୱସ୍ତ। ଏତଦ୍ ବ୍ୟତୀତ ସେ ମଧ୍ୟ ସାଜିଥିଲେ ମହୀରାବଣର ମୃତ୍ୟୁର କାରଣ। ଦ୍ୱାପର ଯୁଗରେ ନନ୍ଦିଘୋଷ ରଥର ଶୀର୍ଷରେ ମାରୁତି ଅବସ୍ଥାନପୂର୍ବକ ଅର୍ଜୁନଙ୍କ ବିଜୟ ପଥକୁ କରିଥିଲେ କୁସୁମିତ। ତାଙ୍କ ଦୟାରୁ ଗୋସ୍ୱାମୀ ତୁଳସୀ ଦାସ ପ୍ରଭୁ ଶ୍ରୀରାମ ଲକ୍ଷ୍ମଣଙ୍କର ଲାଭ କରିଥିଲେ ପ୍ରତ୍ୟକ୍ଷ ଦର୍ଶନ। ଏଥି ସହିତ ସେ ଅର୍ଜୁନ ଓ ଭୀମଙ୍କ ଅହଙ୍କାରର ସାଜିଥିଲେ ପତନର କାରଣ। ସେହିପରି ମହାପ୍ରଭୁ ଜଗନ୍ନାଥଙ୍କର ଅନନ୍ୟ ଭକ୍ତ ଭାବରେ ସେ ଚକ୍ରରାଜ ସୁଦର୍ଶନ ଓ ବାହନ ଗରୁଡ଼ଙ୍କର ଗର୍ବକୁ କରିଥିଲେ ଚୂର୍ଣ୍ଣୀଭୂତ। ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ହନୁମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଚାରି ଦ୍ୱାରରେ ଚାରି ମହାବୀର ସଦା ଜାଗ୍ରତ। ପୂର୍ବ ଦ୍ୱାରରେ 'ଫତେ' ମହାବୀର, ପଶ୍ଚିମ ଦ୍ୱାରରେ 'କାନପତା' ମହାବୀର, ଉତ୍ତରରେ 'ତପସ୍ୱୀ' ମହାବୀର ଏବଂ ଦକ୍ଷିଣ ଦ୍ୱାରରେ 'ବାରଭାଇ' ମହାବୀର ମହାପ୍ରଭୁଙ୍କ ସେବାରେ ଲିପ୍ତ। ଏହା ବ୍ୟତୀତ ପଞ୍ଚକୋଶୀ ମଧ୍ୟରେ ଅନେକ ମହାବୀର ଯଥା- ଦରିଆ ମହାବୀର, ସିଦ୍ଧ ମହାବୀର, ଶିରୁଳୀ ମହାବୀର, ବର୍ଗୀ ମହାବୀର ଇତ୍ୟାଦି ବିରାଜମାନ ହୋଇ ଶ୍ରୀକ୍ଷେତ୍ରର ସୁରକ୍ଷା ପ୍ରତି ସଦା ରହିଛନ୍ତି ସଚେତନ।

'ଯତ୍ର ଯତ୍ର ରଘୁନାଥ କୀର୍ତ୍ତନଂ ତତ୍ର ତତ୍ର କୃତ ମସ୍ତକାଞ୍ଜଳିମ୍' ନ୍ୟାୟରେ ଚିନ୍ତା ଚେତନାରେ, ଭାବନା କଳ୍ପନାରେ ଏବଂ ହୃଦୟ ମଧ୍ୟରେ ସୀତାରାମଙ୍କୁ ଧାରଣ କରିଥିବା ସଂଯମର ଚଳନ୍ତି ପ୍ରତିମା, ଭକ୍ତଜନଙ୍କର ସଂକଟହାରୀ, ପ୍ରଭୁ ଶ୍ରୀରାମଙ୍କ ଅନନ୍ୟ ସେବକ, ଦାସ୍ୟ ଭକ୍ତିର ଆଚାର୍ଯ୍ୟ, ପରମଜ୍ଞାନୀ ଅମିତ ବିକ୍ରମଶାଳୀ ପବନ ପୁତ୍ର ହନୁମାନଙ୍କ ଜୟନ୍ତୀ ଅବସରରେ ସେହି ଭକ୍ତାଗ୍ରଗଣ୍ୟଙ୍କ ଚରଣ କମଳରେ ଅନନ୍ତ କୋଟି ପ୍ରଣାମ।

**ଶ୍ରୀକ୍ଷେତ୍ର ବିହାର, ଭୁବନେଶ୍ୱର**
**ମୋ: ୯୮୬୧୪୭୦୧୯୮**

# ଓଡ଼ିଆ ଅସ୍ମିତାର ପର୍ବ ଓଡ଼ିଆ ନବ ବର୍ଷ



**ଚିତ୍ତରଞ୍ଜନ ପୃଷ୍ଟି**

ପୁଣ୍ୟଭୂମି ଭାରତରେ ଓଡ଼ିଶା ମହାନ ସଂସ୍କୃତି ଓ ପରମ୍ପରାର ଦେବଭୂମି ରୂପେ ପ୍ରସିଦ୍ଧ। ଜଗନ୍ନାଥ ସଂସ୍କୃତିକୁ ନେଇ ଓଡ଼ିଆମାନେ ବିଭିନ୍ନ ପର୍ବପର୍ବାଣି ପାଳନ କରିଥାନ୍ତି। ବର୍ଷର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପର୍ବ ପାଳନ କରି ଓଡ଼ିଆମାନେ ନିଜର ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁଣ୍ଣ ରଖିଥାନ୍ତି। ମାନବ ଜୀବନ ସର୍ବଦା କର୍ମମୟ। ଏହି କର୍ମମୟ ଜୀବନ ଭିତରେ ମଣିଷ ଚାହେଁ କ୍ଲାନ୍ତିର ଲାଘବ ଓ ଶାନ୍ତି। ଏହି ଉଦ୍ଦେଶ୍ୟରେ ସୃଷ୍ଟି କରାଯାଇଛି ପର୍ବପର୍ବାଣି। ପର୍ବପର୍ବାଣିଗୁଡ଼ିକ ଆମ ପାଇଁ ଆଣିଦିଏ ଅବସର ଓ ଉପଭୋଗର ସୁଯୋଗ। ପର୍ବ ଓଡ଼ିଆ ସଂସ୍କୃତି, ପରମ୍ପରା ତଥା ଓଡ଼ିଆ ଅସ୍ମିତାର ପରିଚୟ।

ଉତ୍କଳୀୟ ପରମ୍ପରା ଅନୁସାରେ ଓଡ଼ିଆମାନେ ବାର ମାସରେ ତେର ପର୍ବ ପାଳନ କରିଥାନ୍ତି। ତନ୍ମଧ୍ୟରୁ ମହାବିଷୁବ ସଂକ୍ରାନ୍ତି ତଥା ପଣା ସଂକ୍ରାନ୍ତି ଅନ୍ୟତମ। ପଣା ସଂକ୍ରାନ୍ତି (ମହାବିଷୁବ ସଂକ୍ରାନ୍ତି)କୁ ଓଡ଼ିଆ ନବ ବର୍ଷ ଭାବରେ ପାଳନ କରାଯାଏ। ପଣା ସଂକ୍ରାନ୍ତିରେ ଅନ୍ୟ ନୂତନ ବର୍ଷ ଭଳି ଏକ ପୁରୁଣା ବର୍ଷକୁ ବିଦାୟ ଦେଇ ନୂତନ ବର୍ଷକୁ ସ୍ୱାଗତ କରାଯାଇଥାଏ। ଏହା ସାଧାରଣତଃ ଏପ୍ରିଲ ୧୪ ତାରିଖ ବୈଶାଖ ମାସ ପ୍ରଥମ ଦିନରେ ପଡ଼ିଥାଏ। ଏହି ଦିନଠାରୁ ବସନ୍ତ ଋତୁ ଶେଷ ଓ ଗ୍ରୀଷ୍ମ ଋତୁର ଆରମ୍ଭ ହୋଇଥାଏ। ବୈଶାଖ ମାସ (ଏପ୍ରିଲ-ମେ')ର ସଂକ୍ରାନ୍ତିକୁ ମେଷ ସଂକ୍ରାନ୍ତି କୁହାଯାଏ। ପୃଥିବୀର କ୍ରାନ୍ତି ପଥକୁ ୧୨ ଭାଗ ବା ୧୨ ମାସ କିମ୍ବା ୧୨ ରାଶିରେ ବିଭକ୍ତ କରାଯାଇଥାଏ। ଏଣୁ ବୈଶାଖ ମାସ ବା ମେଷ ସଂକ୍ରାନ୍ତିଠାରୁ ନୂତନ ବର୍ଷ ଆରମ୍ଭ ହୋଇଥାଏ। ଏହି ଦିନ ସୂର୍ଯ୍ୟ ବିଷୁବ ରେଖା ଉପରେ ଥିବାରୁ ଏହାକୁ ବିଷୁବ ସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ। ସୂର୍ଯ୍ୟଙ୍କର ଏକ ରାଶିରୁ ଅନ୍ୟ ରାଶିକୁ ଗମନକୁ ସଂକ୍ରାନ୍ତି କୁହନ୍ତି। ପ୍ରତି ଇଂରାଜୀ ମାସର ୧୩ ତାରିଖଠାରୁ ୧୫ ତାରିଖ ମଧ୍ୟରେ ସୂର୍ଯ୍ୟ ଗୋଟିଏ ରାଶିରୁ ଅନ୍ୟ ଏକ ରାଶିକୁ ଗମନ କରିବା ଯୋଗୁଁ ସୂର୍ଯ୍ୟଙ୍କର ସଂକ୍ରମଣ କ୍ରିୟା ବା ସଂକ୍ରାନ୍ତି ହୁଏ। ଓଡ଼ିଆ ପଞ୍ଜିକାର ଗଣନା ଅନୁସାରେ ମହାବିଷୁବ ସଂକ୍ରାନ୍ତିକୁ ହିଁ ବର୍ଷର ପ୍ରଥମ ସଂକ୍ରାନ୍ତି ଭାବରେ ଗ୍ରହଣ କରାଯାଏ। ମହାବିଷୁବ ସଂକ୍ରାନ୍ତିର ପବିତ୍ର ଅବସର ଓଡ଼ିଆମାନଙ୍କ ଲାଗି ବର୍ଷର ପ୍ରଥମ ଦିନ। ଓଡ଼ିଶାରେ ମହାବିଷୁବ ସଂକ୍ରାନ୍ତିର ମହତ୍ତ୍ୱ ସ୍ୱତନ୍ତ୍ର। କାରଣ, ଏହା ସହିତ ଯୋଡ଼ିହୋଇ ରହିଛି କଳା, ସଂସ୍କୃତି, ପରମ୍ପରା, ଚଳଣି ଓ ଆଞ୍ଚଳିକ ଧର୍ମ ଧାରଣା। ପୁରାଣ ଅନୁସାରେ, ମହାବୀର ହନୁମାନ ବିଷୁବ ସଂକ୍ରାନ୍ତିରେ ଜନ୍ମଗ୍ରହଣ କରିଥିଲେ। ସେ ଦେବଦେବ ମହାଦେବଙ୍କ ପରମ ଭକ୍ତ। ତେଣୁ ହିନ୍ଦୁମାନଙ୍କ ପାଇଁ ଏହା ଏକ ଅତ୍ୟନ୍ତ ପବିତ୍ର ଦିବସ। ଏହି ଦିବସକୁ ଓଡ଼ିଆମାନେ ହନୁମାନ ଜୟନ୍ତୀ ଭାବେ ପାଳିଥାନ୍ତି। ଓଡ଼ିଆ ସଂସ୍କୃତି ଓ କାଳ ଗଣନାରେ ଗୋଟିଏ ବର୍ଷ ବୈଶାଖରୁ ଆରମ୍ଭ ହୋଇ ଚୈତ୍ରରେ ସମାପ୍ତ ହୋଇଥାଏ। ସେହିଭଳି ଜ୍ୟୋତିଷ ଗଣନା ଅନୁଯାୟୀ ଏହି ଦିନକୁ ମେଷ ସଂକ୍ରାନ୍ତି ବୋଲି କୁହାଯାଏ। ମେଷ ମାସର ସଂକ୍ରାନ୍ତି ତଥା ମହାବିଷୁବ ପଣା ସଂକ୍ରାନ୍ତି। ଏହି ଦିନଠାରୁ ୧ ମାସ ପର୍ଯ୍ୟନ୍ତ ସୂର୍ଯ୍ୟଦେବ ମେଷ ରାଶିରେ ଅବସ୍ଥାନ କରିଥାନ୍ତି। ଦୋଳ ପୂର୍ଣ୍ଣିମାରେ ଦୋଳଗୋବିନ୍ଦଙ୍କ ନିକଟରେ ସମର୍ପଣ ହୋଇଥିବା ପାଞ୍ଜି ପଣା ସଂକ୍ରାନ୍ତିରୁ ପ୍ରଚଳନ ହୋଇଥାଏ।

ପୁରାଣ ଅନୁଯାୟୀ, ମହାବିଷୁବ ସଂକ୍ରାନ୍ତି ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ଦିନ ଜଳବାୟୁରେ ଏକ ପରିବର୍ତ୍ତନ ହୋଇଥାଏ। ସୂର୍ଯ୍ୟ ମଧ୍ୟଭାଗକୁ ଚାଲି ଆସିଥାନ୍ତି। ଏହି ଦିନ ସୂର୍ଯ୍ୟ ବିଷୁବ ରେଖାରେ ଅବସ୍ଥାନ କରିଥାନ୍ତି। ସୂର୍ଯ୍ୟଙ୍କ ପ୍ରବଳ ତାପ ଯୋଗୁଁ ପ୍ରଭୁ ବିଷ୍ଣୁଙ୍କ ପ୍ରିୟ ତୁଳସୀ ମୂଳରେ ପଣା ଅର୍ପଣ କରାଯାଇଥାଏ। ଘରେ ଏଥିପାଇଁ ଛତୁଆ, କଦଳୀ, ନଡ଼ିଆ, ଛେନା, ଆମ୍ବ ଆଦିରେ ସ୍ୱତନ୍ତ୍ର ପଣା ପ୍ରସ୍ତୁତ କରାଯାଇଥାଏ। ଆଜିର ଦିନରେ ଓଡ଼ିଆଣୀମାନେ ଅଗଣାରେ ଥିବା ତୁଳସୀ ଚଉରା ଉପରେ ଏକ ଛାମୁଣ୍ଡିଆ କରି ଏକ ପଣା ଭର୍ତ୍ତି ଛୋଟ ଠେକି ରଖିଥାନ୍ତି। ଏହା ତଳେ ଏକ ଛୋଟ ଛିଦ୍ର ଥାଏ। ଉକ୍ତ ଛିଦ୍ର ଦେଇ ପାଣି ତୁଳସୀ ଗଛରେ ପଡ଼ିଥାଏ। ମାନ୍ୟତା ରହିଛି କି ଗ୍ରୀଷ୍ମ ଦାଉରୁ ତୁଳସୀଙ୍କୁ ରକ୍ଷା କରିବା ପାଇଁ ଏହି ଛୋଟ ଟୋପା ଟୋପା ଜଳ ବର୍ଷାର ଅନୁଭୂତି ଆଣି ଦେଇଥାଏ। ଏହି ଦିନଠାରୁ ସୂର୍ଯ୍ୟ କିରଣ ବୃଦ୍ଧି ପାଇବା ସହ ହଜମ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ। ଦେହର ଅତ୍ୟଧିକ ତାପ ଶକ୍ତି କମାଇବା ଅବସ୍ଥାକୁ ଆଣିବା ପାଇଁ ପଣା ପାନର ବ୍ୟବସ୍ଥା ମଧ୍ୟ କରାଯାଏ। ଏହି ଦିନ ପେଟକୁ ଥଣ୍ଡା ରଖିବା ପାଇଁ ପାରମ୍ପରିକ ଭାବେ ଥଣ୍ଡା ପାନୀୟର ଶୁଭାରମ୍ଭ ହୋଇଥାଏ। ସେଥିପାଇଁ ଏହାକୁ ପଣା ସଂକ୍ରାନ୍ତି ମଧ୍ୟ କୁହାଯାଏ। ତେଣୁ ମହାବିଷୁବ ସଂକ୍ରାନ୍ତି ଦିନରେ ବିଭିନ୍ନ ଦେବଦେବୀଙ୍କ ମନ୍ଦିରମାନଙ୍କରେ ପଣା ଭୋଗର ବିଧି ରହିଛି। ଏହି ଦିନ ସାହି ପଡ଼ିଶା, ବନ୍ଧୁବାନ୍ଧବଙ୍କୁ ପଣା ଦିଆଯାଏ। ତେଣୁ ଏହି ଦିନକୁ ପଣା ସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ। କ୍ଷୀର, ଦହି, ନଡ଼ିଆ, ବେଲ, ମିଶ୍ରି ପ୍ରଭୃତିରେ ପ୍ରସ୍ତୁତ ସ୍ୱାଦିଷ୍ଟ ପଣା ପ୍ରସାଦ ରୂପେ ଦେବଦେବୀଙ୍କ ନିକଟରେ ସମର୍ପଣ କରାଯାଏ। ପଣା ସଂକ୍ରାନ୍ତିଠାରୁ ରାସ୍ତାକଡ଼ରେ ପଥିକମାନଙ୍କ ତୃଷା ନିବାରଣ ପାଇଁ ଜଳଛତ୍ରମାନ ଖୋଲାଯାଏ। ଏହା ସହିତ ବୃକ୍ଷ ମୂଳରେ ଜଳ ଦାନର ପ୍ରଥା ଆମ ସମାଜରେ ପ୍ରଚଳିତ। ଏହି ସଂକ୍ରାନ୍ତି ପରଠାରୁ ବୃକ୍ଷ ଜଗତ ଏବଂ ଜୀବ ଜଗତକୁ ଜଳ ପ୍ରଦାନ କରାଯାଉ ଥିବାରୁ ଏହି ସଂକ୍ରାନ୍ତିର ଅନ୍ୟ ନାମ ଜଳ ସଂକ୍ରାନ୍ତି।

ପଣା ସଂକ୍ରାନ୍ତି ପରଠାରୁ ବାୟୁର ଗତି ମଧ୍ୟ ପ୍ରଖର ହୁଏ। ଉଭୟ ଅଗ୍ନି ଓ ବାୟୁଙ୍କ ପ୍ରକୋପରୁ ରକ୍ଷା ପାଇବା ପାଇଁ ଏହି ସମୟରେ ହନୁମାନ ଜୟନ୍ତୀ ପାଳନ କରାଯାଏ। ଏହି ଦିନ ପବିତ୍ର ଝାମୁ ବ୍ରତର ଉଦ୍‌ଯାପନ କରାଯାଏ। ଯେଉଁମାନେ ଏହି ବ୍ରତ ପାଳନ କରନ୍ତି, ତାଙ୍କୁ ପାଟୁଆ ବୋଲି କୁହାଯାଏ। ବ୍ରତ ଉଦ୍‌ଯାପନ ଦିନ ବ୍ରତଧାରୀ କଣ୍ଟା ବା ଜଳନ୍ତା ଅଗ୍ନିରେ ଚାଲନ୍ତି। ଓଡ଼ିଶାର ଅନେକ ଅଞ୍ଚଳରେ ଏହି ବ୍ରତ ଉପଲକ୍ଷେ ଯାତ୍ରା ହୁଏ। ଦଣ୍ଡନାଚ ଏକ ପ୍ରାଚୀନ ଓ ପାରମ୍ପରିକ ନାଚ। ମାନସିକ ପୂରଣ ପାଇଁ ସାଧାରଣତଃ ଏହା କରାଯାଏ। ରୋଗ ବଇରାଗ ନିବାରଣ, ପାରିବାରିକ କଷ୍ଟ ଦୂରୀକରଣ, କୃଷିର ଉନ୍ନତି ବା ମନୋକାମନା ପୂର୍ତ୍ତିର ଫଳ ସ୍ୱରୂପ ଶରୀରକୁ କଷ୍ଟ ଦେଇ ମା' ଦଣ୍ଡକାଳୀ ଓ ରୁଦ୍ର ମହାଦେବଙ୍କୁ ଧ୍ୟାନ କରି ଚୈତ୍ର ମାସ ପୂର୍ଣ୍ଣିମା ପରଠାରୁ ଭକ୍ତମାନେ ରହିଥାନ୍ତି। ପୌରାଣିକ, କୃଷିଭିତ୍ତିକ ଏବଂ ସାଧାରଣ ଜୀବନ ଦର୍ଶନର ପ୍ରଭାବ ଦଣ୍ଡନାଚରେ ଦେଖିବାକୁ ମିଳିଥାଏ। ବିଷୁବ ସଂକ୍ରାନ୍ତି ଦିନ ଦଣ୍ଡନାଚ ଶେଷ ହୁଏ। ଓଡ଼ିଶାରେ ଗଞ୍ଜାମ ଜିଲ୍ଲାରେ ଦଣ୍ଡଯାତ୍ରା ଖୁବ୍ ପ୍ରସିଦ୍ଧ। ନୂତନ ଆଶା, ସୁଯୋଗ ଏବଂ ସଂକଳ୍ପ ସହିତ ଓଡ଼ିଶାର ଲୋକମାନେ ଏହି ପର୍ବରେ ଅଂଶଗ୍ରହଣ କରନ୍ତି, ପାଳନ କରନ୍ତି ଏବଂ ନୂତନ ବର୍ଷର ଆଗମନକୁ ଉପଭୋଗ କରନ୍ତି।

ବର୍ତ୍ତମାନ ଯୁଗ ବଦଳିବା ସହ ଆଜିର ପିଢ଼ି ଇଂରାଜୀ ନବ ବର୍ଷ ପାଳନ କରୁଛନ୍ତି। ଫଳରେ ଆମେ ଆମ ଓଡ଼ିଆ ନବ ବର୍ଷକୁ ଭୁଲି ଯାଉଛେ। ତେଣୁ ଆମ ଭିତରେ ଥିବା ଏହି ରୁଗ୍ଣ ମାନସିକତାକୁ ବଦଳାଇ ସଂସ୍କୃତିର ଯେଉଁ ମହାନ କିମ୍ବଦନ୍ତୀ ରହିଛି, ତାହାକୁ ମାନି ଓଡ଼ିଆ ନବ ବର୍ଷ ପାଳନ କରିବା ଦରକାର। ପ୍ରଥମେ ନିଜକୁ ଓଡ଼ିଆ ବୋଲି ଗର୍ବ କରିବା ଉଚିତ୍। ଆମ ସଂସ୍କୃତିକୁ ଭୁଲିଯିବା ନାହିଁ। ଓଡ଼ିଆ ଯେ ଆମ ଆତ୍ମା ଓ ମାଟିର ଭାଷା, ଏହା ସବୁବେଳେ ଧ୍ୟାନ ରଖିବା ଉଚିତ୍। ଜାତିର ଅସ୍ତିତ୍ୱକୁ ବଜାୟ ରଖିଲେ ନୂତନ ପିଢ଼ି ମଧ୍ୟ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ମାନ ରଖି ପାରିବେ।

'ଓଡ଼ିଆ ନବ ବର୍ଷ' ଆମ ଅସ୍ମିତା ଓ ସ୍ୱାଭିମାନର ପର୍ବ। ପର୍ବପର୍ବାଣି ମଣିଷ ଜୀବନରେ ଶ୍ରଦ୍ଧା, ସ୍ନେହ ଓ ପ୍ରେମର ଆବେଗ ସୃଷ୍ଟି କରିଥାଏ। ସମାଜ ସହିତ ପର୍ବପର୍ବାଣି ସଂଶ୍ଳିଷ୍ଟ ଥିବାରୁ ସାମାଜିକ ଜୀବନକୁ ଏହା ବହୁ ଭାବରେ ପ୍ରଭାବିତ କରିଥାଏ। ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ପର୍ବପର୍ବାଣିର ଅବଦାନ ଯଥେଷ୍ଟ। ପର୍ବ ଓଡ଼ିଶାର ଗର୍ବ। ଓଡ଼ିଆ ଜାତିର ଅସ୍ମିତା ଓ ସ୍ୱାଭିମାନର ପରିଚୟ ତା'ର ପର୍ବପର୍ବାଣିରେ ନିହିତ। ନୈତିକ ମୂଲ୍ୟବୋଧ, ସାଂସ୍କୃତିକ ସଚେତନତା ଓ ବନ୍ଧୁତାର ବିକାଶ ତଥା ସଂସ୍କୃତି ଓ ପରମ୍ପରାର ସୁରକ୍ଷା କରିବା ସହିତ ଓଡ଼ିଆ ଭାଷା ଓ ଜାତିର ସ୍ୱାଭିମାନକୁ ବଜାୟ ରଖିବା ଏହି ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେବା ବାଞ୍ଛନୀୟ।

**ନିମାପଡ଼ା, ପୁରୀ**
**ମୋ: ୯୭୭୮୧୭୭୫୦୧**

ନିତିଦିନ NITIDIN

## ମା' ଡୁଗୁରେଇ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ସାକ୍ଷୀଗୋପାଳ,୧୩।୪/ଏନ୍ଏନ୍ଏସ୍:** ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତର ବେଣାକେରା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଡୁଗୁରେଇ ଠାକୁରାଣୀ, କରୁଣାମୟୀ ମା'ଙ୍କ ତ୍ରିଦିନାତ୍ମକ ଯଜ୍ଞର ପ୍ରଥମ ଦିବସ ଭକ୍ତିପୂର୍ଣ୍ଣ ପରିବେଶ ରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାଦି ପାଲା, ଭଜନ ପରିବେଷଣ କରି ଅଗଣିତ ଶ୍ରଦ୍ଧାଳୁଙ୍କ ମନ କିଣିଥିଲେ। ପରିଚାଳନା କମିଟି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଗ୍ରାମବାସୀଙ୍କ ସହଯୋଗରେ ବିଶ୍ୱଶାନ୍ତି ଶକ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ରବିବାର ପୂର୍ଣ୍ଣାହୁତି ହୋଇଛି। କର୍ତ୍ତା ଭାବେ ଶିବପ୍ରସାଦ ରାଉତରାୟଙ୍କ ଧର୍ମପତ୍ନୀ, ଗୀତାଞ୍ଜଳି ରାଉତରାୟ, ପୂଜକ ଭାବେ ମାଗୁଣି ପୁଷ୍ଟାଳକ ଓ ଗ୍ରାମବାସୀ ସହଯୋଗ କରିଥିଲେ।



# ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ



**ଖୋର୍ଦ୍ଧା,୧୩।୪/ଏନ୍ଏନ୍ଏସ୍:** ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀଭବନ ପରିସରରେ ଓଡିଆ ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ପାଇକ 'ବିଦ୍ରୋହ' ଓଡିଶାର ପ୍ରଥମ ମୁକ୍ତି ସଂଗ୍ରାମ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ମହାବିଦ୍ୟାଳୟର ଅଧକ୍ଷା ଡ. ପୂର୍ଣ୍ଣୀମା ନାୟକଙ୍କ ସଭାପତିତ୍ୱ କରି ପାଇକ ବିଦ୍ରୋହର ଅନେକ ବିଷୟ ଉପରେ ରେଖାପାତ କହିବା ସହ ସେ ନିଜେ ଜଣେ ସ୍ୱାଧୀନତା ସଂଗ୍ରାମୀ ପରିବାରୁ ଆସିଛନ୍ତି ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍ତର ଓଡିଶାର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗ ଦେଇ ପାଇକ ବିଦ୍ରୋହର ଗରୀମାମୟ କାହାଣୀ ଉପରେ ଆଲୋକ ପାତ କରିବା ସହ ବକ୍ସି ଜଗବନ୍ଧୁଙ୍କର ବୀରତ୍ୱର ଗାଥା ଓ ଜୟୀରାଜଗୁରୁ, ପିଣ୍ଡିକି ବାହୁବଳେନ୍ଦ୍ର, ସୁରେନ୍ଦ୍ର ସାଏଙ୍କର କାହାଣୀ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଉକ୍ତ ସ୍ତମ୍ଭକାର ଓ ମାର୍ଗଦର୍ଶୀର ସମ୍ପାଦକ ଉମାଶଙ୍କର ପ୍ରସାଦ ଯୋଗଦେଇ କହିଥିଲେ ଓଡ଼ିଶାର ଶେଷ ସ୍ୱାଧୀନତା ବଜାୟ ରଖିବାକୁ ଯେଉଁ କେତେକ ଓଡିଆ ଗୋରା ଫିରିଙ୍ଗି ସହ ଲଢେଇ କରିଥିଲେ ସେମାନଙ୍କ ମଧ୍ୟରୁ ଖୋର୍ଦ୍ଧାର ଦଳବେହେରା ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ଅନ୍ୟତମ। ସେହିପରି ତାପଙ୍ଗ ଦଳବେହେରା, ମାଧବ ଚନ୍ଦ୍ର ରାଉତରାୟଙ୍କ ଗୋଟିଏ ନିସହାୟ କେଉଟ ପାଇଁ ତାଙ୍କ ଆତ୍ମ ବଳିଦାନ ତାଙ୍କୁ ପାଇକ ଇତିହାସରେ ଦଧି ଆକ୍ଷା ପ୍ରଦାନ କରିଛି। ସେ ଏଭଳି ଜଣେ କରୁଣାର ଅବତାର ଥିଲେ ଯାହାଙ୍କ ତ୍ୟାଗପୂତ ଜୀବନ ପାଇଁ ବ୍ରିଟିଶ ସରକାର ତାଙ୍କ ପାଖରେ ନତମସ୍ତକ ହେବା ସହ ତାଙ୍କୁ ସସମ୍ମାନେ ନିଜ ଗ୍ରାମ ତାପଙ୍ଗରେ ପହଞ୍ଚାଇଥିଲେ। ଅନ୍ୟତମ ସମ୍ମାନୀତ ବକ୍ତା ପଦାର୍ଥ ବିଜ୍ଞାନର ବରିଷ୍ଠ ପ୍ରାଧ୍ୟାପକ ସୁବୋଧ କୁମାର ଜଗଦେବ ରଘୁ ଦିବାକରଙ୍କର ଗରୀମାମୟ କାହାଣୀ ସହ ବକ୍ସିଙ୍କର ଅନେକ ବୀରତ୍ୱର ଗାଥା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଓଡିଆ ବିଭାଗର ମୁଖ୍ୟ ଅଧ୍ୟାପିକା ମାନୀନୀ ଜେନା ପାଇକ ବିଦ୍ରୋହର ରକ୍ତ ରଂଜିତ ଅଧ୍ୟାୟ ଉପରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଇତିହାସ ଭିଭାଗର ମୁଖ୍ୟ ଅସୀମା ଶତପଥୀ ସ୍ୱାଗତ ଭାଷଣ ଓ ଅତିଥୁ ପରିଚୟ ପ୍ରଦାନ କରିଥିଲେ। ଆଲୋଚନାଚକ୍ରରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରମୋଦ କୁମାର ସାମଲ, ଡ.ପ୍ରଦିପ୍ତ କୁମାର ମହାପାତ୍ର, ଡ. ତୃପ୍ତିରେଖା ପଣ୍ଡା ପ୍ରାଣୀବିଜ୍ଞାନର ମୁଖ୍ୟ, ଡ. ଅନୀଲ କୁମାର ରାୟ, ଟି.ଅକ୍ଷୟ କୁମାର, ଆଶିଷ କୁମାର ନାୟକ, ଏନ.ସି.ସି ଅଫିସର ତଥା ଓଡିଆ ବିଭାଗର ଅଧ୍ୟାପକ ଭଗବାନ ଖୁଲାର, ସୁସଂଧା ପ୍ରିୟଦର୍ଶିନୀ ନାୟକ, କଳ୍ପନା ମଲ୍ଲିକ ଏବଂ ଇତିହାସ ତଥା ଓଡିଆ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ମାନୀନୀ ଜେନା ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ପ୍ରାଧାପକ ସୁବୋଧ କୁମାର ଜଗଦେବ ଧନ୍ୟବାଦ ପ୍ରଦାନ କରିଥିଲେ।

## ମେରୁ ପର୍ବରେ ଦଣ୍ଡ ଉତ୍ସବ ସମାପ୍ତ

**କଣ୍ଟିଲୋ,୧୩।୪/ଏନ୍ଏନ୍ଏସ୍:** ପ୍ରତ୍ୟେକ ପୂର୍ବ ବର୍ଷ ଭଳି ଚଳିତ ବର୍ଷର ୧୩ ଦିନିଆ ପବିତ୍ର ଦଣ୍ଡ ଉତ୍ସବ ଆଜି ସୋମବାର ମେରୁ ପର୍ବରେ ସମାପ୍ତ ହୋଇଛି। ସୂଚନା ଅନୁଯାୟୀ ପ୍ରତ୍ୟେକ ନିତିକାନ୍ତି, ପୂଜାବିଧି ଓ ପାରମ୍ପରିକ ରୀତିନୀତି ଅନୁସାରେ କଣ୍ଟିଲୋ ରେ ବିରାଜିତ ବାବା କପିଳେଶ୍ୱର ଓ ବାବା କୃଷ୍ଣେଶ୍ୱର୍ ଆଜି ସୋମବାର ପବିତ୍ର ମେରୁ ପର୍ବରେ ପ୍ରତିଦିନ ଭଳି କୋଠୀ ପ୍ରାଙ୍ଗଣରେ ସମସ୍ତ ନୀତି ସମ୍ପନ୍ନ କରି ମହାନଦୀ ରେ ଗାଧୋଇ ସାରିବା ପରେ ନଦୀ କୂଳରେ ମାଦଣ୍ଡକାଳୀଙ୍କ ପ୍ରତ୍ୟେକ ପୂଜାବିଧି ସମ୍ପର୍ଣ୍ଣ କରି ଗ୍ରାମର ପ୍ରତ୍ୟେକ ସାହି ପରିକ୍ରମା କରିଥିଲେ। ଏହି ପରିକ୍ରମା କଲା ବେଳେ ପ୍ରତ୍ୟେକଙ୍କ ଦୁଆରେ ଭୋଗ ଲାଗି ହେବା ସହ ମା'ଙ୍କ ହକ୍‌ଦେଇ କଳା ରୁଦ୍ର ମଣି ଭଜେ ସ୍ୱରରେ ସାହି ପ୍ରକମ୍ପିତ କରି ବ୍ୟକ୍ତି ମାନଙ୍କର ଶୁଭକାମନା କରିଥିଲେ। ଶେଷରେ କୋଠୀ ପ୍ରାଙ୍ଗଣକୁ ଫେରିବା ପରେ ମେରୁ ପର୍ବର ପ୍ରତ୍ୟେକ ପୂଜାବିଧି ପାରମ୍ପରିକ ନୀତି କାନ୍ତି ଖୁବ ଆନନ୍ଦ ଉଲ୍ଲାସ ଓ ଖୁସି ମନରେ ମନ୍ଦିର କୋଠୀକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା

**ବାଲିଅନ୍ତା,୧୩।୪/ଏନ୍ଏନ୍ଏସ୍:** ବାଲିଅନ୍ତା ବ୍ଲକ ଜଗନ୍ନାତପୁର ପଞ୍ଚାୟତ ଅନ୍ତର୍ଗତ ଜୟରଶାସନସ୍ଥିତ ପଞ୍ଚବଟୀ ହାଇସ୍କୁଲର ପ୍ରଧାନ ଶିକ୍ଷିକା ଅତସି ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ପରିଚାଳନା କମିଟି ସଭାପତି ରାଜକିଶୋର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବାଲିଅନ୍ତା ବ୍ଲକ ଶିକ୍ଷାଧିକାରୀ ଭକ୍ତବତ୍ସଳ ମହାପାତ୍ର, ସରପଞ୍ଚ ବିଶ୍ୱଜିତ ଭୋଇ, ସିଆରସିସି ସତ୍ୟବାନ ପଟ୍ଟନାୟକ, ମୁରବି ସନାତନ ପରିଜା, ସୁରେନ୍ଦ୍ରନାଥ ଛୋଟରାୟ, ଯୁଧିଷ୍ଠିର ପରିଜା, ଆଦିକନ୍ଦ ପଟ୍ଟନାୟକ, ପ୍ରଶାନ୍ତ ପରିଜା, କ୍ଷୀରୋଦ ପଟ୍ଟନାୟକ, ରଞ୍ଜନକୁମାର ଦାସ, ବ୍ଲକ ଅଧକ୍ଷା ବାସନ୍ତୀ ଖଟୁଆ ପ୍ରମୁଖ ଅତିଥିରୂପେ ମଞ୍ଚାସୀନ ରହି ଶ୍ରୀମତୀ ମିଶ୍ରଙ୍କୁ ଉତ୍ତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସରପଞ୍ଚ ରଶ୍ମିତା ସାହୁ, ଗଣେଶ୍ୱର ସ୍ୱାଇଁ, ସୌଦାମିନୀ ମହାପାତ୍ର, ବୀଣାପାଣି ଦାସ, ଯଶୋବନ୍ତୀ ପରିଜା, ସତ୍ୟରଞ୍ଜନ ପଣ୍ଡା, ଶରତ ବାରିକ ପ୍ରମୁଖ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷାବିତ ଉପସ୍ଥିତ ରହି ଶ୍ରୀମତୀ ମିଶ୍ରଙ୍କ ଗୁଣଗାନ କରିଥିଲେ। ରୁପାଲୀ ପ୍ରିୟଦର୍ଶିନୀ ଦାସ ସ୍ୱାଗତ ସଂଗୀତ ଗାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତା ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସମସ୍ତ ଶିକ୍ଷକ ଓ ଶିକ୍ଷିକା ସହଯୋଗ କରିଥିଲେ। ଅଶୋକକୁମାର ପୃଷ୍ଟି ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କଦ୍ୱାରା ନୃତ୍ୟ ସଂଗୀତ ପରିବେଷଣ ହୋଇଥିଲା।

## ଉଦ୍ୟାନ ବିଭାଗ ପକ୍ଷରୁ କୃଷି କର୍ମଶାଳା

**ଚାରିଛକ,୧୩।୪/ଏନ୍ଏନ୍ଏସ୍:** ଚାରିଛକ ନିକଟସ୍ଥ ବାହାରଣା ପଞ୍ଚାୟତରେ ନିମାପଡା ଉଦ୍ୟାନ କୃଷି ବିଭାଗ ଅଧିକାରୀଣି ଶୁଭଶ୍ରୀ କରଙ୍କ ନେତୃତ୍ୱରେ ଆଜି ଏକ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ବ୍ଲକ ସାଂସଦ ପ୍ରତିନିଧି ପୂର୍ଣଚନ୍ଦ୍ର ଓଝା, ମୁଖ୍ୟବକ୍ତା ଭାବେ ନିମାପଡ଼ା ଉଦ୍ୟାନ କୃଷି ବିଭାଗର ଉପ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ସତ୍ୟ ଭୂଷଣ ସ୍ୱାଇଁ, ସମ୍ମାନିତ ଅତିଥି ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସ୍ୱାଇଁ ,ପଞ୍ଚାୟତ ବିଜେପି ସଭାପତି ବ୍ରଜକିଶୋର ନାୟକ, ସଫଳ ମହିଳା ମହୁ ଚାଷୀ ବର୍ଷା ପ୍ରିୟ ଦର୍ଶିନୀ ନାଥ,ଜୈବିକ କୃଷି ବିଶେଶଜ୍ଞ ସମୀର ବାରିକ, ବିଜେପି ନେତା ସର୍ବେଶ୍ୱର ରଥ ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଶିବିରକୁ ଆରମ୍ଭ କରିଥିଲେ। ଏହି ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ବ୍ଲକ ସ୍ତରୀୟ ଆରଂମ୍ଭ ହୋଇଥିବା ବେଳେ ନିମାପଡ଼ା ବ୍ଲକ ଅନ୍ତର୍ଗତ ବାହାରଣା ପଞ୍ଚାୟତରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଦ୍ୟାନ ସାଥି ମନୋଜ କୁମାର ସ୍ୱାଇଁ, ଉଦ୍ୟାନ ବିଭାଗ ସମ୍ପ୍ରସାରଣ ଅଧିକାରୀଣି ସିଲଭା ନାୟକ, ଉଦ୍ୟାନ କୃଷି ବିଭାଗର କର୍ମଚାରୀ ଅଧିଦର୍ଶକ କୁଳମଣି ମହାରଣା ସହଯୋଗ କରିଥିବା ବେଳେ ବାହାରଣା ପଞ୍ଚାୟତର ସୁରକ୍ଷା -୨୮ ମିଶନ ଶକ୍ତିର ସଦସ୍ୟା ଓ ଶତାଧିକ ମହିଳା ଯୋଗଦେଇଥିଲେ ।

## ଓଡ଼ିଆ ପକ୍ଷରେ 'ଆସ ବହିଟିଏ କିଣିବା'



**ଚାରିଛକ,୧୩।୪/ଏନ୍ଏନ୍ଏସ୍:** ଓଡ଼ିଆ ପକ୍ଷ ପାଳନର ନବମ ଦିନରେ ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଛି 'ଆସ ବହିଟିଏ କିଣିବା ଅଭିଯାନ'। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ଼ଃ ଅଶୋକ କୁମାର ବିଶ୍ୱାଳ ଏହି ଅଭିଯାନର ଶୁଭାରମ୍ଭ କରି ଓଡିଆ ପକ୍ଷ ପାଳନ ଅବସରରେ ରାଜ୍ୟବ୍ୟାପି ଆସ ବହିଟିଏ କିଣିବା ଅଭିଯାନ ଆୟୋଜନ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅଭିହିତ କରିବା ସହ ଛାତ୍ରୀମାନଙ୍କୁ ଓଡିଆ ଭାଷାର ବହୁଳ ପଚାର ପ୍ରସାର ପାଇଁ ଓଡ଼ିଆ ବହିଟିଏ କିଣିବା ଏବଂ ସର୍ବତ୍ର ଓଡ଼ିଆ ଭାଷାକୁ ବ୍ୟବହାର ପାଇଁ ଉପଦେଶ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଏନ.ସି.ସି ବିଭାଗ ମେଜର ପୁଷ୍ପଲତା ଦଉଙ୍କ ସଂଯୋଜନାରେ ଆୟୋଜିତ ଏହି ଅଭିଯାନରେ ଇତିହାସ ବିଭାଗ ଅଧ୍ୟାପିକା ସୁଲୋଚନା ସାହୁ, ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ ଏବଂ ଓଡିଆ ବିଭାଗ ଅଧ୍ୟାପିକା ସୁନିତା ନାୟକ ଯୋଗଦେଇ ଛାତ୍ରୀମାନଙ୍କୁ ଓଡ଼ିଆ ପକ୍ଷ ପାଳନର ତାତ୍ପର୍ଯ୍ୟତା ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ସୁରେଶ ଚନ୍ଦ୍ର କର, ଅର୍ଥନୀତି ଅଧ୍ୟାପକ ଯୋଗେଶ୍ୱର ମୁଣ୍ଡା, ଜଗନ୍ନାଥ ପଣ୍ଡା, ସୁକାନ୍ତ କିଶୋର ବଡୁ,ଅଧ୍ୟାପିକା ପୂଜା ବେହେରା ଯୋଗଦେଇଥିଲେ।

## ଅମୃତପିଢ଼ି ସାରସ୍ୱତ ସମାରୋହ ଦିବସ




**ନୟାଗଡ଼,୧୩।୪/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଶ୍ରୀ ଲଡୁକେଶ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋଡ଼ିପଡାଠାରେ ଯୁବ ଏଡ୍‌କ୍ରସ୍ ବିଭାଗ ଓ ଏନ୍ଏସ୍ଏସ୍ ବିଭାଗ ଦ୍ୱାରା ମିଳିତ ଭାବେ ଓଡିଆ ପକ୍ଷ ପାଳନ ଅବସରରେ ଆଜି ଅମୃତ ପିଢ଼ି ସାରସ୍ୱତ ସମାରୋହ ଦିବସ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଅନୁଷ୍ଠାନର ଇଂରାଜୀ ବିଭାଗ ଅଧ୍ୟାପକ ତଥା ଜାତୀୟ ସେବା ଯୋଜନାର ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଲକ୍ଷ୍ମୀଧର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଯୁବ ସମାଜସେବୀ ଅଧ୍ୟାପକ ବିପିନ କୁମାର ସାହୁ ଯୋଗ ଦେଇ ଉତ୍କଳୀୟ ବରପୁତ୍ର ମାନଙ୍କର ମହନୀୟ ଅବଦାନ ବିଷୟରେ ମତବ୍ୟକ୍ତ କରିଥିଲେ। ଯୁବ ପରାମର୍ଶ ଦାତା ଅଧ୍ୟାପକ ଡ: ସନ୍ତୋଷ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଜ୍ଞାନଗାର ସହାୟକ ଶରତ ଚନ୍ଦ୍ର ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ସାମୁହିକ ଭାବେ ବନ୍ଦେ ଉତ୍କଳଜନନୀ ଗୀତ ଗାନ କରାଯାଇ ଥିଲା। ଛାତ୍ରଛାତ୍ରୀମାନଙ୍କ ମଧରେ ପ୍ରଶ୍ନ ମଞ୍ଚ ଓ ସଙ୍ଗୀତ ପ୍ରତିଯୋଗିତା ଆୟୋଜନ କରାଯାଇ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ରୀଡା ଅଧାପକ ଚିତ୍ତରଞ୍ଜନ ମହାପାତ୍ର ଓ କାର୍ଯ୍ୟାଳୟ ସହାୟକ ବାସୁଦେବ ସାହୁ ପୂର୍ଣ୍ଣ ସହଯୋଗ କରିଥିଲେ। ବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଶୋଭଯାତ୍ରା ଗ୍ରାମ ପରିକ୍ରମା କରିଥିଲା।

## ଓଡ଼ିଆ ପକ୍ଷରେ 'ଲୋକକଳା ପାଇଁ ଦିନଟିଏ'



**ଦଶପଲ୍ଲା,୧୩।୪/ଏନ୍ଏନ୍ଏସ୍:** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏପ୍ରିଲ ୧ ତାରିଖରୁ ଓଡ଼ିଆ ପକ୍ଷ ପାଳନ କରାଯାଇ ଆସୁଛି। ଏହି ପକ୍ଷ ପାଳନର ଦଶମ ଦିନରେ ଲାକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ପାଳିତ ହୋଇଛି। ଦଶପଲ୍ଲା ପଞ୍ଚାୟତ ସମିତି ଓ ଦଶପଲ୍ଲା ଏନଏସିର ମିଳିତ ଆନୁକୂଲ୍ୟରେ ଏବଂ ଦଶପଲ୍ଲା ପଞ୍ଚାୟତ ସମିତି ଆୟୋଜନକ୍ରମେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବିଡ଼ିଓ ଶରତ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ସୁନନ୍ଦା ସାହୁ ଯୋଗ ଦେଇଥିବା ବେଳେ, ତହସିଲଦାର ସ୍ମୃତିରଞ୍ଜନ ଶତପଥୀ ମୁଖ୍ୟବକ୍ତା, ଏନଏସି ଅଧକ୍ଷା ଇଂ ପୁନମ ପ୍ରିୟଦର୍ଶିନୀ, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାଏକ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିନାଶ ମହାନ୍ତି, ଉପାଧକ୍ଷ କିଶୋର ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ନୟାଗଡ଼ ଜିଲ୍ଲାର ଦଶପଲ୍ଲା ବ୍ଲକ୍‌କୁ କୁଞ୍ଜବନଗଡ ଲୋକକଳା ଗ୍ରାମର ମାନ୍ୟତା, ଦଶପଲ୍ଲାର ଲୋକକଳା ଐତିହାସିକ ଲଙ୍କାପୋଡିଯାତ୍ରା ଓ ରାମଲୀଳା ନାଟକ ସହ ବିଭିନ୍ନ ଲୋକକଳା ସମ୍ପର୍କରେ ବକ୍ତବ୍ୟ ରଖିଥିବା ବେଳେ ବର୍ତ୍ତମାନ ଯୁବପିଢି ପାଶ୍ଚାତ୍ୟ ସଭ୍ୟତାକୁ ଅନୁସରଣ ନକରି ନିଜର ପରମ୍ପରା, କଳା ସଂସ୍କୃତିକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମୁଖ୍ୟଅତିଥି ମତ ପ୍ରକାଶ କରିଥିଲେ। ସେହିପରି ଆମ ମାଟିର ଲୋକକଳା ଓ ସଂସ୍କୃତି ଆମର ପରିଚୟ ବୋଲି ମୁଖ୍ୟବକ୍ତା ଶ୍ରୀଯୁକ୍ତ ଶତପଥୀ ମତପ୍ରକାଶ କରିଥିଲେ। ଏ ଅବସରରେ କୁନି କଳାକାର ସ୍ମୃତି ସୁଲଗ୍ନା ଓ ପ୍ରୀତି ସୁଲଗ୍ନାଙ୍କ ସହ ବିଶିଷ୍ଟ କଳାକାର ଶରତ ଚନ୍ଦ୍ର ସାହୁ, ପୂର୍ଣ ଚନ୍ଦ୍ର ହୋତା, କିଶୋର ଚନ୍ଦ୍ର ରଥ, ପୂର୍ଣ ଚନ୍ଦ୍ର ରାଉଳ, ବିଜୟ ଚନ୍ଦ୍ର ରଥ,ସଯନି ବେହେରା,ନିର୍ମଳ ଦାସ, ପ୍ରଦୀପ କୁମାର ସିଂ ସାମନ୍ତ, ନାରାୟଣ ନାଏକଙ୍କୁ ଶ୍ରେଷ୍ଠ କଳାକାର ଭାବେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାହିତ୍ୟିକ ହାଡ଼ିବନ୍ଧୁ ମହାଖୁଡ଼ ପରିଚାଳନା କରିଥିବା ବେଳେ ଶେଷରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

## ମହାବିଷୁବ ସଂକ୍ରାନ୍ତି ପାଇଁ ପୁଲିସ୍‌ର ଫ୍ଲାଗ୍ ମାର୍ଚ୍ଚ



**ବଲଙ୍ଗା,୧୩।୪/ଏନ୍ଏନ୍ଏସ୍:** ବଲଙ୍ଗା ଥାନା ଅଞ୍ଚଳରେ କିଭଳି ମହାବିଷୁବ ସଂକ୍ରାନ୍ତି କିଭଳି ଶାନ୍ତି ଶୃଙ୍ଖଳା ରକ୍ଷା କରାଯିବ ସେଥିପାଇଁ ପିପିଲି ଡିଏସପି ଦେବାଶିଷ ମିଶ୍ର, ବଲଙ୍ଗା ଥାନା ଅଧିକାରୀ ସସ୍ମିତା ସାହୁ, ୧ ପ୍ଲାଟୁନ୍ ପୋଲିସ୍ ଫୋର୍ସର ଗାଇଡି ପ୍ରମୁଖ ନେତୃତ୍ୱରେ ଆଜି ସନ୍ଧ୍ୟାରେ ବଲଙ୍ଗା ଥାନା ଅଞ୍ଚଳରେ ବଲଙ୍ଗା ପୋଲିସ ଦ୍ୱାରା ଏକ ଫ୍ଲାଗ୍ ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ଆଜି ସନ୍ଧ୍ୟାରେ ବଲଙ୍ଗା ପୋଲିସ ପକ୍ଷରୁ ବଲଙ୍ଗା ବଜାର, ବାୟାବର ଛକ ଆଦି ସ୍ଥାନରେ ଫ୍ଲାଗ୍ ମାର୍ଚ୍ଚ ହୋଇଥିଲା। ଏହା ସହିତ ଜନସାଧାରଣଙ୍କୁ ସଚେତନତା କରାଯାଇଛି। ଆସନ୍ତାକାଲି ମହାବିଷୁବ ପଣାସଂକ୍ରାନ୍ତି ଶାନ୍ତିଶୃଙ୍ଖଳା ରକ୍ଷାକରି କାର୍ଯ୍ୟକ୍ରମ କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଛି।

## ମାହାଙ୍ଗାରେ ମହାବିଷୁବ ମିଳନ

**କୁଆଁପାଳ,୧୩।୪/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅର୍ନ୍ତଗତ ମେରୀପୁର ଘିସୁଆଁ ଶ୍ରୀ ବଟଠାକୁର ବିଜେସ୍ଥଳୀ ପରିସରରେ ଉତ୍କଳ ନବବର୍ଷ (ମହାବିଷୁବ) ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ସହକାରେ ଗତ ୧୨ତାରିଖ ଦିନ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ବିଶାଳ ଜନସମାବେଶରେ ନିର୍ଭୀକ ପତ୍ରିକାର ସଂପାଦକ ତଥା ବିଶିଷ୍ଟ ସ୍ତମ୍ଭକାର ଅବନୀ ଚନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ଆୟକର କମିଶନର ତଥା ବିଶିଷ୍ଟ ସମାଜସେବୀ ଶୋଭନ କର ଯୋଗଦେଇ ଲୋକମାନେ ଭଲନେତା ବାଛନ୍ତୁ, ଭଲନେତା ହିଁ ସମାଜକୁ ନ୍ୟାୟ ଦେଇପାରିବେ, ସେବା ଓ ରାଜନୀତି ଭିତରେ ମୁଁ ଫରକ୍ ଦେଖିନାହିଁ, ମାହାଙ୍ଗାର ଉନ୍ନତି ପାଇଁ ଶରତପ୍ରେମୀ ପରିବାରମାନେ ଏକାଠି ହେବାକୁ ସେ ଆହ୍ୱାନ ଦେଇଥିଲେ। ପ୍ରଥମେ ବଟଠାକୁର ତଥା ଶ୍ରୀ ଜଗନ୍ନାଥଙ୍କ ବିଗ୍ରହରେ ପୁଷ୍ପାର୍ଘ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରି ମୁଖ୍ୟଅତିଥି ବିଷୁବ ମିଳନ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ସର୍ବଶ୍ରୀ ଡମ୍ବରୁଧର ପରିଡା, ଧନେଶ୍ୱର ପ୍ରଧାନ,ଅକ୍ଷୟ କୁମାର ଖଟୁଆ, ଡଃ ଅର୍ଜୁନ ବିହାରୀ, ବିଜୟ କୁଅଁର ଓ ବିଜୟ ପାଣି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଉତ୍ସବରେ ସର୍ବଶ୍ରୀ ରାମଚନ୍ଦ୍ର ମହାପାତ୍ର, ଅଖିଳେଶପଦ ମହାନ୍ତି, ରୁଦ୍ରନାରାୟଣ ସିଂ, ଜ୍ଞାନେନ୍ଦ୍ର ତ୍ରିପାଠି, ରାମଚନ୍ଦ୍ର ବେହେରା, ଡଃ ଏକାଦଶୀ ପ୍ରଧାନ, ଜ୍ଞାନ ରଂଜନ ଷଡ଼ଙ୍ଗୀ, ଉତ୍ସବ ମହାପାତ୍ର, ଅଚ୍ୟୁତାନନ୍ଦ ସାମଲ, ବିବେକାନନ୍ଦ ଦାସ, ରାଜକୁମାର ବେହେରା, ବିଶ୍ୱେଶ୍ୱର ମହାନ୍ତି, କୃଷକ ନେତା ରାମଚନ୍ଦ୍ର ସ୍ୱାଇଁ, ନେତ୍ରାନନ୍ଦ ଦାସ, ଅନିରୁଦ୍ଧ ଦାଶ, ଶୁଭେନ୍ଦୁ କୁମାର ସାମଲ ଏବଂ ହୃଷିକେଶ ବେହେରା ପ୍ରମୁଖ ମାହାଙ୍ଗା ଅଞ୍ଚଳର ବିଭିନ୍ନ ସମସ୍ୟା, ରାଜନୀତି, ଶରତକର ଓ ଅନିମାକର ଫାଉଣ୍ଡେସନ ଦ୍ୱାରା କରାଯାଉଥିବା ବିଭିନ୍ନ ଜନହିତକର କାର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ। ମାହାଙ୍ଗାରେ ପରିବର୍ତ୍ତନର ସ୍ୱରକୁ ଅଧିକ ଶାଣୀତ କରିବାକୁ ମତ ଦେଇଥିଲେ। ସ୍ଥାନୀୟ ମେରୀପୁର ଗ୍ରାମର ସୁନ୍ଦରରାମ ସାହୁ, ବିଜୟ କୁମାର ପାଣି, କ୍ଷୀରୋଦ ଚନ୍ଦ୍ର ରାଉତ, ପ୍ରଭାତ ପରିଡା ଓ ଅଜିତ୍ କୁମାର ସାହୁ ପ୍ରମୁଖ ଏହି ସାରସ୍ୱତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ବିଭିନ୍ନ ପଞ୍ଚାୟତ ସମେତ ବରୂପାକେଙ୍ଗୁଟି ଦ୍ୱୀପାଞ୍ଚଳର କୁଣ୍ଡି, କୁହୁଣ୍ଡା, ବାସୁଦେବପୁର, ମଧୁପୁର, ସାହାପୁର, ମୂଳବସନ୍ତ ଓ କୋଳଅଠା ପଞ୍ଚାୟତର ଜନସାଧାରଣ ଅଂଶଗ୍ରହଣ କରିଥିଲେ।

## ଢେଙ୍କାନାଳକୁ ହରାଇ ନିଆଳି ଚାମ୍ପିଅନ୍



**ନୟାହାଟ,୧୩।୪/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଇଶାଣ ପୁର ପଞ୍ଚାୟତର ମଧୁବନ ଗ୍ରାମରେ ମା' ବାଇଦେଇ କ୍ରିକେଟ୍ କ୍ଲବ୍ ପକ୍ଷରୁ ଦିବା ରାତ୍ର ୧୫ତମ ବାର୍ଷିକ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲକୁ ଢେଙ୍କାନାଳର ମଡେନ୍ କ୍ରିକେଟ୍ କ୍ଲବ୍ ଓ ନିଆଳିର ଆବ୍ରା କ୍ରିକେଟ୍ କ୍ଲବ ଉତ୍ତୀର୍ଣ୍ଣ ହୋଇଥିଲେ। ଢେଙ୍କାନାଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇ ୧୦ ଓଭରରେ ୭ ୱିକେଟ୍ ହରାଇ ୮୦ ରନ୍ କରିଥିଲା। ଏହାର ଜବାବରେ ନିଆଳି ଦଳ ୯ ଓଭର ଖେଳି ୫ ୱିକେଟ୍ ହରାଇ ୮୧ରନ୍ କରି ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଦିବସରେ ନଖରା ଇଞ୍ଜିନିୟରିଂ କଲେଜର ନିର୍ଦ୍ଦେଶକ ଚନ୍ଦ୍ରଶେଖର ନାୟକ ବିଜୟୀ ଦଳକୁ ଟ୍ରଫି ସହ ନଗଦ ୩୦ହଜାର ଟଙ୍କା ଓ ରନର୍ସ ଅଫ୍ ଢେଙ୍କାନାଳର କମେକ୍ଷା ନଗର ଦଳକୁ ଟ୍ରଫି ସହ ନଗଦ ୨୦ହଜାର ଟଙ୍କା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଇଞ୍ଜିନିୟର କୁମାର ସ୍ୱାଇଁ ଶିକ୍ଷାବିତ୍ କାହ୍ନୁ ଚରଣ ସାହୁ ଓ ପୁରୀ ଜିଲ୍ଲା ଆମ୍ ଆଦମୀ ପାର୍ଟିର ଉପସଭାପତି ରବିନ୍ଦ୍ର ନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ବାଇଦେଇ କ୍ରିକେଟ୍ କ୍ଲବ୍‌ର ସବ୍ୟସାଚୀ ସାହୁ, ଜୟନ୍ତ କୁମାର ସାହୁ, କାର୍ତ୍ତିକ ପଲେଇ, ସୌମ୍ୟରଂଜନ ସାହୁ ଓ ରାକେଶ କୁମାର ସାହୁ ପ୍ରମୁଖ ଦ୍ୱାରା ଖେଳ ପରିଚାଳନା କରାଯାଇଥିଲା।

## ଶ୍ରୀ ଶ୍ରୀ ବାସୁଦେବଜିଉଙ୍କ ପୀଠରେ ଚୈତ୍ରପର୍ବ

**ନିଶ୍ଚିନ୍ତକୋଇଲି,୧୩।୪/ଏନ୍ଏନ୍ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବୁହାଲୋ ପଞ୍ଚାୟତ ଅଧିନସ୍ଥ ଜମରା ଗ୍ରାମରେ ଅବସ୍ଥିତ ଶ୍ରୀ ଶ୍ରୀ ବାସୁଦେବଜୀଉଙ୍କ ପୀଠରେ ଚୈତ୍ର ପୂର୍ଣ୍ଣିମା ମହାଆଡମ୍ବରରେ ପାଳିତ ହୋଇଯାଇଛି। ପୀଠ ପରିସରରେ ବିମାନ ଗୁଡିକ ଅବସ୍ଥାପିତ ହେବା ପରେ ସଂପୂର୍ଣ୍ଣ ରୀତିନୀତି ଅନୁଯାୟୀ ବିମାନଗୁଡିକୁ ଭୋଗ ନୈବେଦ୍ୟ ଅର୍ପଣ କରାଯାଇଥାଏ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ପ୍ରତ୍ୟେହ ସ୍ଥାନୀୟ ଅଂଚଳବାସିନ୍ଦା ଏହି ସମାରୋହରେ ସାମିଲ ହୋଇଥାଆନ୍ତି। ଅନୁଷ୍ଠାନ ପକ୍ଷରୁ ମନୋରଂଜନ କାର୍ଯ୍ୟକ୍ରମରେ ମୁକ୍ତ ମଞ୍ଚ ନାଟକ ମଞ୍ଚସ୍ଥ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ଜନାର୍ଦ୍ଦନ ପରିଡାଙ୍କସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କ୍ଷୀରୋଦ ଚନ୍ଦ୍ର ପରିଡା, ମୃତ୍ୟୁଞ୍ଜୟ ବାରିକ, ସୁରେଶ ବେହେରା, ଗଣେଶ୍ୱର ବେହେରା, ଗୋପାଳଚନ୍ଦ୍ର ବେହେରା, ଭାଗବତ ବେହେରା, ରମାକାନ୍ତ ପରିଡା, ଜଟାଧାରୀ ବେହେରାଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ।

## ବସ୍‌ଷ୍ଟାଣ୍ଡ୍ ମାର୍କେଟ କମ୍ପ୍ଲେକ୍ସରେ ଯୁବକଙ୍କ ସନ୍ଦେହଜନକ ମୃତ

**କୋଣାର୍କ,୧୨।୪/ଏନ୍ଏନ୍ଏସ୍:** ସୋମବାର ସନ୍ଧ୍ୟାରେ କୋଣାର୍କ ବସଷ୍ଟାଣ୍ଡ ନିକଟ ମାର୍କେଟ କଂପ୍ଲେକ୍ସ ମଧ୍ୟରେ ଥିବା ଏକ ଗୃହ ମଧ୍ୟରେ ଜଣେ ଯୁବକ ସନ୍ଦେହଜନକ ଭାବେ ମରିପଡିଥିବା ଖବର ମିଳିଛି। ଖବର ପାଇ ଯୁବକଙ୍କ ପରିବାର ଲୋକ ଯୁବକ ଜଣକୁ ଉଦ୍ଧାର କରି ପ୍ରଥମେ କୋଣାର୍କ ଓ ପରେ ଗୋପ ମେଡ଼ିକାଲ ନେଇଥିଲେ। ଡାକ୍ତର ସେଠି ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କୋଣାର୍କ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତକରି ଏକ ମାମଲା ରୁଜୁକରି ତଦନ୍ତ ଜାରିରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସମସ୍ତ ତଥ୍ୟ ଜଣାପଡିବ ବୋଲି କୋଣାର୍କ ଥାନାଧିକାରୀ ପ୍ରଶାନ୍ତ ପଡିହାରୀ ପ୍ରକାଶ କରିଛନ୍ତି। ସୂଚନାମୁତାବକ କୋଣାର୍କ ମାର୍କେଟକମ୍ପ୍ଲେସ ମଧ୍ୟରେ ଥିବା ଏକ ଗୃହ ରେ ବାଲିଦୋକାନ ନିକଟସ୍ଥ ଅବଧାନ ପଞ୍ଚାୟତ ଯଦୁପୁର ଗ୍ରାମର ଜଗନ୍ନାଥ ମୁଦୁଲିଙ୍କ ପୁତ୍ର କୃଷ୍ଣଚନ୍ଦ୍ର ମୁଦୁଲି(୫୦) ଉକ୍ତ ଗୃହରେ ଭଡ଼ାରେ ରହି ନିକଟସ୍ଥ ଏକ ହୋଟେଲରେ କାର୍ଯ୍ୟକରନ୍ତି।

## ଅଣ୍ଡର-୨୦ କ୍ରିକେଟ୍: ମଶାବାରୀକୁ ହରାଇ ଦେଓଗାଁ ବିଜୟୀ

**ଓଡ଼ଗାଁ,୧୩।୪/ଏନ୍ଏନ୍ଏସ୍:** ଓଡ଼ଗାଁ ମିନିଷ୍ଟାଡ଼ିୟମ ଠାରେ ରଘୁନାଥ ଆଥଲେଟିକ୍ ଆସୋସିଏସନ ପକ୍ଷରୁ ଚାଲିଥିବା ପ୍ରଥମ ଅଣ୍ଡର-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳର ସୋମବାର ଚତୁର୍ଥ ଦିବସରେ ମଶାବାରୀକୁ ହରାଇ ଦେଓଗାଁ ବିଜୟୀ ହୋଇଛି। ଆଜିର ଖେଳ ମଶାବାରୀ ସହିତ ଦେଓଗାଁ ମଧ୍ୟରେ ମୁକାବିଲା ହୋଇଥିଲା। ଦେଓଗାଁ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୧୧୧ରନ୍ ସଂଗ୍ରହ କରିଥିଲା। ଜବାବରେ ମଶାବାରୀ ଦଳ ୧୨ ଓଭର ଖେଳି ୬ ଉଇକେଟ ବିନିମୟରେ ୭୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଦେଓଗାଁ ଦଳ ବିଜୟ ହାସଲକରି ସେମିଫାଇନାଲରେ ପ୍ରବେଶ କରିଛି। ଦେଓଗାଁ ଦଳର ରିତିକ ୨୨ବଲରୁ ୪୭ ରନ୍ ସଂଗ୍ରହ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି। ଆଜିର ଖେଳରେ ରଘୁନାଥ ଆଥଲେଟିକ ଆସୋସିଏସନ୍‌ର ଖେଳାଳି ଉମାକାନ୍ତ ମହାପାତ୍ର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତାକାଲି ଓଡ଼ଗାଁ (ବି) ସହିତ ରଙ୍ଗଣିପାଟଣା ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## ୨୪ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ସୁସ୍ୱାଦୁ ବ୍ୟଞ୍ଜନ



**ଓଡ଼ଗାଁ,୧୩।୪/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ୍ ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଓଡ଼ିଆପକ୍ଷ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗଦେଇ ଓଡ଼ିଆଙ୍କ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ଓଡ଼ିଆଙ୍କ ଅତି ଆଦର ବିଭିନ୍ନ ପ୍ରକାରର ପିଠା ନିଜହାତରେ ପ୍ରସ୍ତୁତକରି ପ୍ରଦର୍ଶିତ କରିବା ସହିତ ସମସ୍ତଙ୍କୁ ଖୁଆଇ ମନ ଜିଣିଥିଲେ। ସ୍ୱାଦିଷ୍ଟ ପିଠାର ମହକ ଏତେ ମାତ୍ରାରେ ଥିଲାଯେ ସମସ୍ତେ ଏହାର ମଜା ଉଠାଇଥିଲେ। ଓଡ଼ଗାଁ ବିଡ଼ିଓ ପ୍ରତିବାଳା ରଣା,ବ୍ଲକ୍ ଅଧକ୍ଷ ଲୋକନାଥ ସାହୁ, ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା, ସବ ଇନ୍ସପେକ୍ଟର ଚକ୍ରଧର ସିଂ ଗୋଟିଏ ଷ୍ଟଲରୁ ଆଉ ଗୋଟିଏ ଷ୍ଟଲ ବୁଲିବୁଲି ପିଠାର ସ୍ୱାଦ ପରଖିଥିଲେ।ଏହି ମହିଳା ଗୋଷ୍ଠୀ ନିଜଘରେ ବିଭିନ୍ନ ପ୍ରକାର ପିଠା ପ୍ରସ୍ତୁତକରି ଜିଲ୍ଲା କାହିଁକି ଜିଲ୍ଲା ବାହାରେ ମଧ ସୁନାମ ଆଣିଛନ୍ତି। ଏହି ପରମ୍ପରାକୁ ବଜାୟ ରଖିବାକୁ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ବ୍ଲକ୍ ର ସମସ୍ତ କର୍ମଚାରୀଙ୍କ ସମେତ ଆଡ଼ିଶନାଲ ତହସିଲଦାର ଶ୍ରୀଜିନୁ, ସବ ଇନ୍ସପେକ୍ଟର ଚକ୍ରଧର ସିଂହ ଓ ଅନ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ। ଶେଷରେ ସମସ୍ତେ ମହାବିଷୁବ ସଂକ୍ରାନ୍ତି (ପଣା ସଂକ୍ରାନ୍ତି) ଉପଲକ୍ଷେ ପଣାର ଆୟୋଜନ କରାଯାଇଥିଲା। ଏଥିରେ ବିପିଏମ୍ ସୁରଜ ବେହେରା, ମିଶନ ଶକ୍ତିର ମୃତ୍ୟୁଞ୍ଜୟ ବେହେରା, ସମୀର ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଲାଲବାଗ୍ ଥାନା ସ୍ଥାନାନ୍ତର ବନ୍ଦ ଦାବିରେ ସମାବେଶ



**କଟକ,୧୩।୪/ଏନ୍‌ଏନ୍‌ଏସ୍:** ମଧୁସେତୁ ସଂଯୋଗ ରାସ୍ତା ଖୋଲିବା ଓ ଲାଲ୍‌ବାଗ ଥାନା ସ୍ଥାନାନ୍ତର ନ କରିବା ଦାବିରେ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଏକ ନାଗରିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ମହାନ୍ତି, ସତ୍ୟ ରାୟ, ଖଗେଶ୍ୱର ସେଠୀ, ସୁକାନ୍ତ ନାୟକ, କ୍ଷୀରୋଦ ମହାପାତ୍ର, ଡଲି ଦାସ, ବିଶ୍ୱଜିତ ଘୋଷ, କାଶିନାଥ ସ୍ୱାଇଁ, ପ୍ରସନ୍ନ ମହାପାତ୍ର, ଅରବିନ୍ଦ ମଲ୍ଲିକ, ଅକ୍ଷୟ ରାଉଳ, ବେଣୁଧର ମହାରଣା, ନିରୋଦ ମହାପାତ୍ର, ବିଭୂତି ଭୂଷଣ ବେହେରା, ପ୍ରିୟବ୍ରତ ଦେବତା ଓ ରୁଦ୍ରାଶିଷ ଦାଶ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

ମଧୁ ସେତୁ କାଠଯୋଡ଼ି ସଂଲଗ୍ନ ପ୍ରଶସ୍ତ ରାସ୍ତାର ଅବରୋଧ ହଟାଇବା ଓ ଲାଲବାଗ ଥାନାକୁ ତା’ ପୂର୍ବସ୍ଥାନକୁ ଆଣି ଜନସ୍ୱାସ୍ଥ୍ୟ ସୁରକ୍ଷିତ କରିବାକୁ ନାଗରିକ ସମାବେଶରେ ଦାବି କରାଯାଇଥିଲା। ଏହି ଅବସରରେ କଟକ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରେରଣ କରାଯାଇଥିଲା।

### ରାଜ୍ୟରେ ନୂଆ ଅବକାରୀ ନୀତି

# ମଦ୍ୟପାନକୁ ନିରୁତ୍ସାହିତ ପାଇଁ ଲାଗିବ ଅତିରିକ୍ତ ‘ଡି-ଆଡିକ୍ସନ ସେସ୍’

**ଭୁବନେଶ୍ୱର,୧୩।୪/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାର ନୂଆ ଅବକାରୀ ନୀତି ପ୍ରଣୟନ ସହ ଏହାକୁ ସଠିକ୍ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

ନୂଆ ମଦ ଦୋକାନ ଖୋଲିବା କିମ୍ବା ଅଧିକ ମଦ ବିକ୍ରୟ କରିବା କେବେ ବି ରାଜ୍ୟ ସରକାରଙ୍କ ପ୍ରାଧାନ୍ୟ ନୁହେଁ। ସରକାର ମଦ୍ୟପାନକୁ ନିରୁତ୍ସାହିତ କରିବା ପାଇଁ ଅତିରିକ୍ତ ଡି-ଆଡ଼ିକ୍‌ସନ୍ ସେସ୍ ଲଗାଇବା ପାଇଁ ଯୋଜନା କରିଛନ୍ତି। ଏହା ଦ୍ୱାରା ମଦ୍ୟପାନ ନ କରିବା ପାଇଁ ଏକ ସଚେତନତା ବାର୍ତ୍ତା ପ୍ରସାର କରିହେବ। ଏଥି ସହିତ ପୂର୍ବରୁ ଥିବା ଏମ୍‌ଜିକ୍ୟୁ ବ୍ୟବସ୍ଥାକୁ ଉଚ୍ଛେଦ କରି ଏମ୍‌ଜିଇଆର୍ ବ୍ୟବସ୍ଥା ଲାଗୁ ହେବାକୁ ଯାଉଛି। ଫଳରେ ସର୍ବନିମ୍ନ ମଦ ବିକ୍ରି ପାଇଁ ଡିଲର୍‌ଙ୍କ ଉପରେ ଥିବା ଚାପ ହ୍ରାସ ପାଇବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ସେହିପରି ବେଆଇନ ମଦ କାରବାର ଯୋଗୁଁ କେବଳ ଧନଜୀବନ ହାନି ହେଉ ନାହିଁ, ବରଂ ରାଜସ୍ୱ ହାନି ହେଉଛି। ତେଣୁ ଏହି ବେଆଇନ ନିଶା ତଥା ମାଦକ ଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଏବଂ ମଦ ଦୋକାନ ଆବଣ୍ଟନ ବେଳେ ଇ-ଲଟେରୀ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅବକାରୀ ବ୍ୟବସ୍ଥାରେ ସୁଧାର ଦ୍ୱାରା ବେଆଇନ କାରବାର ରୋକାଯିବା ସହ ରାଜ୍ୟର ରାଜସ୍ୱ ବୃଦ୍ଧି ପାଇବ ବୋଲି ଶ୍ରୀ ହରିଚନ୍ଦନ ଆଶା ପ୍ରକାଶ କରିଥିଲେ। ବୈଠକରେ ଆବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଆର୍. ଏସ୍. ଗୋପାଳନ୍, ଅବକାରୀ କମିଶନ୍ ପି. ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଶାସନ ସଚିବ ଦେବାଶିଷ ପଟ୍ଟନାୟକଙ୍କ ସମେତ ଏନଆଇସି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଇଣ୍ଡୋର୍ ଷ୍ଟାଡିୟମ୍‌ରେ ନାରୀଶକ୍ତି ବନ୍ଦନ ସମ୍ମିଳନୀ

# ନାରୀ ସଶକ୍ତ ହେଲେ ହିଁ ଗଣତନ୍ତ୍ର ସୁଦୃଢ଼ ହେବ: ଉପମୁଖ୍ୟମନ୍ତ୍ରୀ




**କଟକ,୧୩।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଇଣ୍ଡୋର୍ ଷ୍ଟାଡ଼ିୟମଠାରେ ନାରୀଶକ୍ତି ବନ୍ଦନ ସମ୍ମିଳନୀ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନାରୀ ଶକ୍ତି ବନ୍ଦନ ସମ୍ମିଳନୀ ମାଧ୍ୟମରେ ନାରୀ ସଶକ୍ତିକରଣ ଓ ସେମାନଙ୍କୁ ସ୍ୱାବଲମ୍ବୀ କରାଯିବା ସହ ଆର୍ଥିକ ଉନ୍ନତି ସୁରକ୍ଷା ଓ ମର୍ଯ୍ୟାଦା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଆଲୋକପାତ କରିଥିଲେ।

ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ନାରୀ ଶକ୍ତି ପ୍ରତି ଧ୍ୟାନ ଦିଆଯାଇଥିବାବେଳେ ବର୍ତ୍ତମାନର ପ୍ରଧାନମନ୍ତ୍ରୀଙ୍କ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ନାରୀ ସଶକ୍ତିକରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିବାର କହିଥିଲେ। ଆଜି ନାରୀମାନେ ବ୍ୟବସାୟ, ଚାକିରୀ ଓ ଶିକ୍ଷା ଦ୍ୱାରା ସ୍ୱାବଲମ୍ବୀ ହେଇପାରିଛନ୍ତି ଏବଂ ବିଶେଷ କରି ରାଜନୀତି କ୍ଷେତ୍ରରେ ନାରୀମାନେ ମଧ୍ୟ ପ୍ରତିନିଧିତ୍ୱ କରି ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଏସିପି ଅନନ୍ୟା ଅଓ୍ୱସ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିନାକ୍ଷୀ ଠାକୁର, ଏସ୍‌ସିବି ମେଡ଼ିକାଲ ଅଧ୍ୟକ୍ଷା ପ୍ରଫେସର ଡାଃ. ପ୍ରତିଭା ପଣ୍ଡା, ବାଙ୍କୀ ଉପଜିଲ୍ଲାପାଳ ମନସ୍ୱିନୀ ଦାସ, ଜିଲ୍ଲାପରିଷଦ ଉପସଭାପତି ସୁଭଦ୍ରା ଦାସ, ରାଜ୍ୟ ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥି ପ୍ରମୁଖ ଯୋଗ ଦେଇଥିଲେ।

ଆଜିର ଏହି ନାରୀଶକ୍ତି ସମ୍ମିଳନୀ ଶୁଭାରମ୍ଭ ଅବସରରେ ସିଏମ୍‌ସି କମିଶନର୍ କିରଣଦୀପ କୌର ସହୋତା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶଥାଉକି, ଏହି କାର୍ଯ୍ୟକ୍ରମ ଉପଲକ୍ଷେ ସକାଳେ ବାରବାଟୀ ଦୁର୍ଗଠାରୁ ଇଣ୍ଡୋର ଷ୍ଟାଡ଼ିୟମ ପର୍ଯ୍ୟନ୍ତ ମହିଳାମାନଙ୍କୁ ନେଇ ଏକ ପଦଯାତ୍ରା ମଧ୍ୟ ଆୟୋଜନ କରାଯାଇଥିଲା।

# ‘ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର’ ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ



**କଟକ,୧୩।୪/ଏନ୍‌ଏନ୍‌ଏସ୍:** ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଅଧୀନରେ ଓରମାସ୍ ପକ୍ଷରୁ ସ୍ଥାନୀୟ ନେତାଜୀ ବସ୍ ଟର୍ମିନାଲ୍‌ଠାରେ ନବ ସ୍ଥାପିତ ଅନ୍ନପୂର୍ଣ୍ଣ ଗ୍ରାମୀଣ ବଜାର ‘ଦି ଭିଲେଜ ଷ୍ଟଲ୍’ର ସଫଳ ଶୁଭାରମ୍ଭ ପରେ ସୋମବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଏହି କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ସମୟରେ କଟକ ଜିଲ୍ଲାପାଳ, ଡିସିପି, ସିଏମସି କମିଶନର ଓ ଓରମାସର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ଓରମାସ୍‌ର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ରାଉତ ଉପମୁଖ୍ୟମନ୍ତ୍ରୀଙ୍କୁ ଏହି ବଜାରର ବିଶେଷ ପରିକଳ୍ପନା ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କଟକ ଗ୍ରାମୀଣ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ଼ର ଜଣେ ସେୟାର ହୋଲ୍ଡରଙ୍କ ସହ ଆଲୋଚନା କରିଥିଲେ। ଏଠାରେ ପ୍ରଦର୍ଶିତ ପଣ୍ୟର ଗୁଣତ୍ୱ, ବିବିଧତା ଓ ଉପସ୍ଥାପନା ପ୍ରତି ଉପମୁଖ୍ୟମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ। ଶ୍ରୀମତୀ ପରିଡ଼ା ଓରମାସର ଏହି ନୂତନ ପ୍ରୟାସକୁ ପ୍ରଶଂସା କରି ଗ୍ରାମୀଣ ଜୀବିକା ସୁଦୃଢ଼ କରିବା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସଶକ୍ତ କରିବା ଓ ଗ୍ରାମ ଏବଂ ସହର ମଧ୍ୟରେ ସୁସ୍ଥାୟୀ ବଜାର ସଂଯୋଗ ସୃଷ୍ଟିରେ ଏହାର ଭୂମିକାକୁ ଉଲ୍ଲେଖ କରିଥିଲେ।

# ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି

**କଟକ,୧୩।୪/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ହୋଇଥିଲା। ଆଜିର ଶୁଣାଣିରେ ସମୁଦାୟ ୧୫୦ଟି ଅଭିଯୋଗ ହସ୍ତଗତ ହୋଇଥିଲା। ୪୧ଟି ଅଭିଯୋଗର ଘଟଣା ସ୍ଥଳରେ ସମାଧାନ ହୋଇଥିଲା। ଏହି ଅଭିଯୋଗ ଶୁଣାଣି କାଳରେ ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରଓ୍ୱାଲଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସ୍ଥାନୀୟ ଲୋକମାନଙ୍କର ଉପସ୍ଥିତିରେ ବାର୍ଦ୍ଧକ୍ୟ ଭତ୍ତା, ଶିକ୍ଷା, କୃଷି ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ସୂଚନାଯୋଗ୍ୟ, ଆସନ୍ତା ୨୦ ତାରିଖରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

# ମୁଖ୍ୟମନ୍ତ୍ରୀ ଟ୍ରଫି ଖୋ-ଖୋ ପ୍ରତିଯୋଗିତା




**କଟକ,୧୩।୪/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ସ୍ଥାନୀୟ ସତ୍ୟବ୍ରତ ଷ୍ଟାଡିୟମ୍‌ରେ ସୋମବାର ମୁଖ୍ୟମନ୍ତ୍ରୀ ଟ୍ରଫି ଖୋ ଖୋ ପ୍ରତିଯୋଗିତା ୨୦୨୬ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରୀଡ଼ାଧିକାରୀ ଅଜୟ କୁମାର ବେହେରା ଏହାକୁ ଉଦ୍‌ଘାଟନ କରିଥିବା ବେଳେ କଟକ ଜିଲ୍ଲା କ୍ରୀଡ଼ା ସଂସଦ ଉପସଭାପତି ସହଦେବ ରାଉତ, ସହସମ୍ପାଦକ ନବକିଶୋର ମିଶ୍ର, ବିଭାଗୀୟ ସମ୍ପାଦକ (ଖୋ ଖୋ) ସୁନାତର ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବାଳକ ବିଭାଗରେ ମୋଟ ୯ଟି ଦଳର ୧୩୫ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ୧୬ ଜଣ କ୍ରୀଡ଼ା ଶିକ୍ଷକ/ଶିକ୍ଷୟିତ୍ରୀର ପ୍ରତିଯୋଗିତା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ଶୃଙ୍ଖଳିତ ସମ୍ପାଦକ ପାଇଁ ୨୦ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଥିଲେ। କଟକ ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଆଶୀର୍ବାଦ ବେହେରା ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଯୁବ କଂଗ୍ରେସ ପକ୍ଷରୁ ଡିଜିଟାଲ୍ ସ୍ୱାଧୀନତା ସମ୍ପର୍କିତ ଆଲୋଚନା




**କଟକ,୧୩।୪/ଏନ୍‌ଏନ୍‌ଏସ୍:** ଗାନ୍ଧୀଭବନରେ ଯୁବ କଂଗ୍ରେସ ପକ୍ଷରୁ ସୋମବାର ଡିଜିଟାଲ ସ୍ୱାଧୀନତା ପାଇଁ ଏକ ଆଲୋଚନା ହୋଇଯାଇଛି। ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଏହି ସମ୍ମିଳନୀରେ ଫେସବୁକ୍ ଓ ୟୁଟ୍ୟୁବ ଇନଫ୍ଲୁଏନ୍ସର୍‌ମାନଙ୍କର କଣ୍ଠସ୍ୱରକୁ ଦମନ କରାଯାଉଥିବା ବିଷୟରେ ଆଲୋଚନା ହୋଇଥିଲା। ଏହି ସମ୍ମିଳନୀକୁ କଟକ ନଗର ଯୁବ କଂଗ୍ରେସ ସଭାପତି ଡଃ. ବିପ୍ଳବ ଶିଳାଦିତ୍ୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ନଗର ଜିଲ୍ଲା କଂଗ୍ରେସ ସଭାପତି ଶାନ୍ତାୟନ ମିଶ୍ର, ଓଡ଼ିଶା ପ୍ରଦେଶ କଂଗ୍ରେସ ସୋସିଆଲ ମିଡ଼ିଆ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି, ଯୁବ କଂଗ୍ରେସ ମିଡ଼ିଆ ପ୍ରଭାରୀ ରଜା ଅହମ୍ମଦ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶିବ ଅଗ୍ରଓ୍ୱାଲ, କଟକ କଂଗ୍ରେସ ଜିଲ୍ଲା ଉପସଭାପତି ମନୋଜ ବିଶ୍ୱାଳ, ଜିଲ୍ଲା ମୁଖପାତ୍ର ମାନସ ପରିଡ଼ା, ଜଗନ୍ନାଥ ସାହୁ, ଜଗନ୍ନାଥ ପଟ୍ଟନାୟକ, ଜ୍ଞାନେଶ୍ୱ ଭୂଷଣ ନାୟକ, ଶୁଭରଞ୍ଜନ ରାଉତରାୟ ଓ ରାହିଲ ଅହମ୍ମଦ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଏଆଇଏଫ୍‌ଏଫ୍ ଅଣ୍ଡର-୧୮ ଏଲିଟ୍ ଲିଗ୍

# ଫାଇନାଲ୍ ରାଉଣ୍ଡରେ ଫାଓ ଏକାଡେମୀ



**କଟକ,୧୩।୪/ଏଜେନ୍ସି:** ଏଆଇଏଫ୍‌ଏଫ୍ ଅଣ୍ଡର-୧୮ ଏଲିଟ୍ ଲିଗ୍ ୨୦୨୬ ପଏଣ୍ଟ୍ ଟେବଲ୍‌ର ଦ୍ୱିତୀୟ ସ୍ଥାନରେ ରହି ଫାଓ ଏକାଡେମୀ ଟୁର୍ଣ୍ଣାମେଣ୍ଟ୍‌ର ଫାଇନାଲ୍ ରାଉଣ୍ଡ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଟିମ୍ ୧୦ ମ୍ୟାଚ୍ ଖେଳି ୬ଟିରେ ବିଜୟୀ ହେବା ସହିତ ୧୮ ପଏଣ୍ଟ୍ ହାସଲ କରି ଏହି ଯୋଗ୍ୟତା ହାସଲ କରିଛି। ଫାଇନାଲ୍ ରାଉଣ୍ଡ୍ ଏପ୍ରିଲ୍ ୧୭ରୁ ଆରମ୍ଭ ହୋଇ ଏପ୍ରିଲ୍ ୨୮ରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ। ଏହି ଉପଲବ୍ଧି ପାଇଁ ଓଡ଼ିଶା ଫୁଟ୍‌ବଲ୍ ଆସୋସିଏସନ୍ (ଫାଓ) ଖେଳାଳି, କୋଚିଂ ଷ୍ଟାଫ୍ ଏବଂ ଟିମ୍ ମ୍ୟାନେଜମେଣ୍ଟ୍‌କୁ ଶୁଭେଚ୍ଛା ଜଣାଇବା ସହିତ ଫାଇନାଲ୍ ରାଉଣ୍ଡ୍ ପାଇଁ ଶୁଭକାମନା କରିଛି।

# ଓଡ଼ିଶାର ବିକାଶ ପାଇଁ କାର୍ଯ୍ୟ କରିବାରେ ରହିଛି ପର୍ଯ୍ୟାପ୍ତ ସୁଯୋଗ: ଉନ୍ନୟନ ଆୟୁକ୍ତ

**ଭୁବନେଶ୍ୱର,୧୩।୪/ଏନ୍‌ଏନ୍‌ଏସ୍:** ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ୨୦୨୪ ବ୍ୟାଚ୍ ଓଡ଼ିଶା କ୍ୟାଡର୍‌ର ୯ ଜଣ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଆଜି ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ କାର୍ଯ୍ୟାଳୟ ପରିଦର୍ଶନ କରିବା ଅବସରରେ ସେମାନଙ୍କୁ ବିଭାଗୀୟ କାର୍ଯ୍ୟ ସମ୍ପର୍କରେ ଅବଗତ କରାଯାଇଛି। ସେମାନଙ୍କ ପାଇଁ ଉଦ୍ଦିଷ୍ଟ ୧ ବର୍ଷିଆ ବିସ୍ତୃତ ପ୍ରଶିକ୍ଷଣର ଏହା ଅଂଶ ବିଶେଷ ଥିଲା। ପ୍ରଶିକ୍ଷାର୍ଥୀମାନେ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ମାଧ୍ୟମରେ ପ୍ରଶିକ୍ଷଣ ନେଇ ରାଜ୍ୟର ବିଭିନ୍ନ ବିଭାଗ, ଜିଲ୍ଲା କାର୍ଯ୍ୟାଳୟ, ସଂସ୍ଥା ଓ କମିଶନ କାର୍ଯ୍ୟାଳୟରେ ପ୍ରଶାସନିକ କାର୍ଯ୍ୟ ଅଭିଜ୍ଞତା ହାସଲ କରିବା ଏହି ପ୍ରଶିକ୍ଷଣର ମୂଳ ଉଦ୍ଦେଶ୍ୟ ଥିଲା। ଏହି ପ୍ରତ୍ୟକ୍ଷ ଅନୁଭୂତିର ଅଂଶସ୍ୱରୂପ ପ୍ରଶିକ୍ଷଣରେ ଥିବା ଏହି ସମସ୍ତ ଅଧିକାରୀମାନେ ଆଜି ଯୋଜନା ଓ ସଂଯୋଜନ ବିଭାଗରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା ଦେଓରଞ୍ଜନ କୁମାର ସିଂହଙ୍କୁ ସାକ୍ଷାତ କରିଥିଲେ। ଉନ୍ନୟନ କମିଶନରଙ୍କ ସହ ପାରସ୍ପରିକ ଆଲୋଚନାରେ ପ୍ରଶିକ୍ଷାର୍ଥୀମାନେ ରାଜ୍ୟର ଯୋଜନା ପଦ୍ଧତି, କନଭର୍ଜେନ୍ସ ରଣନୀତି ଏବଂ ପ୍ରମୁଖ ବିକାଶମୂଳକ ପଦକ୍ଷେପଗୁଡ଼ିକ ସମ୍ପର୍କରେ ଅବଗତ ହୋଇଥିଲେ। ଉନ୍ନୟନ କମିଶନର ଏହି ଅଧିକାରୀମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି ସେମାନଙ୍କୁ ଓଡ଼ିଶାରେ କାର୍ଯ୍ୟ କରିବାରେ ବହୁ ସୁଯୋଗ ରହିଥିବା ପ୍ରକାଶ କରି ଉତ୍ସାହିତ କରିଥିଲେ। ରାଜ୍ୟର ସମୃଦ୍ଧି ପାଇଁ ଯୋଜନା ଓ ସଂଯୋଜନ ବିଭାଗ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ଭୂମିକା ନିର୍ବାହ କରୁଥିବା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ସେ ମଧ୍ୟ ଇସ୍ପାତ ଓ ଖଣି ବିଭାଗର ସଚିବ ଭାବେ ଓଡ଼ିଶାର ଖଣିଜ ସମ୍ପଦ ରାଜ୍ୟର ଅର୍ଥନୀତି ଓ ସାମଗ୍ରିକ ବିକାଶରେ ଉଲ୍ଲେଖନୀୟ ଯୋଗଦାନ ରଖୁଥିବା ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଓଡ଼ିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ଉପସ୍ଥିତ ଥିଲେ। ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଉପ ମହା ନିର୍ଦ୍ଦେଶିକା ଡଃ. ମୋନାଲିସା ଲେଙ୍କା ସେମାନଙ୍କର ପ୍ରଶିକ୍ଷଣ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରକାଶ ଚନ୍ଦ୍ର ମହାନ୍ତି, ଅତିରିକ୍ତ ଶାସନ ସଚିବ ପ୍ରଦ୍ୟୁମ୍ନ କୁମାର ମହାକୁଡ, ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡଃ. ବିଜୟ ଭୂଷଣ ନନ୍ଦଙ୍କ ସମେତ ବିଭାଗର ବିଭିନ୍ନ ଶାଖାର ଉପ ନିର୍ଦ୍ଦେଶକବୃନ୍ଦ ଏବଂ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗଦେଇ ବିଭାଗୀୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ବିଭାଗ ପକ୍ଷରୁ ମିଳିତ ଜାତି ସଂଘର ନିରନ୍ତର ବିକାଶ ଲକ୍ଷ୍ୟ (ଏସଡିଜି) ହାସଲ ପାଇଁ ବିଭିନ୍ନ ବିଭାଗ ଓ ଜିଲ୍ଲା ସହିତ ସମନ୍ୱୟରେ ଏସଡିଜି ସୂଚକାଙ୍କ ପ୍ରଦର୍ଶନରେ ପ୍ରତିବର୍ଷ ଉନ୍ନତି ପରିଲକ୍ଷିତ ହେଉଥିବା ଦର୍ଶାଯାଇଥିଲା। ଏଥି ସହିତ ରାଜ୍ୟରେ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ, ସମ୍ପୂର୍ଣ୍ଣତା ଅଭିଯାନ ୨.୦, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର କାର୍ଯ୍ୟ ଓ ଏହା ମାଧ୍ୟମରେ ସମ୍ପୃକ୍ତ ଜିଲ୍ଲା ଓ ଅଂଚଳର ସମାବେଶୀ ବିକାଶ, ବିଧାୟକ ଆଞ୍ଚଳିକ ବିକାଶ ପାଣ୍ଠି (ଏମଏଲଏ ଲାଡ), ସାଂସଦ ଉନ୍ନୟନ ପାଣ୍ଠି (ଏମ୍‌ପି ଲାଡ୍) କାର୍ଯ୍ୟକାରିତା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା, ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍), ଓଡ଼ିଶା ଖଣିଜ କ୍ଷେତ୍ର ବିକାଶ ପାଣ୍ଠିର ଉପଯୋଗ ଓ ଆଞ୍ଚଳିକ ବିକାଶ ସମ୍ପର୍କରେ ଅବଗତ କରାଯାଇଥିଲା।

### ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସମର୍ଥନ

# ବିଜେପି କାର୍ଯ୍ୟାଳୟରେ ଫଟୋଚିତ୍ର ପ୍ରଦର୍ଶନୀ, ଦସ୍ତଖତ ଅଭିଯାନ



**ଭୁବନେଶ୍ୱର,୧୩।୪/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତବର୍ଷ ଏବେ ସ୍ୱର୍ଣ୍ଣିମ ଯୁଗଆଡ଼କୁ ଅଗ୍ରସର ହେଉଛି। ବିକଶିତ ଭାରତର ସ୍ୱପ୍ନ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଏହି ବିକାଶମୂଳକ କାର୍ଯ୍ୟରେ ମହିଳାମାନଙ୍କ ପୂର୍ଣ୍ଣ ଯୋଗଦାନ ରହିବା ପାଇଁ ନାରୀ ଶକ୍ତି ବନ୍ଦନ ଅଧିନିୟମ ଆସିବାକୁ ଯାଉଛି। ଏହି ଅଧିନିୟମ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ମହିଳାଙ୍କ ସଂରକ୍ଷଣକୁ ସୁନିଶ୍ଚିତ କରାଇବ। ସମ୍ବିଧାନରେ ଏହି ସଂଶୋଧନ ଭାରତ ଇତିହାସରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏପ୍ରିଲ ୧୬ରୁ ୧୮ ପର୍ଯ୍ୟନ୍ତ ନାରୀଶକ୍ତି ବନ୍ଦନ ଅଧିନିୟମ ଉପରେ ସଂସଦରେ ସ୍ୱତନ୍ତ୍ର ଅଧିବେଶନ ହେବାକୁ ଯାଉଛି। ଏନେଇ ଦିଲ୍ଲୀର ବିଜ୍ଞାନ ଭବନରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାରୀ ଶକ୍ତି ବନ୍ଦନ ଅଧିନିୟମ ଉପରେ ଅଭିଭାଷଣ ରଖିଥିଲେ। ଏହି ଅଧିନିୟମ ନାରୀମାନଙ୍କ ଅଧିକାରକୁ ସାବ୍ୟସ୍ତ କରିବ ବୋଲି ସେ କହିଥିଲେ। ରାଜ୍ୟ ବିଜେପି କାର୍ଯ୍ୟାଳୟରେ ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସାମାଜିକ କର୍ମୀ, କଲେଜର ଶିକ୍ଷାବିତ୍ ଓ ଛାତ୍ରୀମାନେ ଉପସ୍ଥିତ ରହି ମୋଦିଜୀଙ୍କ ଅଭିଭାଷଣର ସିଧା ପ୍ରସାରଣ ଶୁଣିଥିଲେ।

### ମହିଳା ଶୁଣିଲେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ

ଏପ୍ରିଲ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସଂସଦରେ ଏନେଇ ଏକ ସ୍ୱତନ୍ତ୍ର ଅଧିବେଶନ ହେବାକୁ ଥିଲାବେଳେ ଏହାକୁ ସମର୍ଥନ କରି ରାଜ୍ୟ କାର୍ଯ୍ୟାଳୟରେ ବହୁ ସଂଖ୍ୟାରେ ମହିଳାମାନେ ଉପସ୍ଥିତ ରହି ୯୬୬୭୧୭୩୩୩୩ ନମ୍ବରରେ ମିସ୍ କଲ୍ କରିଥିଲେ। ଏହି ଅବସରରେ ନାରୀ କଲ୍ୟାଣ ପାଇଁ ବିଜେପି ସରକାର ଦ୍ୱାରା ଆରମ୍ଭ କରାଯାଇଥିବା ସୁଭଦ୍ରା ଯୋଜନା, ମମତା ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା, ଲକ୍ଷ୍ୟପତି ଦିଦି ଯୋଜନା, ଉଜ୍ଜ୍ୱଳା ଯୋଜନା, ମିଶନ ଶକ୍ତି, ସ୍ୱଚ୍ଛ ଭାରତ ମିଶନ, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ମାତୃବନ୍ଦନ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମହିଳା ଇ-ହାଟ, ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଓଡ଼ିଶାର ମହିୟସୀ ମହିଳାମାନଙ୍କୁ ନେଇ ଫଟୋ ପ୍ରଦର୍ଶନୀ କରାଯାଇଥିଲା। ଏସବୁ ନାରୀ କଲ୍ୟାଣକାରୀ ଯୋଜନା ପାଇଁ ଧନ୍ୟବାଦ ଦେବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ‘ଧନ୍ୟବାଦ ମୋଦିଜୀ’ ଦସ୍ତଖତ ଅଭିଯାନ ରେ ସହସ୍ରାଧିକ ମା’ ଓ ଭଉଣୀ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳ, ବରିଷ୍ଠ ସମାଜସେବୀ ସବିତା ରାଏ ପ୍ରମୁଖ ଉପସ୍ଥିତ ଥିଲେ।

ଅଭିନନ୍ଦନ

ପବିତ୍ର ମହାବିଷୁବ ପଣା ସଂକ୍ରାନ୍ତି ଓ ଓଡ଼ିଆ ନବ ବରଷ ଅବସରରେ କେନ୍ଦୁଝର ଜିଲ୍ଲା, ରାଜ୍ୟ ତଥା ଦେଶବାସୀଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଉଛି। ଜଗତ ଜନନୀ ମା’ ଦଶଭୂଜା ଓ ମା’ତାରିଣୀଙ୍କ ଅପାର କୃପାରୁ ସମସ୍ତଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।







ସନାତନ ମହାକୁଡ଼

ବିଧାୟକ, ଚମ୍ପୁଆ, କେନ୍ଦୁଝର

## ପ୍ରଥମ ପୃଷ୍ଠାରୁ

# କମ୍ ବର୍ଷିବ ମୌସୁମୀ ...

ଅଧିକାଂଶ ଭାଗରେ ବର୍ଷା କମ୍ ହେବ । ଏହା ଦ୍ୱାରା କୃଷି ଉତ୍ପାଦନ ଓ ମୁଦ୍ରାସ୍ଫୀତି ଉପରେ ଚାପ ପଡ଼ିବା ନେଇ ଆଶଙ୍କା କରାଯାଉଛି । ଦକ୍ଷିଣ ପଶ୍ଚିମ ମୌସୁମୀ ପାରମ୍ପରିକ ଭାବେ କେରଳ ଦେଇ ଭାରତର ବିଭିନ୍ନ ସ୍ଥାନକୁ ପ୍ରବେଶ କରିଥାଏ । ଜୁନ ୧ରେ ଏହା କେରଳ ସ୍ପର୍ଶ କରିବା ସହ ସେପ୍ଟେମ୍ବର ଯାଏ ସମଗ୍ର ଦେଶରେ ନିଜର ଦବଦବା ଦେଖାଇଥାଏ । ତେବେ ଚଳିତ ବର୍ଷ ମୌସୁମୀ କେବେ ଭାରତରେ ପ୍ରବେଶ କରିବ, ସେକଥା ଆଇଏମଡି କହି ନାହିଁ । କିନ୍ତୁ ଚଳିତ ବର୍ଷ ସ୍ୱାଭାବିକ ଠାରୁ କମ ବର୍ଷା ହେବ ବୋଲି ଆକଳନ କରିଛି । ଏପରି ଆକଳନ କୃଷି କ୍ଷେତ୍ରକୁ ଚିନ୍ତାରେ ପକାଇ ଦେଇଛି । ସୂଚନାଯୋଗ୍ୟ ଯେ, ୨୦୨୫ରେ ଭାରତରେ ସ୍ୱାଭାବିକ ଠାରୁ ଅଧିକ ଅର୍ଥାତ୍ ୧୦୮% ବର୍ଷା ରେକର୍ଡ କରାଯାଇଥିଲା । କିନ୍ତୁ ଦୀର୍ଘ ତିନି ବର୍ଷ ପରେ ୨୦୨୬ରେ ବର୍ଷା କମିବାକୁ ଯାଉଛି ।

# ଦୁର୍ଘଟଣାରେ ଗଲା ...

ସ୍ଥିତ ଗୋଟିଏ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘଟଣା ସ୍ଥଳକୁ ଧାଇଁ ଆସିଥିଲେ । ଏହାପରେ ଖବର ପାଇ ସ୍ଥାନୀୟ ଅଗ୍ନିଶମ ବାହିନୀ ଏବଂ ପୁଲିସ ସମସ୍ତଙ୍କୁ ଉଦ୍ଧାର କରିଥିଲେ । ଆହତମାନଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ପଠାଯାଇଥିଲା ।

# ଏସ୍ଆଇ ସ୍କାମ୍, ସିବିଆଇ ...

ଗୋବିନ୍ଦ ଫେରାର୍ ଥିବା ଜଣାପଡ଼ିଛି । ୧୫ ଲକ୍ଷ ଟଙ୍କା ଦେଇ ପୁଲିସ ଚାକିରି କିଣିବା ନେଇ ଯେଉଁ ପରୀକ୍ଷାର୍ଥୀ ମାନେ ଡିଲ କରିଥିଲେ ସେମାନଙ୍କ ପାଇଁ ଏଠାରେ ବ୍ୟବସ୍ଥା କରାଯାଇଥିଲା ବୋଲି ଅଭିଯୋଗ ହୋଇଥିଲା । ପୁଲିସ୍ ଏସଆଇ ପରୀକ୍ଷା ସ୍କାମ୍ ମାମଲାରେ ଭୁବନେଶ୍ୱରରେ ସିବିଆଇ ତଦନ୍ତ କରୁଥିବାବେଳେ ଏହା ମଧ୍ୟରେ ପ୍ରାଥମିକ ଚାର୍ଜସିଟ ଦାଖଲ କରିସାରିଛି । ଏସ୍ଆଇ ସ୍କାମ୍ ମାମଲାରେ ମୁଖ୍ୟ କାର୍ପଟଦାର ପଞ୍ଚସଫ୍ଟ ମାଲିକ ଶଙ୍କର ପ୍ରୁଷ୍ଟି , ସିଲିକନ୍ ଟେକ୍ ମାଲିକ ସୁରେଶ ନାୟକ, ଦଲାଲ ମୁନା ମହାନ୍ତି, ବିଶ୍ୱରଞ୍ଜନ ବେହେରା, ପ୍ରିୟଦର୍ଶିନୀ ସାମଲ, ସାଗର ଗୌଡା, ଅରବିନ୍ଦ ଦାସ, ବିରଞ୍ଚି ନାୟକ, ଅର୍ଜୁନ ନାୟକ, ନୀତିଶ କୁମାର ସମେତ ୧୭ ଜଣ ଅଭିଯୁକ୍ତଙ୍କ ବିରୋଧରେ ସିବିଆଇ ତଥ୍ୟ ପ୍ରମାଣ କୋର୍ଟଙ୍କ ନିକଟରେ ଦାଖଲ କରିସାରିଛି । ଏହା ମଧ୍ୟରେ ବହୁ ପରୀକ୍ଷାର୍ଥୀଙ୍କୁ ଜେରା ମଧ୍ୟ କରାଯାଇଛି ।

# କଥା ଦେଇ କଥା ରଖିଲେ ...

୭୦-୮୦ ହଜାର କୋଟି ଟଙ୍କାର ପ୍ରକଳ୍ପ ଚାଲିଛି । ଏବେ ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ପାଇଁ ଏକ ସୁବର୍ଣ୍ଣ ସମୟ ଆସିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, କେନ୍ଦୁଝର ବା ବଡବିଲ୍ ପରି ସହରମାନଙ୍କ ଟ୍ରାଫିକ ଏବଂ ଭାରି ଯାନବାହାନ ଚଳାଚଳ ସମସ୍ୟା ବିଷୟରେ ମୁଁ ସବୁ ଜାଣିଛି । ମୁଁ ନିଜେ ଗୋଟିଏ ଭୁକ୍ତଭୋଗୀ । ତେଣୁ, ଏ ସବୁ ଅସୁବିଧା ଦୂର କରିବା ପାଇଁ ଆମ ସରକାର ପ୍ରଥମରୁ ହିଁ ନିଷ୍ପତ୍ତି ନେଇଥିଲେ । ଆଜି ସେହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଇ ବଡ଼ବିଲ ସହର ପାଇଁ ୧୮ କିଲୋମିଟରରୁ ଉର୍ଦ୍ଧ୍ୱ ଲମ୍ବା ବାଇପାସ୍ ତଥା ରିଂ ରୋଡ୍ ର ଶିଳାନ୍ୟାସ କରାଗଲା । ଭଦ୍ରା ସାହିରୁ ସେରେଣ୍ଡା ପର୍ଯ୍ୟନ୍ତ ୩.୭ କିଲୋମିଟର, ସେରେଣ୍ଡାରୁ ବଲାଣି ପର୍ଯ୍ୟନ୍ତ ୬.୩ କିଲୋମିଟର ଏବଂ ସେରେଣ୍ଡାରୁ ନଲ୍ଦା ପର୍ଯ୍ୟନ୍ତ ହେଉଛି ୮.୩ କିଲୋମିଟର । ଏ ପୂରା ବାଇପାସ୍ଟି ଆପଣମାନଙ୍କର ଏକ ଦୀର୍ଘଦିନର ସମସ୍ୟାର ସମାଧାନ କରିବ । ଏଥିସହିତ ଆଜି ଅନେକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ ମଧ୍ୟ ହୋଇଛି । ୯୫ କୋଟି ଟଙ୍କା ବିନିଯୋଗରେ ୧୦ କିଲୋମିଟର ଦୀର୍ଘ ବାମ୍ବେରୀ - ପଲାସା - ଗୁରୁଡା - କୋଇଡା ସଡ଼କ ପାଇଁ ଶିଳାନ୍ୟାସ କରାଯାଇଛି । ଏହା ସହିତ ସୁଆକଟି - ଡୁବୁନା - କାଳିମାଟି ସାଢ଼େ ସାତ କିଲୋମିଟର ସଡ଼କ ପାଇଁ ଶିଳାନ୍ୟାସ କରାଯାଇଛି । ଏଥିପାଇଁ ୩୦ କୋଟି ଟଙ୍କା ବିନିଯୋଗ ହେବ । ଏହାସହିତ ପଳାଶପଙ୍ଗା ଠାରୁ ବାମ୍ବେରୀ ପର୍ଯ୍ୟନ୍ତ କିଡେକା ରୋଡ୍ର ମଧ୍ୟ ଉନ୍ନତିକରଣ କରାଯିବ । ସାଢ଼େ ପାଞ୍ଚ କିଲୋମିଟର ଦୀର୍ଘ ଏହି ରାସ୍ତାର ଉନ୍ନତିକରଣ ପାଇଁ ୩୦ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଆଜି ବଡ଼ବିଲ ଉତ୍ସବ ପଡ଼ିଆରେ କ୍ରୀଡା ଭିତ୍ତିଭୂମି ସହିତ ବସ ଷ୍ଟାଣ୍ଡର ଉନ୍ନତିକରଣ କାର୍ଯ୍ୟର ଉଦଘାଟନ ମଧ୍ୟ କରାଯାଇଛି । ଏଥିପାଇଁ ୯.୨୭ କୋଟି ଟଙ୍କା ବିନିଯୋଗ କରାଯାଇଛି । ଏହି ସବୁ ପ୍ରକଳ୍ପଗୁଡ଼ିକ ବଡ଼ବିଲ ଓ ସମଗ୍ର କେନ୍ଦୁଝର ଜିଲ୍ଲାର ବିକାଶକୁ ତ୍ୱରାନ୍ୱିତ କରିବା ସହିତ ଲୋକ ମାନଙ୍କ ଜୀବନ ଧାରଣର ମାନରେ ଉନ୍ନତି ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ କହିଥିଲେ ଯେ କେନ୍ଦୁଝରରେ ଡାଟା ସେଣ୍ଟର, ସାନ ଘାଗରାରେ ରିଜିଓନାଲ୍ ପ୍ଲାଣ୍ଟ ରିସୋର୍ସ ସେଣ୍ଟର, ଆପାରେଲ୍ ୟୁନିଟ୍, କେନ୍ଦୁଝର ବାଇପାସ୍, ଅନେକ ପର୍ଯ୍ୟଟନ ସ୍ଥଳର ବିକାଶ ଆଦି କାମ ଆରମ୍ଭ ହୋଇଛି । ଆପଣଙ୍କ ଯୋଡ଼ା ବଡବିଲ୍ ଅଞ୍ଚଳର ଭିତ୍ତିଭୂମିର ବିକାଶ କାମ ମଧ୍ୟ ଆରମ୍ଭ ହୋଇଛି । ଖଣି ଅଞ୍ଚଳକୁ ଯାଉଥିବା ସବୁ ରାସ୍ତାକୁ ୮ ଲେନ୍ ବିଶିଷ୍ଟ କରିବା ପାଇଁ ଆମେ ନିଷ୍ପତ୍ତି ନେଇଛୁ । ଅଳ୍ପ ଦିନ ତଳେ କ୍ୟାବିନେଟ୍‌ରେ କେନ୍ଦୁଝର ପାଇଁ ମଧ୍ୟ ଏକ ଗ୍ରୀଡ ସବ୍‌ଷ୍ଟେସନ ପାଇଁ ମଞ୍ଜୁରୀ ଦିଆଯାଇଛି । ୧ ହଜାର ୬୪୭ କୋଟି ଟଙ୍କାରେ ଏ ପ୍ରକଳ୍ପ ତିନି ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । କେନ୍ଦୁଝରରେ ଏକ ମେଗା ଷ୍ଟିଲପ୍ଲାଣ୍ଟ ପାଇଁ ପ୍ରକ୍ରିୟା ଜାରି ରହିଛି । ସମସ୍ତ ପ୍ରସ୍ତୁତି ପ୍ରକ୍ରିୟା ଦ୍ରୁତ ଗତିରେ ଆଗେଇ ଚାଲିଛି । ଖୁବ୍ ଶୀଘ୍ର ଏଥିପାଇଁ ଶିଳାନ୍ୟାସ କରାଯିବ । ଏବଂ ଏହା ମଧ୍ୟ ଘୋଷଣା କରିଥିଲେ ଯେ ଯେ କୌଣସି ଶିଳ୍ପସଂସ୍ଥା କେନ୍ଦୁଝରରେ ୧୦ ହଜାର କୋଟି ଟଙ୍କାରୁ ଅଧିକ ନିବେଶ କରିବ ଏବଂ ୧୦, ୦୦୦ ରୁ ଉର୍ଦ୍ଧ୍ୱ ଯୁବକଯୁବତୀଙ୍କୁ ନିଯୁକ୍ତି ଦେବ ତାଙ୍କୁ ରାଜ୍ୟ ସରକାର ସମସ୍ତ ପ୍ରକାରର ପ୍ରଶାସନିକ ସୁବିଧା ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ଏହି ଅବସରରେ ବଡବିଲ ଠାରେ ମୁଖ୍ୟମନ୍ତ୍ରୀ ନାରୀ ଶକ୍ତି ବନ୍ଦନ ଅଧିନିୟମ ଉପରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଶୁଣିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ, ମଧୁବାବୁ ପେନସନ ଯୋଜନାର ହିତାଧିକାରୀଙ୍କୁ ଅର୍ଥରାଶି ପ୍ରଦାନ କରିବା ସହିତ ବଡ଼ବିଲ ଅଂଚଳର ହିତାଧିକାରୀଙ୍କୁ ଜମିପଟ୍ଟା ଆବଣ୍ଟନ କରିଥିଲେ ।ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଯୋଜନା ବୋର୍ଡ ଅଧ୍ୟକ୍ଷ ଡାକ୍ତର ଫକୀର ନାଏକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ସିଂହ, ଜିଲ୍ଲାପାଳ ବିଶାଳ ସିଂ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ ।

# ବିଚାର ବିଭାଗୀୟ ତଦନ୍ତ ...

ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ ଷ୍ଟେସନ ଅଫିସର ଅଭିନବ ପୃଷ୍ଟି ଏବଂ କଟକ ଜିଇଡ଼ି ଅନ୍ତର୍ଗତ ଏସସିବି ସବଡିଭିଜନ ଆସିଷ୍ଟାଣ୍ଟ ଏକ୍ଜୁକେଟିଭ ଇଂ ଟଂଜନ ବିଶ୍ୱାଳ ସସପେଣ୍ଡ ହୋଇଥିଲେ । ଉନ୍ନୟନ କମିଶନରଙ୍କ ତଦନ୍ତ ରିର୍ପୋଟ ଆଧାରରେ କାର୍ଯ୍ୟରେ ଅବହେଳା କରିଥିବା ଏହି ଅଧିକାରୀମାନଙ୍କୁ ସସପେଣ୍ଡ କରାଯାଇଥିଲା ।

# 'ମହିଳା ସଂରକ୍ଷଣ' ଏକବିଂଶ ...

ସଂକଳ୍ପ, ଯେଉଁଠାରେ ସାମାଜିକ ନ୍ୟାୟ କେବଳ ଏକ ସ୍ଲୋଗାନ ନୁହେଁ, ବରଂ ଆମର କାର୍ଯ୍ୟ ସଂସ୍କୃତି ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାର ଏକ ସ୍ୱାଭାବିକ ଅଂଶ ହେବ । ଏବେ ତାହା ଆରମ୍ଭ ହୋଇଛି ବୋଲି ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀଙ୍କ କହିବାନୁସାରେ ପଞ୍ଚାୟତିରାଜ ପ୍ରତିଷ୍ଠାନଗୁଡ଼ିକ ମହିଳା ନେତୃତ୍ୱର ଉଲ୍ଲେଖନୀୟ ଉଦାହରଣ ଏବଂ ବର୍ତ୍ତମାନ ପ୍ରାୟ ୧୪ ଲକ୍ଷରୁ ଅଧିକ ମହିଳା ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥାରେ ସଫଳତାର ସହ କାର୍ଯ୍ୟ କରୁଛନ୍ତି । ପ୍ରାୟ ୨୧ଟି ରାଜ୍ୟରେ ପଞ୍ଚାୟତରେ ମହିଳାଙ୍କ ଅଂଶଗ୍ରହଣ ପ୍ରାୟ ୫୦ ପ୍ରତିଶତରେ ପହଞ୍ଚିଛି । ଆଜି ଭାରତରେ ବିଶ୍ୱର ସର୍ବାଧିକ ମହିଳା ପାଇଲଟ୍ ଅଛନ୍ତି ଏବଂ ୪୫ ପ୍ରତିଶତରୁ ଅଧିକ ଷ୍ଟାର୍ଟଅପ୍‌ରେ ମହିଳା ନିର୍ଦ୍ଦେଶକ ଅଛନ୍ତି । ଝିଅମାନଙ୍କ ପିଏଚ୍‌ଡି ପଞ୍ଜୀକରଣ ୨୦୧୪ ତୁଳନାରେ ଦ୍ୱିଗୁଣିତ ହୋଇଛି । 'ବେଟୀ ବଚାଓ-ବେଟୀ ପଢ଼ାଓ' ଏବଂ 'ସୁକନ୍ୟା ସମୃଦ୍ଧି ଯୋଜନା' ମାଧ୍ୟମରେ ଝିଅମାନଙ୍କୁ ସମର୍ଥନ କରାଯାଉଛି । ମୁଦ୍ରା ଯୋଜନା ଅଧୀନରେ ୬୦%ରୁ ଅଧିକ ଋଣ ମହିଳାମାନେ ନେଇଛନ୍ତି । 'ଲକ୍ଷପତି ଦିଦି' ଯୋଜନା ଅଧୀନରେ ୩ କୋଟିରୁ ଅଧିକ ମହିଳା ଲାଭବାନ ହୋଇସାରିଛନ୍ତି । ସୁରକ୍ଷା ଓ ନ୍ୟାୟ: ମହିଳା ସୁରକ୍ଷା ପାଇଁ ଫାଷ୍ଟ-ଟ୍ରାକ୍ କୋର୍ଟ ଏବଂ ଭାରତୀୟ ନ୍ୟାୟ ସଂହିତାରେ ବିଶେଷ ବ୍ୟବସ୍ଥା କରାଯାଇଛି । ପ୍ରଧାନମନ୍ତ୍ରୀ ମହିଳାମାନଙ୍କୁ ନିଜ ନିଜର ସାଂସଦମାନଙ୍କୁ ଭେଟିବାକୁ ଏବଂ ସାମାଜିକ ଗଣମାଧ୍ୟମ ଜରିଆରେ ଏହି ସଶକ୍ତିକରଣ ବାର୍ତ୍ତାକୁ ପ୍ରତ୍ୟେକ ଗାଁରେ ପହଞ୍ଚାଇବାକୁ ନିବେଦନ କରିଛନ୍ତି । ଏହି ନିଷ୍ପତ୍ତି ହିଁ ଉଜ୍ଜ୍ୱଳ ଭବିଷ୍ୟତର ସବୁଠୁ ବଡ଼ ଗ୍ୟାରେଣ୍ଟି ବୋଲି ସେ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ଦର୍ଶାଇଛନ୍ତି ଯେ ଏହା କେବଳ ଏକ ସ୍ଲୋଗାନ ନୁହେଁ, ବରଂ ଏକ ସମାନତାବାଦୀ ଭାରତ ଗଠନ ପାଇଁ ଏକ ନିଷ୍ପତ୍ତି, ଯେଉଁଠାରେ ପଞ୍ଚାୟତରୁ ସଂସଦ ପର୍ଯ୍ୟନ୍ତ ମହିଳାମାନଙ୍କର ଯାତ୍ରାକୁ ସହଜ କରିବ । ପ୍ରକାଶ, ବର୍ତ୍ତମାନ ଭାରତର ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥାରେ ୧୪ ଲକ୍ଷରୁ ଅଧିକ ମହିଳା କାର୍ଯ୍ୟ କରୁଛନ୍ତି ।

ବିଜ୍ଞାନ ଭବନରେ ନାରୀ ଶକ୍ତି ବନ୍ଦନ ଅଧିନିୟମ, ୨୦୨୩ କୁ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବିତ ସଂଶୋଧନକୁ ସମର୍ଥନ କରି ଏହି ଜାତୀୟ ସ୍ତରୀୟ 'ନାରୀ ଶକ୍ତି ବନ୍ଦନ ସମ୍ମିଳନୀ' ଆୟୋଜନ କରାଯାଉଛି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ କେନ୍ଦ୍ର ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ମଧ୍ୟ ଏହି ଅବସରରେ ଉପସ୍ଥିତ ରହି ନିଜ ଭାଷଣ ରଖିଛନ୍ତି ।

## ମିଳିଲା ରାଜ୍ୟପାଳଙ୍କ ସ୍ୱୀକୃତି

# ଲାଗୁ ହେଲା ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ ଅଧିନିୟମ,୨୦୨୬

**ଭୁବନେଶ୍ୱର,୧୩।୪/ଏନ୍ଏନ୍ଏସ୍:** ଓଡ଼ିଶାରେ ଲାଗୁହେଲା ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱ ବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ଅଧିନିୟମ,୨୦୨୬। ରାଜ୍ୟପାଳ ଡ଼. ହରିବାବୁ କମ୍ଭମ୍ପାଟି ବିଧାନସଭାରେ ପାରିତ ହୋଇଥିବା ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱ ବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ବିଧେୟକ,୨୦୨୬କୁ ସ୍ୱୀକୃତି ପ୍ରଦାନ କରିବା ପରେ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱ ବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ଅଧିନିୟମ, ୨୦୨୬କୁ ଓଡ଼ିଶାରେ ଲାଗୁ କରାଯାଇଛି । ଗତ ମାର୍ଚ୍ଚ ୩୧ ତାରିଖରେ ବିଧାନସଭାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଲୋଚନା ହେବା ପରେ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱ ବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ବିଧେୟକ,୨୦୨୬କୁ ବିଧାନସଭାରେ ପାରିତ କରାଯାଇଥିଲା । ଏହି ବିଧେୟକ ରାଜ୍ୟପାଳଙ୍କ ସ୍ୱୀକୃତି ଲାଭ କରିବା ପରେ ସାରା ରାଜ୍ୟରେ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ଅଧିନିୟମ, ୨୦୨୬ ଲାଗୁ ହୋଇଛି । ଏହି ଅଧିନିୟମ ଲାଗୁ ହେବା ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟିଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏଥିସହ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ଅଧିନିୟମ, ୨୦୨୬ ଓଡ଼ିଶାରେ ଉଚ୍ଚଶିକ୍ଷାର ବିକାଶ ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ ବୋଲି ସେ ମତପ୍ରକାଶ କରିଛନ୍ତି । ଉଚ୍ଚଶିକ୍ଷା ମନ୍ତ୍ରୀକହିଛନ୍ତି ଯେ, 'ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ଅଧିନିୟମ, ୨୦୨୬ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଏବଂ ଏସଇବିସି ବର୍ଗଙ୍କ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବ । ରାଜ୍ୟରେ ସରକାରୀ ବିଶ୍ୱ ବିଦ୍ୟାଳୟରେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତିରେ ସଂରକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ପ୍ରତ୍ୟେକ ବିଶ୍ୱ ବିଦ୍ୟାଳୟକୁ ଏକକ ଭାବେ ବିଚାର କରାଯିବ । ବିଭାଗ ଭିତ୍ତିକ ସଂରକ୍ଷଣ ପ୍ରଣାଳୀକୁ ଉଚ୍ଛେଦ କରାଯାଇଛି । ଏହାଫଳରେ ଶିକ୍ଷକମାନଙ୍କର ପ୍ରତ୍ୟକ୍ଷ ନିଯୁକ୍ତି ସମୟରେ ପ୍ରଫେସର, ଆସୋସିଏଟ୍

**ଓଡ଼ିଶାରେ ଉଚ୍ଚଶିକ୍ଷାର ବିକାଶ ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ: ମନ୍ତ୍ରୀ**

ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ଆଦି ପଦବୀରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଏବଂ ଏସଇବିସି ବର୍ଗଙ୍କ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରାଯାଇପାରିବ । ସେ ଆହୁରି ମଧ୍ୟ କହିଛନ୍ତି ଯେ, 'ରାଜ୍ୟର ସରକାରୀ ବିଶ୍ୱ ବିଦ୍ୟାଳୟରେ ବହୁଦିନ ଧରି ଖାଲି ରହିଥିବା କୁଳପତି ପଦବୀକୁ ମଧ୍ୟ ପୂରଣ କରାଯାଇଛି । ଏକାସହ ୧୪ଟି ବିଶ୍ୱ ବିଦ୍ୟାଳୟରେ କୁଳପତିଙ୍କୁ ନିଯୁକ୍ତ କରାଯାଇଛି । ଶିକ୍ଷାବିତ୍‌ମାନେ ଆମ ଶୈକ୍ଷିକ ସମାଜର ନେତୃତ୍ୱ ନେଇଛନ୍ତି ଏବଂ ୧୪ଟି ବିଶ୍ୱ ବିଦ୍ୟାଳୟରେ କୁଳପତି ଭାବେ ଆମ ଓଡ଼ିଶାର ଶିକ୍ଷାବିତ୍‌ମାନେ ନିଯୁକ୍ତି ପାଇଛନ୍ତି । ଓଡ଼ିଆ ମାନେ ହିଁ ଓଡ଼ିଶାର ଶୈକ୍ଷିକ ସମାଜର ବିକାଶ ପାଇଁ ଦାୟିତ୍ୱ ନିର୍ବାହ କରୁଛନ୍ତି । ନବ ନିଯୁକ୍ତ କୁଳପତିମାନଙ୍କ ନେତୃତ୍ୱରେ ବିଶ୍ୱ ବିଦ୍ୟାଳୟମାନଙ୍କରେ ଗୁଣାତ୍ମକ, ପ୍ରୟୋଗାତ୍ମକ ଓ ଗବେଷଣାତ୍ମକ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ । ଏଥିସହ ଓଡ଼ିଶା ବିଶ୍ୱ ବିଦ୍ୟାଳୟ (ସଂଶୋଧନ) ଅଧିନିୟମ, ୨୦୨୪ ଏବଂ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ଅଧିନିୟମ, ୨୦୨୬ ଲାଗୁ ହେବା ପରେ ରାଜ୍ୟର ସରକାରୀ ବିଶ୍ୱ ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀକୁ ପୂରଣ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି ।

# ଗୁଳିକାଣ୍ଡ ଘଟଣାରେ ୫ ଅଭିଯୁକ୍ତ ଗିରଫ



**ଯାଜପୁର,୧୩।୪/ଏନ୍ଏନ୍ଏସ୍:** ଯାଜପୁର ଟାଉନ ଥାନା ଅଧିନ କାଳିମେଘା ଅଞ୍ଚଳରେ ଘଟିଥିବା ଚର୍ଚ୍ଚିତ ଗୁଳିକାଣ୍ଡ ଘଟଣାର ରହସ୍ୟ ପୁଲିସ ଖୋଲିଛି । ଏହି ମାମଲାରେ ପ୍ରଥମେ ଅଜଣା ଦୁର୍ବୃତ୍ତଙ୍କ ବିରୋଧରେ କେସ ରଜିଷ୍ଟର ହୋଇଥିଲେ ମଧ୍ୟ ପରବର୍ତ୍ତୀ ତଦନ୍ତରେ ୫ ଜଣଙ୍କ ସଂପୃକ୍ତି ସ୍ପଷ୍ଟ ହୋଇଥିବାରୁ ସମସ୍ତଙ୍କୁ ଗିରଫ କରାଯାଇଛି । ସୂଚନା ଅନୁଯାୟୀ, ଯାଜପୁର ଥାନା କେସ ନଂ-୧୪୨ ଧାରା ୧୦୩(୧) ୨୫/୨୭ ଅନୁସାରେ ମାମଲା ରୁଜୁ ହୋଇଥିଲା । ଗତ ୬ ଏପ୍ରିଲ ରାତି ପ୍ରାୟ ୧୦.୩୦ରୁ ୧୦.୪୦ ମଧ୍ୟରେ କୁଆଁସରପୁର ଅଞ୍ଚଳର ସୌମ୍ୟ ସାଗର ସାମଲ (୨୩) ଗାରିଆପୁର ଛକରୁ ତାଙ୍କ ଭଡା ଘର କାଳିମେଘାକୁ ସ୍କୁଟିରେ ଯାଉଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଗୁଳି କରିଥିଲେ । ଗୁରୁତର ଆହତ ଅବସ୍ଥାରେ ସେମାନେ ପ୍ରଥମେ ଯାଜପୁର ଜିଲ୍ଲା ହସ୍ପିଟାଲ ଓ ପରେ କଟକର ଏସ୍‌ସିବି ମେଡିକାଲକୁ ନେଇଥିଲେ । କିନ୍ତୁ ସେହି ରାତିରେ ଚିକିତ୍ସାଧୀନ ଅବସ୍ଥାରେ ସେ ପ୍ରାଣ ହରାଇଥିଲେ । ଏହାପରେ ମଙ୍ଗଳାବାଗ ଥାନାରେ କେସ ରଜିଷ୍ଟର ହୋଇଥିଲା । ଏବଂ ପୋଷ୍ଟମର୍ଟମ ପରେ ପରବର୍ତ୍ତୀ ଦିନ ଯାଜପୁର ଥାନାରେ ଅଭିଯୋଗ ଦାଖଲ ହୋଇଥିଲା । ଯାଜପୁର ଟାଉନ ଥାନା ପୁଲିସ ତଦନ୍ତ ଆରମ୍ଭ କରି ଏକ ବିଶେଷ ଟିମ୍ ଗଠନ କରିଥିଲା । ତଦନ୍ତ ଆରମ୍ଭରେ କୌଣସି ପ୍ରମାଣ ମିଳୁନଥିବାରୁ ମାମଲା ଜଟିଳ ଥିଲା । ପରେ ଆଉ ଏକ ଟିମ୍‌ର ସହଯୋଗରେ ରକ୍ତ ନମୁନା, ଖାଲି କାର୍ତ୍ତୁଜ ଓ ଯାନବାହନ ଜବତ କରାଯାଇଥିଲା । ତଦନ୍ତରେ ପ୍ରକାଶ ପାଇଛି ଯେ, ମୃତକଙ୍କ ସ୍ତ୍ରୀ ସୁଭଶ୍ରୀ ବେହେରା ଓ ତାପସ କୁମାର ଖିଲାରଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା । ଏହି ସମ୍ପର୍କକୁ ନେଇ ପରିବାରିକ ବିବାଦ ତୀବ୍ର ହୋଇଥିଲା । ମୃତକ ଏହାକୁ ବିରୋଧ କରିଥିବାରୁ ତାଙ୍କୁ ହତ୍ୟା କରିବା ପାଇଁ ପୂର୍ବ ଯୋଜନା ତିଆରି ହୋଇଥିଲା । ଯୋଜନା ଅନୁଯାୟୀ, ପ୍ରିତି ପ୍ରଭା ପ୍ରିୟଦର୍ଶିନୀ ଚିନୁ ମାଧ୍ୟମରେ ରାଉରକେଲାରୁ ସୁରଜ ସିଂହ ଓ ଅଙ୍କିତ ଠାକୁରଙ୍କୁ ଅର୍ଥ ପ୍ରଦାନ କରି ପିସ୍ତଲ୍ ବ୍ୟବସ୍ଥା କରାଯାଇଥିଲା । ପରେ ତାପସ ଖିଲାର ସେହି ଅସ୍ତ୍ର ନେଇ ଯାଜପୁରକୁ ଆସି ଘଟଣାକୁ ଅଞ୍ଜାମ ଦେଇଥିଲେ । ଘଟଣାପରେ ଅସ୍ତ୍ରକୁ ଯାଜପୁର ଯଯାତି କେଶରୀ ମେଡିକାଲ କଲେଜ୍ ପଛପଟ ବୈତରଣୀ ନଦୀ ପଠାରେ ଲୁଚାଇ ରଖାଯାଇଥିଲା । ଯାହାକୁ ପୁଲିସ ପରେ ଉଦ୍ଧାର କରିଛି । ଏହି ମାମଲାରେ ତାପସ କୁମାର ଖିଲାର, ପ୍ରିତି ପ୍ରଭା ପ୍ରିୟଦର୍ଶିନୀ, ସୁଭଶ୍ରୀ ବେହେରା, ସୁରଜ ସିଂହ ଓ ଅଙ୍କିତ ଠାକୁରଙ୍କୁ ଗିରଫ କରାଯାଇଛି । ତାଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଜୀବନ୍ତ ଗୁଳି, ସାତଟି ମୋବାଇଲ, ଗୋଟିଏ ବାଇକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି ।

# ମୋବାଇଲ୍ ଦୋକାନରୁ ଚୋରି ଅଭିଯୋଗ

**ନାଉଗାଁ,୧୩।୪/ଏନ୍ଏନ୍ଏସ୍:** ମୋବାଇଲ୍ ଦୋକାନର ସଟରତାଡି ଲକ୍ଷାଧିକ ଟଙ୍କାର ମୋବାଇଲ୍ ଲୁଟ ହୋଇଥିବା ଅଭିଯୋଗ ହୋଇଛି । ଏ ନେଇ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି । ଏପରି ଘଟଣା ଆଜି ଦେଖିବାକୁ ମିଳିଛି ନାଉଗାଁ ଥାନା ଅଞ୍ଚଳର ମୁଣ୍ଡାଳ ବଜାର ନିକଟରେ । ଏହି ବଜାରରେ ଥିବା ମଧୁପୁର ଗ୍ରାମର ଆଶିଷ କୁମାର ପରିଡାଙ୍କ ଜୟ ମହାବୀର କମୁନିକେସନ୍ ମୋବାଇଲ୍ ଦୋକାନରୁ ଗତକାଲି ବିଳମ୍ବିତ ରାତ୍ର ସମୟରେ କିଛି ଦୁର୍ବୃତ୍ତ ମିଳିତ ହୋଇ ସଟର ତାଡିବା ସହିବ ସିସିଟିଭିକୁ ଅଚଳ କରି ଦୋକାନ ଭିତରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଲୁଟ୍ କରି ନେଇଥିଲେ । ଏହାର ସୂଚନା ପାଇବା ପରେ ଦୋକାନ ମାଲିକ ଆଶିଷ କୁମାର ପରିଡା ଏକ ଲିଖିତ ଅଭିଯୋଗ ନାଉଗାଁ ଥାନାରେ କରିଥିଲେ । ନାଉଗାଁ ପୁଲିସ ଅଭିଯୁକ୍ତମାନଙ୍କୁ ଧରିବା ତଦନ୍ତ ଆରମ୍ଭ କରିଦେଇଛି ।

# ଶ୍ରୀ ଜଗନ୍ନାଥ ନୋଡାଲ୍ ସ୍କୁଲ୍ ସ୍ଥାନାନ୍ତରକୁ ନେଇ ଦାବିପତ୍ର




**ତାଳଚେର,୧୩।୪/ଏନ୍ଏନ୍ଏସ୍:** ତାଳଚେର ବ୍ଲକ ଅନ୍ତର୍ଗତ ଏମସିଏଲ ଭୁବନେଶ୍ୱରୀ କୋଇଲା ଖଣି ଦ୍ୱାରା ସମ୍ପୂର୍ଣ୍ଣ ଅଧିଗୃହୀତ କଣ୍ଡାଳ, ଅନାଦିପୁର, ତ୍ରିଲୋଚନପୁର, ଯଦୁନାଥପୁର ଗ୍ରାମର ପୁନର୍ବାସ ଓ ଥଇଥାନ କରିବା ପୂର୍ବରୁ ଗ୍ରାମର ଛାତ୍ରଛାତ୍ରୀମାନେ ଅଧ୍ୟୟନ କରୁଥିବା ଗ୍ରାମବାସୀଙ୍କ ଦ୍ୱାରା ସ୍ଥାପିତ ଶ୍ରୀ ଜଗନ୍ନାଥ ନୋଡ଼ାଲ ଉଚ୍ଚବିଦ୍ୟାଳୟକୁ ଏମସିଏଲ କର୍ତ୍ତୃପକ୍ଷଙ୍କ ଉଚ୍ଛେଦ ଓ ସ୍ଥାନାନ୍ତରଣକୁ ବିରୋଧକରି ଆଜି ତାଳଚେର ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରଯାଇଛି । ସୂଚନାମୁତାବକ, କଣ୍ଡାଳ, ଅନାଦିପୁର, ଯଦୁନାଥପୁର ଓ ତ୍ରିଲୋଚନପୁର ଗ୍ରାମ ଗୁଡ଼ିକ ଏମସିଏଲ ଭୁବନେଶ୍ୱରୀ କୋଲିୟରୀ ଜମିବାଡ଼ ଓ ଘରଦ୍ୱାରା ସମ୍ପୂର୍ଣ୍ଣ ଅଧିଗ୍ରହଣ କରୁଥିବା କାର୍ଯ୍ୟ ବର୍ତ୍ତମାନ କଚ୍ଛପ ଗତିରେ ଚଲାଇଛନ୍ତି । ଅଧିଗ୍ରହଣ ପ୍ରକିୟା ଅସମ୍ପୂର୍ଣ୍ଣ ଥିବା ବେଳେ ଗ୍ରାମବାସୀଙ୍କ ପକ୍ଷରୁ ବହୁ ପୁରାତନ ଏହି ବିଦ୍ୟାଳୟଟିକୁ ସ୍ଥାନାନ୍ତରିତ କରାଯାଉଥିବାରୁ ଛାତ୍ରଛାତ୍ରମାନେ ପାଠପଢ଼ାରେ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଗ୍ରାମାବସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ତେଣୁ ତୁରନ୍ତ ଉକ୍ତ ଗ୍ରାମଗୁଡ଼ିକୁ ଏମସିଏଲ ଅଧିଗ୍ରହଣ କରି ସେମାନଙ୍କୁ ଥଇଥାନ, ନିଯୁକ୍ତି ପ୍ରକ୍ରିୟା ସମାପ୍ତ କରି ଉକ୍ତ ବିଦ୍ୟାଳୟଟିକୁ ସ୍ଥାନାନ୍ତରିତ କରାଯାଉ ବୋଲି ଦାବି କରିବା ସହ ଆଜି ଏସମ୍ପର୍କରେ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ଗ୍ରାମର ଶିବନାଥ ନନ୍ଦ, ପ୍ରସନ୍ନ ମିଶ୍ର, ଅଶ୍ୱିନ ମହାପାତ୍ର, ମମତା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ବୟନିକାରୁ ୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଶାଢ଼ୀ ଚୋରି



**ଅନୁଗୋଳ,୧୩।୪/ଏନ୍ଏନ୍ଏସ୍:** ଅନୁଗୋଳ ସହରରେ ଥିବା ବୟନିକା ଦୋକାନରୁ ୭ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ସମ୍ବଲପୁରୀ ଶାଢ଼ୀ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଗ୍ରାହକ ବେଶରେ ଅସି ପାଖାପାଖି ୭ ଜଣ ମହିଳା ଜଣେ ପୁରୁଷ ଚୋରି କରିଥିବା ସିସିଟିଭି ଫୁଟେଜ୍‌ରେ ଚିତ୍ର କୈଦ୍ ହୋଇଥିବା ଜଣାପଡ଼ିଛି । ପ୍ରକାଶ, ଶନିବାର ଦିନବେଳା ଏକ ଦାମୀ ଗାଡ଼ିରେ ଏହି ୭ ଜଣ ମହିଳା ଆସି ବୟନିକା ଦୋକାନ ଭିତରକୁ ପ୍ରବେଶ କରିଥିଲେ । ଦୋକାନରେ ଜଣେ ଥିବା ଦେଖି ଚକମା ଦେଇ ଗୋଟିଏ ପରେ ଗୋଟିଏ ଦାମୀ ଶାଢ଼ୀ ଜଙ୍ଘ ଭିତରେ ଭର୍ତ୍ତି କରି ନେଇଯାଇଛନ୍ତି । ଯାହାକି ଶାଢ଼ୀ ଗୋଟିକର ମୁଲ୍ୟ ହାରାହାରି ୪୦ରୁ ୫୦ ହଜାର ଟଙ୍କା ବୋଲି ଜଣାପଡିଛି । ତେବେ ସିସିଟିଭି ଫୁଟେଜ୍ ଆଧାରରେ ପୁଲିସ ଛାନ୍‌ଭିନ୍ ଚଳାଇଥିବା ଜଣାପଡ଼ିଛି ।

# ହର୍ମୁଜ୍‌ରେ ଆରମ୍ଭ କଲା ...

କରାଯିବ । ବିଶେଷ କରି ସେହି ଜାହାଜଗୁଡ଼ିକ ଉପରେ ନଜର ରଖାଯିବ, ଯେଉଁମାନେ ଇରାନକୁ ଟୋଲ୍ ଦେଇ ବାହାରିବାକୁ ଚେଷ୍ଟା କରିବେ । ଇରାନର ଆର୍ଥିକ ଶକ୍ତିକୁ ଦୁର୍ବଳ କରିବା ପାଇଁ ଟ୍ରମ୍ପ ଏହି 'ବେଆଇନ ଟୋଲ୍' ଆଦାୟକୁ ରୋକିବାକୁ ଚାହୁଁଥିବା କହିଛନ୍ତି । ଟ୍ରମ୍ପ୍ କହିଛନ୍ତି, ଏହି ଅବରୋଧ କେବଳ ଇରାନ ବନ୍ଦର ଦେଇ ପରିବହନ କରୁଥିବା ଜାହାଜଗୁଡ଼ିକ ପାଇଁ ପ୍ରଯୁଜ୍ୟ ହେବ, ଯେତେବେଳେ ଇରାନ ବ୍ୟତୀତ ଅନ୍ୟ ଦେଶର ବନ୍ଦର ଦେଇ ପରିବହନ କରୁଥିବା ଜାହାଜଗୁଡ଼ିକ ଏହି କଟକଣାରୁ ମୁକ୍ତ ରହିବେ । ଏହି ଅବସରରେ ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନର ନୌସେନା ବହୁତ ବଡ଼ ଧରଣର କ୍ଷତି ସହିଛି ଏବଂ ସେମାନଙ୍କର ଅନେକ ଜାହାଜ ପୂର୍ବରୁ ହିଁ ଧ୍ୱଂସ ହୋଇସାରିଛି । ତାଙ୍କ କହିବା ଅନୁଯାୟୀ, ଇରାନର ୧୫୮ଟି ଜାହାଜ ନଷ୍ଟ ହୋଇସାରିଛି ଏବଂ ସେଗୁଡ଼ିକ ଏବେ ସମୁଦ୍ର ତଳେ ପଡ଼ି ରହିଛି । ତେବେ ଟ୍ରମ୍ପ୍‌ଙ୍କ ଏହି ନାକାବନ୍ଦୀ ନିଷ୍ପତ୍ତିକୁ ଇସ୍ରାଏଲ୍ ସମର୍ଥନ କରିଥିବା ବେଳେ ରୁଷ୍ ପକ୍ଷରୁ ଏହାକୁ ବିରୋଧ କରାଯାଇଛି । ଏପ୍ରକାର ନିଷ୍ପତ୍ତି ଦ୍ୱାରା ବିଶ୍ୱ ବାଣିଜ୍ୟ ବଜାର ଉପରେ ଖରାପ ପ୍ରଭାବ ପଡ଼ିବ । ଆମେରିକା ନୌସେନାର ନାକାବନ୍ଦୀ ଆରମ୍ଭ ହେବା ପରେ ପରେ ହର୍ମୁଜ୍ ପ୍ରଣାଳୀରେ ସାମୁଦ୍ରିକ ଜାହାଜଗୁଡ଼ିକର ଯାତାୟାତ ପ୍ରାୟତଃ ବନ୍ଦ ହୋଇଯାଇଛି । ଜାହାଜ ଚଳାଚଳ ଉପରେ ନଜର ରଖୁଥିବା ୱେବସାଇଟ୍ 'ମେରିନ୍ ଟ୍ରାଫିକ୍' ଏହି ଅଞ୍ଚଳର ଏକ ଭିଡିଓ ଜାରି କରିଛି, ଯେଉଁଥିରେ ସମ୍ପୂର୍ଣ୍ଣ ସମୁଦ୍ର ପଥ ଖାଲି ଥିବା ଦେଖିବାକୁ ମିଳୁଛି । ଆମେରିକା ପକ୍ଷରୁ ଜାରି କରାଯାଇଥିବା ନାକାବନ୍ଦୀ ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଏଥିରେ ସ୍ପଷ୍ଟ କରାଯାଇଛି । ଅନ୍ୟପକ୍ଷେ ଆମେରିକାର ଧମକ ତଥା ଏପ୍ରକାର ନାକାବନ୍ଦୀ ନିଷ୍ପତ୍ତି ମଧ୍ୟରେ ଇରାନ ମଧ୍ୟ ଆମେରିକାକୁ ପାଲଟା ଚେତାବନୀ ଦେଇଛି । ଇରାନ ସ୍ପଷ୍ଟ କରିଛି ଯେ ଯଦି ତା'ର ବନ୍ଦର କିମ୍ବା ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଉପରେ କୌଣସି ପ୍ରକାରର ସାମରିକ ଆକ୍ରମଣ କରାଯାଏ, ତେବେ ଏହାର ପରିଣାମ ଭୟାବହ ହେବ । ପାରସ୍ୟ ଉପସାଗର ଏବଂ ଓମାନ ସାଗର ଅଞ୍ଚଳରେ ଥିବା ଅନ୍ୟ କୌଣସି ବନ୍ଦର ମଧ୍ୟ ସୁରକ୍ଷିତ ରହିବ ନାହିଁ । ଇରାନ୍ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍ କହିଛନ୍ତି, ଆମେରିକା ଇରାନ୍ ଉପରେ ଚାପ ପକାଇବା ବନ୍ଦ କଲେ ହିଁ ହୁଏତ ସମସ୍ୟା ସମାଧାନ ବାହାରିବା ସମ୍ଭବ ହୋଇପାରେ । ଟ୍ରମ୍ପ୍ ଯଦି ବାସ୍ତବରେ ଶାନ୍ତି ଚାହାନ୍ତି ତେବେ ସର୍ବପ୍ରଥମେ ନିଜ ଜିଦ୍ ଏବଂ ଅହଂକାର ଛାଡିବାକୁ ହେବ ଏବଂ ଇରାନ୍ ଜନସାଧାରଣଙ୍କ ଅଧିକାରକୁ ସମ୍ମାନ ଦେବାକୁ ହେବ । ଏହାଦ୍ୱାରା ନିଶ୍ଚିତ ଭାବେ ଏକ ବୁଝାମଣାରେ ପହଞ୍ଚିବା ପାଇଁ ବାଟ ବାହାରିପାରିବ । ଇରାନ୍‌ର ଏହି ବୟାନରୁ ସ୍ପଷ୍ଟ ଜଣାପଡୁଛି ଯେ ଇରାନ ନିଜ ଉପରେ ହେବାକୁ ଥିବା ଆକ୍ରମଣର ଜବାବରେ ସମ୍ପୂର୍ଣ୍ଣ ଅଞ୍ଚଳର ସାମୁଦ୍ରିକ ବାଣିଜ୍ୟ ଏବଂ ବନ୍ଦରଗୁଡ଼ିକୁ ଟାର୍ଗେଟ୍ କରିପାରେ । ହର୍ମୁଜ୍ ପ୍ରଣାଳୀରେ ଆମେରିକାର ନାକାବନ୍ଦୀ ଏବଂ ବଢୁଥିବା ଉତ୍ତେଜନା ମଧ୍ୟରେ ଇରାନର ଏହି ବୟାନ ବିଶ୍ୱର ଶକ୍ତି ଯୋଗାଣ, ବିଶ୍ୱ ବାଣିଜ୍ୟ ଏବଂ ସାମୁଦ୍ରିକ ସୁରକ୍ଷା ପାଇଁ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି ।

**ପୁନଃ ଅସ୍ତ୍ରବିରତି ଆଲୋଚନା କରାଇବାକୁ ପାକିସ୍ତାନର ଉଦ୍ୟମ**

ପାକିସ୍ତାନ ଆଶା ପ୍ରକଟ କରିଛି ଯେ ଆମେରିକା ଏବଂ ଇରାନ ମଧ୍ୟରେ ଅସ୍ତ୍ରବିରତି ଆଲୋଚନା ପୁଣିଥରେ ଆରମ୍ଭ ହୋଇପାରେ । ପାକିସ୍ତାନ ଅନୁଯାୟୀ, ଆଗାମୀ ବୈଠକରେ କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ସକାରାତ୍ମକ ନିଷ୍ପତ୍ତି ବାହାରିବାର ସମ୍ଭାବନା ରହିଛି । ତେବେ ଇରାନ୍ ଏବଂ ଆମେରିକାର ପ୍ରତିନିଧି ପୁଣିଥରେ ଦ୍ୱିପାକ୍ଷିକ ଆଲୋଚନାରେ ଆମ୍ନାସାମ୍ନା ହେବା ସମ୍ଭାବନା ଯଥେଷ୍ଟ କ୍ଷୀଣ ବୋଲି ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି ।

**ଭାରତୀୟ ଜାହାଜକୁ ଇରାନ୍ ସମ୍ପୂର୍ଣ୍ଣ ସହଯୋଗ କରିବ**

**୨ୟ ପର୍ଯ୍ୟାୟ ମେଡିକାଲ ସହାୟତା ପଠାଇଲା ଭାରତ**

ଆମେରିକା ଏବେ ଯେତେବେଳେ ହର୍ମୁଜ୍‌ରେ ନାକାବନ୍ଦୀ ଆରମ୍ଭ କରିଛି ସେତେବେଳେ ଇରାନ୍ ମଧ୍ୟ ଏକ ବଡ଼ ସ୍ପଷ୍ଟୀକରଣ ରଖିବା ସହ ଭାରତ ଉଦ୍ଦେଶ୍ୟରେ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ମଧ୍ୟ ଦେଇଛି । ଭାରତରେ ଥିବା ଇରାନର ରାଷ୍ଟ୍ରଦୂତ ମହମ୍ମଦ ଫତହଲି କହିଛନ୍ତି ଯେ, ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଭାରତୀୟ ଜାହାଜଗୁଡ଼ିକରୁ ଏପର୍ଯ୍ୟନ୍ତ କୌଣସି ଟୋଲ୍ ନିଆଯାଇନାହିଁ । ଭାରତୀୟ ଜାହାଜଗୁଡ଼ିକ ଯେପରି ସେହି ଅଞ୍ଚଳ ଦେଇ ସୁରକ୍ଷିତ ଭାବେ ଗତି କରିବେ, ସେଥିପାଇଁ ଇରାନ ସହାୟତା କରିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି । ତାଙ୍କ କହିବାନୁସାରେ ଏସମ୍ପର୍କରେ ଇରାନ ଏବଂ ଭାରତ ମଧ୍ୟରେ ସକାରାତ୍ମକ ଆଲୋଚନା ଜାରି ରହିଛି । ସେ ସ୍ପଷ୍ଟ ଭାବେ କହିଛନ୍ତି, ବର୍ତ୍ତମାନର ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସତ୍ତ୍ୱେ ଇରାନ ଚାହୁଁଛି ଯେ ଭାରତୀୟ ଜାହାଜଗୁଡ଼ିକ କୌଣସି ବାଧାବିଘ୍ନ ବିନା ଏହି ପଥ ଦେଇ ଯାଆନ୍ତୁ । ସେଥିପାଇଁ ଇରାନ ନୂଆଦିଲ୍ଲୀକୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ଅଛି । ଅନ୍ୟ ଏକ ରିପୋର୍ଟ ଅନୁସାରେ ଭାରତ ଇରାନକୁ ଦ୍ୱିତୀୟ ପର୍ଯ୍ୟାୟ ଚିକିତ୍ସା ସହାୟତା ପଠାଇଥିବା ସୂଚନା ମିଳିଛି । ଭାରତର ଏହି ଚିକିତ୍ସା ସହାୟତା ଇରାନର 'ରେଡ୍ କ୍ରିସେଣ୍ଟ ସୋସାଇଟି' ଅଭିମୁଖେ ବାହାରିଛି । ଭାରତର ଏହି ମାନବୀୟ ସହଯୋଗ ପାଇଁ ଇରାନର ରାଷ୍ଟ୍ରଦୂତ କୃତଜ୍ଞତା ଜଣାଇଛନ୍ତି ।

**ଇସ୍ରାଏଲର ସାମରିକ ଘାଟି ଉପରେ ହିଜବୁଲ୍ଲାର ଆକ୍ରମଣ**

ଇସ୍ରାଏଲ୍ ପକ୍ଷରୁ ଏବେ ଲେବାନନ ଉପରେ ମିସାଇଲ୍ ତଥା ଆକାଶ ମାର୍ଗରୁ ଆକ୍ରମଣକୁ ହ୍ରାସ କରାଯାଇଛି । କିନ୍ତୁ ଦକ୍ଷିଣ ଲେବାନନ୍ ପ୍ରାନ୍ତରେ ଇସ୍ରାଏଲର ପଦାତିକ ସୈନ୍ୟବାହିନୀ ଗ୍ରାଉଣ୍ଡ ଅପରେସନ୍ ଆରମ୍ଭ କରିଥିବା ଜଣାପଡିଛି । ଏହାରି ମଧ୍ୟରେ ଲେବାନନ୍ ସ୍ଥିତ ସଶସ୍ତ୍ର ଉଗ୍ରବାଦୀ ସଂଗଠନ ହିଜବୁଲ୍ଲା ଦାବି କରିଛି ଯେ ସେ ଇସ୍ରାଏଲର ଅନେକ ସାମରିକ ଘାଟି ଏବଂ ବସତି ଉପରେ ଏକାସାଙ୍ଗରେ ଆକ୍ରମଣ କରିଛି । ହିଜବୁଲ୍ଲା ଅନୁଯାୟୀ, ତା'ର ଲଢୁଆମାନେ ଇସ୍ରାଏଲ୍‌ର 'ମିସଗଭ ଆମ୍' ବସତିକୁ ଟାର୍ଗେଟ୍ କରିଛନ୍ତି । ଏହା ବ୍ୟତୀତ 'କଫର ଗିଲାଡି' ଅଞ୍ଚଳ ଓ ଜାରିତ୍ ଅଞ୍ଚଳରେ ଥିବା ଇସ୍ରାଏଲ୍ ସୈନ୍ୟମାନଙ୍କ ବ୍ୟାରେକ୍ (ସେନା ଶିବିର) ଉପରେ ମଧ୍ୟ ଆକ୍ରମଣ କରାଯାଇଛି । ହିଜବୁଲ୍ଲାର ଏପ୍ରକାର ଆକ୍ରମଣ ପରେ ଇସ୍ରାଏଲ୍ ମଧ୍ୟ ଏବେ ହିଜବୁଲ୍ଲା ଉଗ୍ରବାଦୀଙ୍କୁ ଟାର୍ଗେଟ୍ କରିବା ପୂର୍ବକ ଲେବାନନ୍ ଉପରେ ଆକ୍ରମଣ କରିବା ନିଶ୍ଚିତ ହୋଇଯାଇଛି । ଏହି ସ୍ଥିତି ଯୋଗୁଁ ଅଞ୍ଚଳରେ ସାମରିକ ଉତ୍ତେଜନା ଆହୁରି ବୃଦ୍ଧି ପାଇଛି ।

# ବିପୁଳ ପରିମାଣର ଶାଗୁଆନ୍ କାଠ ଜବତ



**ଅନୁଗୋଳ,୧୩।୪/ଏନ୍ଏନ୍ଏସ୍:** ଅନୁଗୁଳ ବନଖଣ୍ଡ ଅନ୍ତର୍ଗତ ଜରପଡ଼ା ରେଞ୍ଜରେ ବେଆଇନ କାଠ ଚୋରା ଚାଲାଣ ବିରୋଧରେ ଏକ ବଡ଼ ସଫଳତା ମିଳିଛି । ଆଜି ସକାଳ ପ୍ରାୟ ୯:୨୩ ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜରପଡ଼ା ରେଞ୍ଜ ଅଫିସରଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଜରପଡ଼ା ବିଟ୍ ଅଧୀନରେ ଥିବା ମୁଣ୍ଡିଆସାହିରେ ଅତର୍କିତ ଚଢ଼ାଉ କରିଥିଲେ । ଏହି ଅପରେସନରେ ବହୁ ପରିମାଣର ବେଆଇନ ଶାଗୁଆନ କାଠ ଜବତ କରାଯାଇଛି । ସୂଚନା ଅନୁଯାୟୀ, ବନବିଭାଗ ପକ୍ଷରୁ ଘଟଣାସ୍ଥଳରୁ ୩ଟି ଶାଗୁଆନ୍ ଗଣ୍ଡି ଏବଂ ୫୨ଟି ଶାଗୁଆନ ପଟା ଜବତ କରାଯାଇଛି । ଯାହାର ମୋଟ ପରିମାଣ ୦.୪୮୬୭ ଘନ ମିଟର ବା ୧୭.୧୯ ଘନ ଫୁଟ ବୋଲି ଆକଳନ କରାଯାଇଛି । ଜଙ୍ଗଲ ଆଇନ ଓ ବିଭାଗୀୟ ନିୟମ ଅନୁସାରେ ଏହି ସମସ୍ତ ସାମଗ୍ରୀକୁ ଜବତ କରାଯିବା ସହ ବନ ବିଭାଗ ନିଜ ହେପାଜତକୁ ନେଇଛି । ଏଥିରେ ସମ୍ପୃକ୍ତି ଥିବା ବ୍ୟକ୍ତିମାନଙ୍କୁ ଧରିବା ପାଇଁ ଅଧିକ ତଦନ୍ତ ଜାରି ରହିଛି । ଏହି ସଫଳ ଚଢ଼ାଉରେ ରେଞ୍ଜ ଅଫିସର ମାଧବ ଚନ୍ଦ୍ର ନାୟକଙ୍କ ସମେତ ଫରେଷ୍ଟର ରୀତାରାଣୀ ସେଠୀ, ଜ୍ୟୋତ୍ସ୍ନାରାଣୀ ନାୟକ ପ୍ରମୁଖ ସାମିଲ ଥିଲେ ।

## ଆଜିର ଇତିହାସ

- ୧୫୬୩-ଶିଖମାନଙ୍କର ପଞ୍ଚମ ଗୁରୁ ଅର୍ଜନ ଦେବ ଜନ୍ମଗ୍ରହଣ କରିଥିଲେ।
- ୧୬୫୯-ଦିଲ୍ଲୀରେ ହୋଇଥିବା ସଂଘର୍ଷରେ ଔରଙ୍ଗଜେବ, ଦାରାଙ୍କୁ ହରାଇଥିଲେ।
- ୧୯୪୪-ମୁମ୍ବାଇ ବନ୍ଦରରେ ହତିଆର ବିସ୍ଫୋରଣ ହୋଇ ୧୨୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା।
- ୧୯୯୫- ଆମ ଦେଶ ଚତୁର୍ଥ ଥର ପାଇଁ ଏସିଆ କପ୍ କ୍ରିକେଟ୍ ଚାମ୍ପିଅନ୍ ହୋଇଥିଲା।
- ୨୦୦୫-ଭାରତ ଓ ଆମେରିକା ନିଜ ନିଜର ଉଡ଼ାଣ କ୍ଷେତ୍ରରେ ଏୟାରଲାଇନ୍ସ ଖୋଲିବା ପାଇଁ ବୁଝାମଣା କରିଥିଲେ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** – ଦିନଟି ବଡ଼ ଦାୟିତ୍ୱ ନେଇ ଆସିବ। ପୁରୁଣା ସମସ୍ୟାର ସମାଧାନ ହେବ। ନୂଆ ଘର ଆରମ୍ଭ କରିବା ପାଇଁ କରଜ ନେବାକୁ ପଡ଼ିପାରେ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ହୋଇପାରେ।

**ବୃଷ** – ଚାକିରି କ୍ଷେତ୍ରରେ ଉତ୍ଥାନ-ପତନ ଦେଖାଦେବ। ବସ୍‌ଙ୍କ କଥାକୁ ଅଣଦେଖା କରନ୍ତୁ ନାହିଁ। ସନ୍ତାନ ପକ୍ଷରୁ ଖୁସି ଖବର ମିଳିବ। ନିବେଶ ଉପରେ କାମ କରନ୍ତୁ। ଅନ୍ୟ ଉପରେ ନିର୍ଭର ରହିଲେ କ୍ଷତି ହେବ।

**ମିଥୁନ** – କଳା ଓ ରଚନାତ୍ମକ କୌଶଳରେ ନିଖାର ଆସିବ। ସରକାରୀ ଟେଣ୍ଡରର ସମ୍ଭାବନା ରହିଛି। ବସ୍ କାର୍ଯ୍ୟଶୈଳୀରେ ପ୍ରସନ୍ନ ରହିବେ। ସମ୍ପତ୍ତି ଆବେଦନକୁ ମଞ୍ଜୁରୀ ମିଳିପାରେ।

**କର୍କଟ** – ଦିନଟି ମିଶ୍ରିତ ଫଳ ଦେବ। କାମ ପ୍ରତି ଅବହେଳା କ୍ଷତି ଦେବ। ଆତ୍ମବିଶ୍ୱାସ ମଜଭୁତ ରହିବ। ଶ୍ୱଶୁର ଘର ତରଫରୁ ଧନ ଲାଭର ସଂକେତ ରହିଛି। ଶାରୀରିକ ସୁସ୍ଥିର ଅନୁଭବ କରିବେ।

**ସିଂହ** – ଦିନଟି ଠିକ୍‌ଠାକ୍ ବିତିବ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସା ମିଳିପାରେ। ସରକାରୀ ଯୋଜନାରୁ ଲାଭ ପାଇବେ। ସନ୍ତାନର ଭବିଷ୍ୟତ ପାଇଁ ଯୋଜନା କରିପାରନ୍ତି। ଜୀବନସାଥି ସହିତ ତର୍କ ହୋଇପାରେ।

**କନ୍ୟା** – ସ୍ୱାସ୍ଥ୍ୟ ପ୍ରତି ଅବହେଳା ଭାରି ପଡ଼ିବ। ସନ୍ତାନ ଆଶାନୁସାରେ ଫଳ ଦେବ। ରାଜନୀତି ସହିତ ଜଡ଼ିତ ଲୋକଙ୍କ ଠାରୁ ଦୂରରେ ରହିବେ ଭଲ। ବ୍ୟବସାୟର ବିସ୍ତାର ଯୋଜନା ସଫଳ ହେବ।

**ତୁଳା** – ନୂଆ ଲୋକଙ୍କ ସହିତ ସାକ୍ଷାତ ଲାଭକାରୀ ରହିବ। ପ୍ରପର୍ଟି କିଣିବା ପାଇଁ ମନ ବଳେଇବେ। ବୈବାହିକ ଜୀବନରେ କିଛି ଚାପ ରହିବ। ପେଟ ସମ୍ବନ୍ଧୀୟ ପୁରୁଣା ସମସ୍ୟା ବୃଦ୍ଧି ପାଇପାରେ।

**ବିଛା** – ଦିନଟି ଆହ୍ୱାନରେ ଭରି ରହିବ। ମାନସିକ ଚାପରୁ ବଞ୍ଚିବେ। ଅଟକିଥିବା କାମ ପୂରା ହେବ। କ୍ୟାରିୟର୍‌ରେ ଖୁବ୍ ସଫଳତା ପାଇବେ। ପୁରୁଣା କରଜ ମିଳିବ। ବିବାଦର ସମାଧାନ ହେବ।

**ଧନୁ** – ସାଂସାରିକ ସୁଖ-ଭୋଗର ସାଧନରେ ବୃଦ୍ଧି ହେବ। ମାଙ୍ଗଳିକ କାର୍ଯ୍ୟକ୍ରମର ରୂପରେଖ ରହିବ। କାନୁନୀ ମାମଲାରେ ଅବହେଳା ନକଲେ ଭଲ। ଛୋଟ ପିଲାଙ୍କ ସହିତ ସମୟ ବିତେଇବେ।

**ମକର** – ଚିନ୍ତା କରି କାମ କରନ୍ତୁ। ନିବେଶର ଖୁବ୍ ଭଲ ଅବସର ରହିଛି। ବିଦ୍ୟାର୍ଥୀ ମାନସିକ ବୋଝରୁ ମୁକ୍ତ ହେବେ। ସନ୍ତାନ ଚାକିରିରେ ପରିବର୍ତ୍ତନ କରିପାରେ। ପୁରୁଣା ମିତ୍ର ନିବେଶର ଯୋଜନା କରିପାରନ୍ତି।

**କୁମ୍ଭ** – ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ନୂଆ ସମ୍ପର୍କରୁ ଲାଭ ମିଳିବ। ଆୟ ବୃଦ୍ଧି ହେବ। ଚାକିରିର ସନ୍ଧାନ ନେଉଥିବା ଲୋକମାନଙ୍କୁ ସଫଳତା ମିଳିବ। ପରିବାରରେ ମତଭେଦ ବଢ଼ିବ।

**ମୀନ** – ସକାରାତ୍ମକ ପରିଣାମ ମିଳିବ। ଆତ୍ମବିଶ୍ୱାସ ଓ ଉତ୍ସାହର ସହିତ ବିକାଶ ଉପରେ ଧ୍ୟାନ ଦେବେ। ପୁରୁଣା ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ଯାତ୍ରା ଯୋଜନା କରିପାରନ୍ତି। ଆର୍ଥିକ ଲାଭର ଯୋଗ ଅଛି।

## ଶ୍ରୀମଦ୍ ଭଗବଦ୍‌ଗୀତା



ଯଃ ଶାସ୍ତ୍ରବିଧିମୁତ୍ସୃଜ୍ୟ ବର୍ତ୍ତତେ କାମକାରତଃ।
ନ ସ ସିଦ୍ଧିମବାପ୍ନୋତି ନ ସୁଖଂ ନ ପରାଂ ଗତିମ୍। (୧୬/୨୩)
ତସ୍ମାତ୍‌ଶାସ୍ତ୍ରଂ ପ୍ରମାଣଂ ତେ କାର୍ଯ୍ୟାକାର୍ଯ୍ୟବ୍ୟବସ୍ଥିତୌ।
ଜ୍ଞାତ୍ୱା ଶାସ୍ତ୍ରବିଧାନୋକ୍ତଂ କର୍ମ କର୍ତ୍ତୁମିହାର୍ହସି। (୧୬/୨୪)

ଯେଉଁ ବ୍ୟକ୍ତି ଶାସ୍ତ୍ର ବିଧିକୁ ତ୍ୟାଗ କରି ସ୍ୱେଚ୍ଛାଚାରୀ ହେଇ କର୍ମରେ ପ୍ରବୃତ୍ତ ହୁଏ, ତାଙ୍କର ସିଦ୍ଧି ଲାଭ ହୁଏ ନାହିଁ, ଶାନ୍ତି ସୁଖ ପାଆନ୍ତି ନାହିଁ। ମୋକ୍ଷ ଲାଭ ମଧ୍ୟ ହୁଏ ନାହିଁ। ସେହି ହେତୁରୁ କାର୍ଯ୍ୟାକାର୍ଯ୍ୟ ନିରୂପଣ ବିଷୟରେ ଶାସ୍ତ୍ର ହିଁ ତୁମର ପ୍ରମାଣ। ତେଣୁ ତୁମେ ଶାସ୍ତ୍ରୀୟ ବ୍ୟବସ୍ଥା ଜାଣି ଏହି ସଂସାରରେ ଯଥାଧିକାର କର୍ମ କରିବାରେ ପ୍ରବୃତ୍ତ ହୁଅ। ଥରେ ଜଣେ ଭକ୍ତ ଶ୍ରୀ ରାମକୃଷ୍ଣଙ୍କୁ ପଚାରିଲେ - ମହାଶୟ! ଆପଣ କେଉଁ ଶାସ୍ତ୍ରକୁ ଅନୁସରଣ କରନ୍ତି ? ଶ୍ରୀ ରାମକୃଷ୍ଣ କହିଲେ - ମୁଁ କୌଣସି ଶାସ୍ତ୍ରକୁ ଅନୁସରଣ କରେନି। ମୋ ଅନ୍ତରରେ ଅବସ୍ଥିତ ଈଶ୍ୱରଙ୍କୁ ପଥ ଦେଖାଇବା ପାଇଁ ବିନତୀ କରେ ଏବଂ ମୁଁ ତାଙ୍କ ନିର୍ଦ୍ଦେଶରେ ଜୀବନଯାପନ କରେ ଓ କାର୍ଯ୍ୟ କରେ। ସେହି ଦେବୀଙ୍କ ଦ୍ୱାରା ମୁଁ ଚାଳିତ ହେଇଥାଏ। ତେଣୁ ମୁଁ ଜୀବନରେ କୌଣସି ଭୁଲ୍ କରିନାହିଁ। ମୋତେ ସେହି ଈଶ୍ୱର ଯାହା କରନ୍ତି ତାକୁ ହିଁ ମୁଁ ଉଚ୍ଚାରଣ କରେ। ତାଙ୍କର ସେହି ବାକ୍ୟ ଶାସ୍ତ୍ର ସହିତ ମିଳିଯାଏ। ଶ୍ରୀ ରାମକୃଷ୍ଣ ଏମନ୍ତ ଉତ୍ତର ଦେଇଥିଲେ।

# ଓଡ଼ିଆ ନବବର୍ଷର ପ୍ରଥମ ଦିନ

ସୂର୍ଯ୍ୟଙ୍କ ବାର୍ଷିକ ଗତି ବା ରାଶିଚକ୍ର ୧୨ଟି ରାଶି ମଧ୍ୟ ଦେଇ ଗତି କରିଥାଏ। ଏହି ଗତିକୁ କୁହାଯାଏ ସଂକ୍ରାନ୍ତି ତିଥି। ୧୨ଟି ରାଶିକୁ ନେଇ ହୋଇଥାଏ ୧୨ଟି ସଂକ୍ରାନ୍ତି ଯେଉଁଥିରୁ ଅନ୍ୟତମ ଓ ଶ୍ରେଷ୍ଠ ହେଉଛି ମହାବିଷୁବ ସଂକ୍ରାନ୍ତି। ସୂର୍ଯ୍ୟ ଏହି ଦିନ ବିଷୁବରେଖା ଆଡ଼କୁ ଉତ୍ତରାୟଣ ଗତି କରିଥାନ୍ତି ଓ ଏହା ସୌରବର୍ଷର ପ୍ରଥମ ଦିନ ହୋଇଥାଏ। ମେଷ ରାଶିରେ ସୂର୍ଯ୍ୟ ଏହି ଦିନ ପ୍ରବେଶ କରୁଥିବାରୁ ଏହି ଦିନଟି ମେଷ ସଂକ୍ରାନ୍ତି ନାମରେ ପରିଚିତ। ଆମେମାନେ ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ବାସ କରନ୍ତି ତେଣୁ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ଆମ ପାଇଁ ଅତି ପବିତ୍ର। ମହାବିଷୁବ ସଂକ୍ରାନ୍ତି ହେଉଛି ବର୍ଷର ପ୍ରଥମ ସଂକ୍ରାନ୍ତି। ମହାବ୍ରହ୍ମଚାରୀ ପବନପୁତ୍ର ହନୁମାନଙ୍କ ଆଜି ଜନ୍ମଦିନ। ସେଥିପାଇଁ ତାଙ୍କର ବିଶେଷ ପୂଜାର୍ଚ୍ଚନା କରିବାର ବିଧି ରହିଛି। ସେ ପବନପୁତ୍ର ହୋଇଥିବାରୁ ଅଗ୍ନି ଓ ବାୟୁ ପ୍ରକୋପରୁ ରକ୍ଷା ପାଇଁ ଆଜିର ଦିନରେ ପାଳନ କରାଯାଏ ହନୁମାନ ଜୟନ୍ତୀ। ହନୁମାନଙ୍କ ନିକଟରେ ବିଭିନ୍ନ ଫଳମୂଳ ସହିତ ଛତୁଆ ଓ ପଣା ଭୋଗ ଲାଗି ହେବାର ରହିଛି ବିଶେଷ ପରମ୍ପରା। ତେଣୁ ଏହା ପଣା ସଂକ୍ରାନ୍ତି ନାମରେ ନାମିତ। ଶକ୍ତି ବୃଦ୍ଧି ପାଇଁ ଚଣା, ଗୁଡ଼ ଓ ବେସନ ଦ୍ୱାରା ପ୍ରସ୍ତୁତ ଲଡୁ ଭଗବାନ ହନୁମାନଙ୍କ ପାଖରେ ପୂଜା କରିବାର ବିଧି ରହିଛି।





ଶ୍ରଦ୍ଧାଳୁମାନେ ଦିନସାରା ହନୁମାନ ଚାଳିସା, ସଂକଟମୋଚନ ଚଉତିଶା, ତୁଳସୀ ରାମାୟଣ ଆଦି ପାଠ କଲେ ବିଶେଷ ପୁଣ୍ୟ ପ୍ରାପ୍ତି କରିବେ।

ପୌରାଣିକ କଥା- ମହାଭାରତ ଯୁଦ୍ଧରେ ଭୀଷ୍ମ ଶରଶଯ୍ୟାରେ ଥିବା ବେଳେ ତାଙ୍କୁ ଶୋଷ ଲାଗିବାରୁ ଅର୍ଜୁନ ଏକ ଶର ମାରି ପୃଥିବୀପୃଷ୍ଠରୁ ଜଳଧାର ସୃଷ୍ଟି କରାଇ ସିଧା ତାଙ୍କ ପାଟିରେ ଜଳ ଦେଇ ତୃଷା ନିବାରଣ କରିଥିଲେ। ଏହି ଦିନଟି ଥିଲା ବିଷୁବ ସଂକ୍ରାନ୍ତିର ଦିନ। ତୃଷା ମେଣ୍ଟିବା ପରେ ଭୀଷ୍ମ, ଧର୍ମରାଜ ଯୁଧିଷ୍ଠିରଙ୍କୁ କହିଥିଲେ- ଯେଉଁ ବ୍ୟକ୍ତି ଏହି ସମୟରେ ତୃଷାର୍ତ୍ତଙ୍କୁ ଜଳଦାନ କରିବେ ସେମାନଙ୍କର ପାପ କ୍ଷୟ ହେବ ଓ ସେମାନେ ପୁଣ୍ୟ ପ୍ରାପ୍ତି କରିବେ। ସେଥିପାଇଁ ଲୋକମାନେ ଶିବଲିଙ୍ଗ, ଶାଳଗ୍ରାମ, ଅଶ୍ୱତଥ, ଓ ତୁଳସୀ ଗଛରେ ଜଳଦାନ କରନ୍ତି।

ଜଳ ସଂକ୍ରାନ୍ତି-ଗରମ ତେଜରୁ ରକ୍ଷା ପାଇବା ପାଇଁ ସ୍ଥାନେ ସ୍ଥାନେ ଲୋକମାନେ ଜଳଛତ୍ରମାନ ଖୋଲିଥାନ୍ତି। ଲେମ୍ବୁପଣା, ମିଶ୍ରିପଣା, ଦହି ସରବତ, ଆଖୁପଣା, ବେଲପଣା ପିଇବା ଦ୍ୱାରା ଶରୀର ସୁସ୍ଥ ରହେ ଓ ଜଳଶୁଷ୍କତା ଦୂର ହୁଏ। ସ୍ୱେଚ୍ଛାସେବୀମାନେ ରାସ୍ତାରେ ଯାଉଥିବା ଲୋକମାନଙ୍କୁ ଜଳଦାନ କରୁଥିବାରୁ ଏହି ଦିନକୁ ଜଳ ସଂକ୍ରାନ୍ତି ବୋଲି କୁହାଯାଏ। ଚଉରାରେ ଜଳଠେକି କରାଯାଇ ତୁଳସୀ ଗଛ ଉପରେ ଛାମୁଡ଼ିଆ ବନ୍ଧାଯାଇ ନଡ଼ିଆ ବାହୁଙ୍ଗା ଓ ଜାମୁ ଡ଼ାଳରେ ତାଙ୍କୁ ଛାୟା ପ୍ରଦାନ କରାଯାଏ। ଠେକିରେ ଜଳ ରଖି ଅତିକ୍ଷୁଦ୍ର କଣା କରି କୁଟା ଖଣ୍ଡରେ ବନ୍ଦ କରି ସରୁ ଜଳାଧାରର ବ୍ୟବସ୍ଥା କରାଯାଏ। ତୁଳସୀ ମୂଳରେ ସର୍ବଦେବତା ବାସ କରନ୍ତି। ତୁଳସୀ ତ୍ରିତାପ ନାଶକାରୀ। ତେଣୁ ବୈଶାଖରୁ ରକ୍ଷା କରିବା ପାଇଁ ତାଙ୍କୁ ଠେକିରେ ପାଣି ଦିଆଯାଏ। ମାସକଯାକ ଠେକିରେ ପାଣି ଢ଼ଳାଯାଉଥିବାରୁ ଏହି ପରମ୍ପରାକୁ ଠେକିବସା ସଂକ୍ରାନ୍ତି ବୋଲି କୁହାଯାଏ।

ଅନେକ ଦେବୀପୀଠରେ ଏହି ଦିନଠାରୁ ଆରମ୍ଭ ହୁଏ ଝାମୁ ଯାତ୍ରା। ଓଡ଼ିଆ ନବବର୍ଷ ସହିତ ନୂତନ ପଞ୍ଜିକାର ମଧ୍ୟ ଏହି ଦିନ ଠାରୁ ପ୍ରଚଳନ ଆରମ୍ଭ ହୁଏ।

## ନୂଆ ବରଷ



ଓଡ଼ିଆ ନୂଆ ବରଷ
ଆମ ପରମ୍ପରା ସଂସ୍କୃତି
ଇଂରାଜୀ ନବ ବରଷ
ଖାସ୍ ନୁହେଁ ସେମିତି
ଲାଗେନି ଖୁସି ବେଶି।
ଲୋକକଥା ଅଛି ପରା
ମାଗିଲା ଗୁଣ ନିଅଣ୍ଟ
ଆଦରିବା ମୌଳିକତା
ଯହିଁ ଥିବ ଭଲପାଇବା
ବଜାୟ ରହୁ ଅସ୍ମିତା।
ନୂତନ ବରଷ ଆସେ
ସକାଳ ସୁନା ହସରେ
ମନ୍ଦିରର ଓଁକାର ଧ୍ୱନି
ପକ୍ଷୀର କାକଳିରେ
କୃଷ୍ଣଚୂଡା, ପଳାଶ ରଙ୍ଗରେ।
ଫୁଲରୁ ଫୁଲ ଉଡି
ମହୁମାଛି ପ୍ରଜାପତି
ଭଅଁର ବିଭୋର
ଯାଏ ନିଜକୁ ଭୁଲି
ଫୁଲ ମହଲରେ ଲୁଚି।
ସପନ ମାଳ ମାଳ
ଉତ୍ସାହ ସକଳ
ଅମୃତ ବେଳାରେ
ସପନର ପଥେ ପଥେ
ନିଜ ନିଜ ଲକ୍ଷ୍ୟପଥେ।
ଅସୁମାରି ଆଶା
ଉଡ଼ିବାର ନିଶା
କରିଦିଏ ପାଗଳ
ସରଗର ଚାନ୍ଦ
ଆଶାରେ ଆଶା ଅଧିକ।
ଏମିତି ଆସୁଥାଅ
ସାଥିରେ ଖୁସି ହସ
ଦୁନିଆଟା ଉଠୁ ହସି
ନୂଆ ବରଷ ପାଖେ ପାଇ
ସାରା ଦୁନିଆ ଉଠୁ ମାତି।

**ଚିତ୍ତରଞ୍ଜନ ମହାନ୍ତି**
**ତଗିରା, ରାଣୀତାଲ, ଭଦ୍ରକ**
**ମୋ:୯୪୩୮୬୭୦୧୫୦**

## କ୍ୟାବ୍‌ରେ, ପପ୍ ଓ ଶେଷରେ ରିମିକ୍ସ
# ଆଶା ଭାଙ୍ଗିଥିଲେ ପରମ୍ପରା



**ଭାରତୀୟ ସିନେମା ସଙ୍ଗୀତ ଇତିହାସରେ କିଛି ଏପରି ସ୍ୱର ଶୁଣିବାକୁ ମିଳିଛି ଯେଉଁ ସ୍ୱରମାନେ କେବଳ ଗୀତ ଗାଆନ୍ତି ନାହିଁ, ଏକ ସମୟର କାହାଣୀ କହନ୍ତି। ଏହିପରି ଏକ ମହାନ ସ୍ୱର ଥିଲେ ଆଶା ଭୋସଲେ ଯିଏ ୬୦ ଦଶକର କ୍ୟାବ୍‌ରେରୁ ଆରମ୍ଭ କରି ନବେ ଦଶକର ରିମିକ୍ସ ପର୍ଯ୍ୟନ୍ତ ପ୍ରତି ଜେନେରେସନ୍‌ର ଟ୍ରେଣ୍ଡ୍ ଓ ପରମ୍ପରା ସହିତ ନିଜକୁ ଗଢ଼ିଥିଲେ ଓ ପରିବର୍ତ୍ତନ କରିଦେଇଥିଲେ ବଲିଉଡ୍ ମ୍ୟୁଜିକ୍ ଇଣ୍ଡଷ୍ଟ୍ରିର ଦିଗ। ତେବେ ଆସନ୍ତୁ ତାଙ୍କ ସଙ୍ଗୀତ ଯାତ୍ରା ଉପରେ ଥରେ ନଜର ପକାଇବା।**

ଆଶା ଭୋସଲେ ଥିଲେ ଭାରତୀୟ ସିନେମା ସଙ୍ଗୀତ ଇତିହାସରେ ଜଣେ ଏକ୍ସପେରୀମେଣ୍ଟାଲ୍ ଓ ଭର୍ସାଟାଇଲ୍ ସିଙ୍ଗର। କିନ୍ତୁ ଏବେ ଏହି ସ୍ୱରର ମଲ୍ଲିକାଙ୍କ ମଧୁର ସ୍ୱର ସବୁଦିନ ପାଇଁ ସ୍ମୃତି ହୋଇ ରହିଯିବ। ୧୨ ଏପ୍ରିଲ୍ ଦିନ ୯୨ ବର୍ଷରେ ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍‌ପିଟାଲ୍‌ରେ ଶେଷ ନିଃଶ୍ୱାସ ନେଇଛନ୍ତି ଆଶା ଭୋସଲେ ଓ ପୂରା ସଙ୍ଗୀତ ଦୁନିଆକୁ ଦେଇଯାଇଛନ୍ତି ଏକ ଅପୂରଣୀୟ କ୍ଷତି। ୨୦ରୁ ଅଧିକ ଭାଷାରେ ୧୨,୦୦୦ରୁ ଅଧିକ ଗୀତ ଗାଇଥିବା ସେ ଥିଲେ ଜଣେ ବହୁମୁଖୀ ପ୍ରତିଭାଶାଳୀ ପାର୍ଶ୍ୱଗାୟିକା। ଏହା ସହିତ ସଙ୍ଗୀତ ଇତିହାସରେ ସବୁଠାରୁ ଅଧିକ ଗୀତ ଗାଇଥିବା କଳାକାର ଭାବରେ ତାଙ୍କର ନାମ ସାମିଲ ହୋଇଥିଲା ଗିନିଜ ବୁକ୍ ଅଫ୍ ୱର୍ଲ୍ଡ୍ ରେକର୍ଡରେ।

**କ୍ୟାବ୍‌ରେ-**ନିଜର ସଙ୍ଗୀତ କ୍ୟାରିୟର୍‌ରେ କେତେ ପ୍ରକାରର ଫର୍ମାଟ୍‌ର ଗୀତ ଗାଇଥିଲେ ଆଶାଜୀ ଯେଉଁଗୁଡ଼ିକୁ ସବୁ ପିଢ଼ିର ଶ୍ରୋତାମାନେ ପସନ୍ଦ କରିଥିଲେ। ୧୯୬୦ ଦଶକରେ ତାଙ୍କୁ ଜଣେ ସେକେଣ୍ଡ ଗ୍ରେଡ୍‌ର ଗାୟିକା ଭାବରେ ଗ୍ରହଣ କରାଯାଇଥିଲା। ଏହାର କାରଣ ଥିଲେ ଭଉଣୀ ଲତା ମଙ୍ଗେସ୍‌କର। ସେ ସମୟରେ ବଡ଼ ବଜେଟ୍‌ର ଫିଲ୍ମଗୁଡ଼ିକର ମୁଖ୍ୟ ଅଭିନେତ୍ରୀର ସ୍ୱର ପାଇଁ କେବଳ ଲତା ମଙ୍ଗେସ୍‌କର କିମ୍ବା ଗୀତା ଦତ୍ତଙ୍କୁ ନିର୍ମାତାମାନେ ସାଇନ୍ କରୁଥିଲେ। ଆଶା ଭୋସଲେଙ୍କୁ କେବଳ କ୍ୟାବ୍‌ରେ ଡ୍ୟାନ୍ସ ପାଇଁ ଉଦ୍ଦିଷ୍ଟ ଗୀତଗୁଡ଼ିକୁ ଦିଆଯାଉଥିଲା କାରଣ ସେହି ଗୀତଗୁଡ଼ିକୁ ଲତା ଦିଦି ଗାଇବାକୁ ମନା କରୁଥିଲେ। କିନ୍ତୁ କ୍ୟାବ୍‌ରେ ଗାଇବାକୁ ସେ ଅସମ୍ମାନ ବୋଲି ନଭାବି ଏହାକୁ ଅବସର ଭାବରେ ଗ୍ରହଣ କରିଥିଲେ ଆଶାଜୀ। ନିଜ ସ୍ୱରର ଯାଦୁରେ ସେ କ୍ୟାବ୍‌ରେ ଗୀତଗୁଡ଼ିକୁ ଦେଇଥିଲେ ନୂଆ ପରିଚୟ।

ତାଙ୍କ କ୍ୟାରିୟର୍‌ର ବଡ଼ ଟର୍ଣ୍ଣିଂ ପଏଣ୍ଟ୍ ଆସିଥିଲା ସଙ୍ଗତକାର ଓପି ନାୟାରଙ୍କ ସହିତ ସାକ୍ଷାତକାର ଯିଏ ଲତା ଦିଦିଙ୍କ ପରି ବଡ଼ କଳାକାରଙ୍କ ସହିତ କାମ କରିନଥିଲେ। ସେ ଏପରି ଏକ ସ୍ୱରର ସନ୍ଧାନରେ ଥିଲେ ଯାହାଙ୍କ ସ୍ୱରରେ ଥିବ ଶରାରତ୍, ଚାର୍ମ ଓ ଆଧୁନିକତା। ଏହି ଯୋଡ଼ି ମିଶି କ୍ୟାବ୍‌ରେ ଓ କ୍ଲବ୍ ମ୍ୟୁଜିକ୍‌କୁ ମୁଖ୍ୟଧାରାକୁ ଆଣିଥିଲେ। 'ପିୟା ତୁ ଅବ୍ ତୁ ଆଜା' ପରି ଗୀତଗୁଡ଼ିକୁ ଆଜି ବି ସେହି ଏନର୍ଜିର ସହିତ ଶ୍ରୋତାମାନେ ଶୁଣୁଛନ୍ତି।

**ପପ୍ ମ୍ୟୁଜିକ୍-**୧୯୭୦ ଦଶକର ପ୍ରାରମ୍ଭରେ ଆଶାଜୀ ନିଜକୁ ଏକ ନୂଆ ଅନ୍ଦାଜରେ ପେଶ୍ କରିଥିଲେ। ଏହା ଥିଲା ସେହି ସମୟ ଯେତେବେଳେ ଇଣ୍ଡିଆନ୍ ସୋସାଇଟି ଓ ଯୁବ ପିଢ଼ିରେ ଦ୍ରୁତ ପରିବର୍ତ୍ତନ ହେଉଥିଲା ଓ ମ୍ୟୁଜିକ୍ ଏହି ପରିବର୍ତ୍ତନରୁ ବଞ୍ଚିପାରି ନଥିଲା। ନିଜ ସ୍ୱରରେ ଆଶାଜୀ ଅନେକ ପରିବର୍ତ୍ତନ କରିଥିଲେ ଓ ଆର୍‌ଡି ବର୍ମନଙ୍କ ସହିତ ମିଶି ପପ୍ ଓ ଫ୍ୟୁଜନ୍ ମ୍ୟୁଜିକ୍‌କୁ ଦେଇଥିଲେ ନୂଆ ମୋଡ଼ ଯେଉଁଥିରେ ସାମିଲ ଥିଲା 'ଦମ୍ ମାରୋ ଦମ୍' ଗୀତ। ଏହି ଗୀତଟି କେବଳ ଏକ ଗୀତ ନଥିଲା, ଥିଲା ଏକ ବଡ଼ ପରିବର୍ତ୍ତନର ପ୍ରତୀକ।

**ନବେର ରିମିକ୍ସ-**୮୦ ଓ ୯୦ ଦଶକରେ ବଲିଉଡ୍ ମ୍ୟୁଜିକ୍‌ରେ ନୂଆ ଟେକ୍ନିକାଲି ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ସିନ୍ଥେସାଇଜର୍, ଡିସ୍କୋ ଓ ପରେ ରିମିକ୍ସର ଯୁଗ ଆରମ୍ଭ ହେଲା। ଅନେକ ପୁରୁଣା ଗାୟିକା ଏହି ଯୁଗ ସହିତ ତାଳମେଳ ରକ୍ଷା କରିପାରି ନଥିଲେ କିନ୍ତୁ ଆଶାଜୀ ପୁଣି ଥରେ ନିଜକୁ ପ୍ରମାଣିତ କରିବାରେ ସଫଳ ହୋଇଥିଲେ। ନବେ ଦଶକରେ ରିମିକ୍ସ ଭର୍ସନ୍ ଯୁବପିଢ଼ିଙ୍କ ଭିତରେ ଖୁବ୍ ଲୋକପ୍ରିୟ ହୋଇଥିଲା ଯାହାର ଏକ ବଡ଼ ଉଦାହରଣ ଥିଲା 'ଜାନମ୍ ସମ୍‌ଝା କରୋ'। ସେ ନୂଆ ପିଢ଼ି ସହିତ ନିଜର ସଂଯୋଗ ବଜାୟ ରଖିପାରିଥିଲେ।



**ତାଙ୍କର ବିଶେଷତା କେବଳ ତାଙ୍କର ସ୍ୱର ନଥିଲା, ଥିଲା ତାଙ୍କର ସାହସ ଓ ନୂଆ ଗୀତଗୁଡ଼ିକ ଉପରେ ପରୀକ୍ଷଣ କରିବାର ଶକ୍ତି। ଯେପରି ତାଙ୍କ ଭଉଣୀ ଲତା ମଙ୍ଗେସ୍‌କର ପାରମ୍ପରିକ ଓ ମଧୁର ଗୀତଗୁଡ଼ିକ ପାଇଁ ବେଶ୍ ଲୋକପ୍ରିୟତା ହାସଲ କରିଥିଲେ ସେହିପରି ଆଶା ଭୋସଲେ ପ୍ରତି ନୂଆ ଷ୍ଟାଇଲ୍‌କୁ ଆପଣାଇଥିଲେ, ନୂଆ ଶୈଳୀଗୁଡ଼ିକୁ ଆହ୍ୱାନ ଭାବରେ ଗ୍ରହଣ କରିଥିଲେ। ସେ ପ୍ରମାଣିତ କରିଥିଲେ ଯେ ସଙ୍ଗୀତର କୌଣସି ଶୈଳୀ ଛୋଟ ବା ବଡ଼ ନୁହେଁ, କିନ୍ତୁ କଳାକାରର ପରିବେଷଣ ତାକୁ ଖାସ୍ କରିଥାଏ। ତେବେ ଏହି କିମ୍ବଦନ୍ତୀ ଗାୟିକା ଶ୍ରୋତାମାନଙ୍କ ପାଇଁ ସବୁଦିନ ଅବିସ୍ମରଣୀୟ ହୋଇ ରହିବେ ଏଥିରେ ସନ୍ଦେହ ନାହିଁ।**

# ହନୁମାନ ଜୟନ୍ତୀ



ଧାର୍ମିକ ମାନ୍ୟତା ଅନୁସାରେ ସଂକଟମୋଚନ ଶ୍ରୀ ହନୁମାନ ହେଉଛନ୍ତି ଏକମାତ୍ର ଭଗବାନ ଯିଏ କଳିଯୁଗରେ ଆଜି ବି ପୃଥିବୀରେ ବାସ କରୁଛନ୍ତି ଓ ନିଜ ଭକ୍ତମାନଙ୍କ ସଂକଟଗୁଡ଼ିକୁ ଦୂର କରୁଛନ୍ତି। ହନୁମାନ ଜୟନ୍ତୀ ବର୍ଷରେ ଥରେ ନୁହେଁ ଦୁଇ ଥର ପାଳନ କରାଯାଏ। ଦେଶର ଅଧିକାଂଶ ରାଜ୍ୟରେ ଚୈତ୍ର ପୂର୍ଣ୍ଣିମାରେ କିମ୍ବା ବୈଶାଖ ମାସରେ ଏହି ପର୍ବ ପାଳନ କରାଯାଏ। କେରଳ ଓ ତାମିଲନାଡୁର ଲୋକମାନେ ଅନ୍ୟ ସମୟରେ ଏହି ଦିବସ ପାଳନ କରନ୍ତି। ଏହି ଦିନ ମାତା ସୀତା ତାଙ୍କୁ ଅମରତାର ବରଦାନ ଦେଇଥିଲେ। ବାଲ୍ମିକୀ ରାମାୟଣ ଅନୁସାରେ କାର୍ତ୍ତିକ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିର ସ୍ୱାତୀ ନକ୍ଷତ୍ରରେ ହନୁମାନଙ୍କର ଜନ୍ମ ହୋଇଥିଲା। ଏଥିପାଇଁ ଏହି ଦିନଟିକୁ ତାଙ୍କର ପ୍ରାକଟ୍ୟ ଉତ୍ସବ ଭାବରେ ପାଳନ କରାଯାଏ। ସେହିପରି ଚୈତ୍ର ଶୁକ୍ଳପକ୍ଷର ପୂର୍ଣ୍ଣିମା ତିଥିରେ ହନୁମାନଙ୍କର ବିଜୟ ଅଭିନନ୍ଦନ ମହୋତ୍ସବ ପାଳନ କରାଯାଏ।

ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କ ସର୍ବୋତ୍ତମ ସେବକ, ସଖା ଓ ଭକ୍ତ ଥିଲେ ଭଗବାନ ହନୁମାନ। ଯେଉଁଠାରେ ଶ୍ରୀରାମଙ୍କ ଆରାଧନା ହୁଏ ସେଠାରେ ସ୍ୱତଃ ହନୁମାନଙ୍କର ସ୍ମରଣ ହୁଏ। ସେ ଥିଲେ ସଦ୍‌ଗୁଣର ଭଣ୍ଡାର। ପୂରା ଭାରତବର୍ଷରେ ସେ ପୂଜା ପାଆନ୍ତି ଓ ଦୁନିଆର ଅନେକ ଦେଶରେ ଅଲଗା ଅଲଗା ଉପାୟରେ ତାଙ୍କର ପୂଜା କରାଯାଏ ଯେଉଁଥି ପାଇଁ ତାଙ୍କୁ ଜନ ଦେବତାର ସଂଜ୍ଞା ମିଳିଛି। ଛତ୍ରପତି ଶିବାଜୀ ମହାରାଜଙ୍କ ସ୍ୱରାଜ୍ୟ ନିର୍ମାଣର ବିସ୍ତୃତ କିନ୍ତୁ ଗଭୀର ମୂଳଦୁଆ ରଖିଥିବା ତାଙ୍କର ଗୁରୁ ସମର୍ଥ ଶ୍ରୀ ରାମଦାସଙ୍କ ଦ୍ୱାରା ଗ୍ରାମ ଗ୍ରାମରେ ଅଗଠିତ ପଥରଗୁଡ଼ିକୁ ସିନ୍ଦୂର ଲଗାଇ ଶ୍ରୀ ହନୁମାନଙ୍କ ରୂପରେ ତାଙ୍କର ପ୍ରାଣ-ପ୍ରତିଷ୍ଠା କରାଯାଇଛି। ଆଜି ଠାରୁ ୩୦୦ ବର୍ଷ ପୂର୍ବରୁ ଏହି ମହାନ ରାଷ୍ଟ୍ରୀୟ ଉପକ୍ରମ ହୋଇଥିଲା। ଶ୍ରୀ ହନୁମାନଙ୍କ ପରମ ପରାକ୍ରମୀ ସେବାମୂର୍ତ୍ତି ସ୍ୱରୂପ ସହିତ ସମସ୍ତେ ପରିଚିତ। ଶ୍ରୀ ହନୁମାନ ଅତୁଳ ଶକ୍ତିର ସ୍ୱାମୀ ଥିଲେ। ତାଙ୍କର ଅଙ୍ଗ ବଜ୍ର ସମାନ ଶକ୍ତିଶାଳୀ ଥିଲା। ଅତଃ ତାଙ୍କୁ ବଜ୍ରାଙ୍ଗ ନାମ ଦିଆଗଲା ଯାହାଙ୍କୁ କଥିତ ଭାଷାରେ ବଜରଙ୍ଗ କୁହାଗଲା। ଏହି ବଜରଙ୍ଗବାଲୀ କେବଳ ଗଦାଧାରୀ ମହାବଳୀ ନୁହଁନ୍ତି ସେ ହେଉଛନ୍ତି ବିଲକ୍ଷଣ ଓ ବହୁଆୟାମୀ ମାନସିକ ଓ ପ୍ରଖର ବୌଦ୍ଧିକ ଗୁଣଗୁଡ଼ିକର ଅଦ୍ଭୁତ ଧନୀ। ସେ ପରାକ୍ରମ, ଜ୍ଞାନ ଓ ସେବାର ଆଦର୍ଶ ସଂଗମ। ଜ୍ଞାନ, ଭକ୍ତି ଓ କର୍ମ-ଏହି ତିନୋଟି କ୍ଷେତ୍ରରେ ଶ୍ରୀ ହନୁମାନ ଥିଲେ ମହାନ ଯୋଗୀ। ରାମ-କାର୍ଯ୍ୟ ଅର୍ଥାତ ଉତ୍ତମ କାର୍ଯ୍ୟ ପାଇଁ ସେ ରହୁଥିଲେ ସର୍ବଦା ତତ୍ପର।

# ଡକ୍ଟର ଭୀମରାଓ ଆମ୍ବେଦକର



୧୮୯୧ର ଆଜିର ଦିନରେ ମଧ୍ୟପ୍ରଦେଶର ମହୁ ନାମକ ସ୍ଥାନରେ ଏକ ଦଳିତ ପରିବାରରେ ଜନ୍ମଗ୍ରହଣ କରିଥିଲେ ଡକ୍ଟର ଭୀମରାଓ ଆମ୍ବେଦକର। ଏହି କାରଣରୁ ପ୍ରାରମ୍ଭିକ ଶିକ୍ଷା ପ୍ରାପ୍ତ କରିବା ସମୟରେ ଆମ୍ବେଦକର ଭେଦଭାବର ଶିକାର ହୋଇ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେଥିପାଇଁ ତାଙ୍କ ଶିକ୍ଷକଙ୍କ କହିବା ପରେ ତାଙ୍କର ଉପନାମ ସକପାଲ୍ ପରିବର୍ତ୍ତେ ଆମ୍ବେଦକର ଲେଖାଯାଇଥିଲା। ଶିକ୍ଷା କ୍ଷେତ୍ରରେ ସମସ୍ୟା ସତ୍ତ୍ୱେ ବି ଆମ୍ବେଦକର ନା କେବଳ ଉଚ୍ଚ ଶିକ୍ଷା ପ୍ରାପ୍ତ କରିଥିଲେ, ସ୍ୱାଧୀନ ଭାରତର ପ୍ରଥମ କାନୁନ ମନ୍ତ୍ରୀ ମଧ୍ୟ ହୋଇଥିଲେ। ବାଲ୍ୟ ବିବାହ ପ୍ରଥା ଯୋଗୁ ୧୯୦୬ରେ ଆମ୍ବେଦକରଙ୍କ ବିବାହ ହୋଇଯାଇଥିଲା । ୧୯୦୭ରେ ସେ ମାଟ୍ରିକ ପାସ୍ କରିଥିଲେ। ଏହାପରେ ଏଲ୍ଫିଂଟନ କଲେଜରେ ପ୍ରବେଶ କରିଥିବା ସେ ଥିଲେ ପ୍ରଥମ ଦଳିତ ଛାତ୍ର। ୧୯୧୩ରେ ଏମ୍ଏ କରିବା ପାଇଁ ସେ ଆମେରିକା ଚାଲିଗଲେ । ବରୋଦାର ଗାଏକୱାଡ୍ ଶାସକ ସୟାଜୀ ରାଓ ତୃତୀୟଙ୍କ ମାସିକ ସ୍କୋଲାରସିପ୍ ମିଳିବା କାରଣରୁ ଏହି ଶିକ୍ଷା ସମ୍ଭବ ହୋଇପାରିଥିଲା। ବହିଷ୍କୃତ ଭାରତ, ମୂକ ନାୟକ, ଜନତା ନାମକ ପାକ୍ଷିକ ଓ ସାପ୍ତାହିକ ପତ୍ର ଜରିଆରେ ଦଳିତମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ଆମ୍ବେଦକର। ୧୯୨୭ରେ ସେ ଜାତିବାଦ ବିରୁଦ୍ଧରେ ନିଜର ଆନ୍ଦୋଳନକୁ ତୀବ୍ର କରି ମହାରାଷ୍ଟ୍ରର ରାୟଗଡ଼ର ମହାଡ ଠାରେ ସତ୍ୟାଗ୍ରହ ବି ଆରମ୍ଭ କରିଦେଇଥିଲେ। ୧୯୩୬ରେ ସେ ଗଠନ କରିଥିଲେ ଲେବର ପାର୍ଟି। ଆମ୍ବେଦକର ଓ ତାଙ୍କ ସମର୍ଥକମାନେ ବୌଦ୍ଧ ଧର୍ମ ମଧ୍ୟ ଗ୍ରହଣ କରିଥିଲେ। ଭାରତର ସମ୍ବିଧାନର ନିର୍ମାତା ଡକ୍ଟର ଆମ୍ବେଦକର ୬ ଡିସେମ୍ବର, ୧୯୫୬ରେ ମୃତ୍ୟୁବରଣ କରିଥିଲେ । ୧୯୯୦ରେ ତାଙ୍କୁ ମରଣୋତ୍ତର ଭାରତର ସର୍ବୋଚ୍ଚ ସମ୍ମାନ 'ଭାରତ ରତ୍ନ'ରେ ସମ୍ମାନିତ କରାଯାଇଥିଲା।

## ବିଶ୍ୱ ଚାଗାସ୍ ରୋଗ ଦିବସ

ଉପେକ୍ଷିତ ଚାଗାସ୍ ରୋଗ ପ୍ରତି ଲୋକମାନଙ୍କୁ ସଚେତନ କରେଇବା ଓ ଏହି ରୋଗକୁ ମାନ୍ୟତା ଦେବା ବିଶ୍ୱ ଚାଗାସ୍ ରୋଗ ଦିବସର ଉଦ୍ଦେଶ୍ୟ। ଏହା ଏକ ପ୍ରଚଳିତ ସଂକ୍ରାମକ ରୋଗ ଯାହା ସାଧାରଣତଃ ଲାଟିନ୍ ଆମେରିକାର ଗରିବ ଜନବହୁଳ ସ୍ଥାନରେ ବ୍ୟାପୁଥିଲା। କିନ୍ତୁ ଏବେ ଏହା ବିଶ୍ୱର ଅନ୍ୟ ସ୍ଥାନଗୁଡ଼ିକରେ ଦ୍ରୁତଗତିରେ ବ୍ୟାପିବାର ଦେଖିବାକୁ ମିଳୁଛି। ବ୍ରାଜିଲ୍‌ର ଚିକିତ୍ସକ କାର୍ଲୋସ୍ ଚାଗାସ୍‌ଙ୍କ ନାମରେ ଏହି ରୋଗର ନାମକରଣ କରାଯାଇଛି। ୧୯୦୯ରେ କାର୍ଲୋସ୍ ଏହି ରୋଗର ଅନ୍ୱେଷଣ କରିଥିଲେ।



ଚାଗାସ୍ ଏକ ପରଜୀବୀ ଟ୍ରିପାନୋସୋମା କ୍ରୁଜୀ କାରଣରୁ ହୋଇଥାଏ। କୀଟବାହକ ଦ୍ୱାରା ଏହି ଗୋଗ ବ୍ୟାପିଥାଏ। ଚରମ ଲକ୍ଷଣ ନଜର ନ ଆସିବା ପର୍ଯ୍ୟନ୍ତ ଚାଗାସ୍‌ର ଚିହ୍ନଟ କରିବା ସହଜ ହୁଏ ନାହିଁ। ତେଣୁ ଏହାକୁ ଚୁପ୍ ଓ ଶାନ୍ତ ରୋଗ ବୋଲି ମଧ୍ୟ କୁହାଯାଏ। ଏ ସମୟରେ ପ୍ରତିବର୍ଷ ୬୦-୭୦ ଲକ୍ଷ ଲୋକଙ୍କୁ ପ୍ରଭାବିତ କରୁଛି ଚାଗାସ୍ ରୋଗ। ଏଥିରେ ପାଖାପାଖି ୧୦ଲକ୍ଷ ଲୋକଙ୍କର ମୃତ୍ୟୁ ମଧ୍ୟ ହେଉଛି। ତେବେ ସଂକ୍ରମଣ କେତେ ପ୍ରକାରର ହୋଇଥାଏ। ଏହା ଭେକ୍ଟରଜନିତ (କୌଣସି ଜୀବିତ ପ୍ରାଣୀ କୀଟ ଆଦିଙ୍କ ଜରିଆରେ) ସଂକ୍ରମଣ। ସଂକ୍ରମିତ ପଶୁ ବା ମଣିଷଙ୍କ ରକ୍ତ ଯଥା-ଟ୍ରାଇଏଟୋମାଇନ୍ କୀଟ, କୀଟର ମଳ ମାଧ୍ୟମରେ, ଟି.କ୍ରୁଜି ଦ୍ୱାରା ଲୋକମାନେ ସଂକ୍ରମିତ ହୋଇଥାନ୍ତି। କୀଟ ମଳରେ ଥିବା ଟି.କ୍ରୁଜି ଯେତେବେଳେ ଶ୍ଳେଷ୍ମ ଝିଲ୍ଲୀ ବା ସ୍କିନ୍‌ରେ ଥିବା ଫାଟ ମାଧ୍ୟମରେ ଶରୀର ଭିତରକୁ ପ୍ରବେଶ କରେ ବ୍ୟକ୍ତି ସଂକ୍ରମିତ ହୋଇଥାଏ। ତେବେ ଚାଗାସ୍ ରୋଗ ଦୁଇଟି ଚରଣରେ ପ୍ରକଟ ହୋଇଥାଏ।



**ଆଜିର ମ୍ୟାଚ୍**

ଚେନ୍ନାଇ ସୁପର୍ କିଙ୍ଗ୍ସ ବନାମ କୋଲ୍‌କାତା ନାଇଟ୍ ରାଇଡର୍ସ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଚେନ୍ନାଇ

ନିତିଦିନ NITIDIN

# ଆଇପିଏଲ୍‌ର ବଡ଼ ରେକର୍ଡ ଭାଙ୍ଗିଲା ମୁମ୍ବାଇ-ବେଙ୍ଗାଲୁରୁ ମ୍ୟାଚ୍



**ନୂଆଦିଲ୍ଲୀ, ୧୩।୪/ଏଜେନ୍ସି:** ଆଇପିଏଲ୍ ୨୦୨୬ରେ ରବିବାର ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍ ଇତିହାସ ରଚିଛି। ଏହି ମ୍ୟାଚ୍ ୪ ଘଣ୍ଟା ୨୨ ମିନିଟ୍ ଧରି ଚାଲିଥିଲା ଏବଂ ବିନା କୌଣସି ବାଧା, ବର୍ଷା କିମ୍ବା ସୁପର୍ ଓଭର୍ ସହ ଆଇପିଏଲ୍‌ର ସବୁଠୁ ଲମ୍ବା ମ୍ୟାଚ୍ ହୋଇଛି। ଏହା ଆଇପିଏଲ୍ ଇତିହାସରେ ବିନା ବାଧାବିଘ୍ନରେ ସବୁଠୁ ଲମ୍ବା ମ୍ୟାଚ୍‌ର ରେକର୍ଡ କରିଛି। ତେବେ ମୋଟ ସମୟ ହିସାରେ ଏହା ଚତୁର୍ଥ ସବୁଠୁ ଲମ୍ବା ମ୍ୟାଚ୍। ଏହା ପୂର୍ବରୁ ୨୦୨୦ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ପଞ୍ଜାବ କିଙ୍ଗ୍ସ ମ୍ୟାଚ୍ ୫ ଘଣ୍ଟା ୪ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଡବଲ୍ ସୁପର୍ ଓଭର୍ ହୋଇଥିଲା। ଏହା ପୂର୍ବରୁ ୨୦୨୩ରେ ଦିଲ୍ଲୀ କ୍ୟାପିଟାଲ୍ସ ଓ କୋଲ୍‌କାତା ନାଇଟ୍ ରାଇଡର୍ସ ମ୍ୟାଚ୍ ୪ ଘଣ୍ଟା ୫୦ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ସେହିପରି ରୟାଲ୍ ଚ୍ୟାଲେଞ୍ଜର୍ସ ଏବଂ ଗୁଜରାଟ ଟାଇଟନ୍ସ ମ୍ୟାଚ୍ ୪ ଘଣ୍ଟା ୩୮ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। କିନ୍ତୁ ଏହି ମ୍ୟାଚ୍ ବର୍ଷା କାରଣରୁ ବିଳମ୍ବରେ ଆରମ୍ଭ ହୋଇଥିଲା।

# ଅଭିଷେକ ଶର୍ମାଙ୍କ ଲଜ୍ଜାଜନକ ରେକର୍ଡ



**ହାଇଦ୍ରାବାଦ, ୧୩।୪/ଏଜେନ୍ସି:** ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ଓପ୍ନର୍ ଅଭିଷେକ ଶର୍ମା ସୋମବାର ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଛନ୍ତି। ଜୋଫ୍ରା ଆର୍ଚରଙ୍କ ଇନିଂସ୍‌ର ପ୍ରଥମ ବଲ୍‌ରେ ରବି ବିଷ୍ଣୋଇଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଛନ୍ତି। ଏହା ସହିତ ସେ ଏକ ଲଜ୍ଜାଜନକ ରେକର୍ଡ ନିଜ ନାମରେ କରିଛନ୍ତି। ଟି-୨୦ କ୍ରିକେଟ୍‌ରେ ଗୋଟିଏ କ୍ୟାଲେଣ୍ଡର୍ ବର୍ଷରେ ସର୍ବାଧିକ ଥର ଡକ୍ (ଶୂନ୍ୟ)ରେ ଆଉଟ୍ ହେବାରେ ପ୍ରଥମ ଭାରତ ହୋଇଛନ୍ତି। ଅଭିଷେକ ଟି-୨୦ରେ ଗୋଟିଏ କ୍ୟାଲେଣ୍ଡର୍ ବର୍ଷରେ ୭ ଥର ଶୂନ୍ୟରେ ଆଉଟ୍ ହୋଇଛନ୍ତି। ଏହା ପୂର୍ବରୁ ଏହି ମାମଲାରେ ରୋହିତ ଶର୍ମା ଆଗରେ ରହିଥିଲେ। ସେ ୬ ଇନିଂସ୍‌ରେ ୨୦୧୮ରେ ଏହି ରେକର୍ଡ କରିଥିଲେ। ତୃତୀୟ ସ୍ଥାନରେ ଆଉ ଜଣେ ବଡ଼ ଖେଳାଳି ସଞ୍ଜୁ ସାମ୍‌ସନ୍ ରହିଛନ୍ତି। ସେ ୨୦୨୪ରେ ୬ ଥର ଶୂନ୍ୟରେ ଆଉଟ୍ ହୋଇଥିଲେ। ସେହିପରି ୨୦୧୩ରେ ଗୁରତୀରତ ସିଂହ ମାନ ୫ ଥର ଡକ୍ ହୋଇଥିଲେ।

# ଗୁଜରାଟ-ଚେନ୍ନାଇ ମ୍ୟାଚ୍ କାର୍ଯ୍ୟକ୍ରମରେ ପରିବର୍ତ୍ତନ

**ମୁମ୍ବାଇ, ୧୩।୪/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ୨୦୨୬ ମଧ୍ୟରେ ବିସିସିଆଇ ସୋମବାର କାର୍ଯ୍ୟକ୍ରମରେ ପରିବର୍ତ୍ତନ କରିଛି। ଗୁଜରାଟରେ ମ୍ୟୁନିସିପାଲିଟି ନିର୍ବାଚନ କାରଣରୁ ଗୁଜରାଟ ଟାଇଟନ୍ସ ଏବଂ ଚେନ୍ନାଇ ସୁପର୍ କିଙ୍ଗ୍ସ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ର ଅଦଳ ବଦଳ କରାଯାଇଛି। ଏବେ ଏପ୍ରିଲ୍ ୨୬ରେ ଅହମଦାବାଦରେ ହେବାକୁ ଥିବା ଅପରାହ୍ଣ ମ୍ୟାଚ୍ ଚେନ୍ନାଇର ଏମ୍ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଖେଳାଯିବ। ଏହା ଅପରାହ୍ଣ ୩.୩୦ରେ ଆରମ୍ଭ ହେବ। ସେହିପରି ଏପ୍ରିଲ୍ ୨୧ରେ ହେବାକୁ ଥିବା ରିଭର୍ସ ମ୍ୟାଚ୍ ଏବେ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ସନ୍ଧ୍ୟା ସାଢ଼େ ୭ଟାରେ ଖେଳାଯିବ। ଏପ୍ରିଲ୍ ୨୬ରେ ଅହମଦାବାଦ ଏବଂ ଗୁଜୁରାଟର ଅନ୍ୟ ଭାଗରେ ହେବାକୁ ଥିବା ନିର୍ବାଚନ କାରଣରୁ ସୁରକ୍ଷା ଏବଂ ଲଜିଷ୍ଟିକ୍ସ ସମ୍ବନ୍ଧିତ ଅସୁବିଧା ଯେପରି ନହୁଏ, ସେଥିପାଇଁ ବିସିସିଆଇ ଏହି ନିଷ୍ପତ୍ତି ନେଇଛି।

## ଡେବ୍ୟୁ ମ୍ୟାଚ୍‌ରେ ପ୍ରଫୁଲ ଓ ସାକିବ୍‌ଙ୍କୁ ୪-୪ ୱିକେଟ୍

# ଲଗାତାର ୪ ବିଜୟ ପରେ ହାରିଲା ରାଜସ୍ଥାନ

**ହାଇଦ୍ରାବାଦ, ୧୩।୪/ଏଜେନ୍ସି:** ଆଇପିଏଲ୍ ୨୦୨୬ରେ ରାଜସ୍ଥାନ ରୟାଲ୍ସ ଲଗାତାର ଚାରିଟି ବିଜୟ ପରେ ପରାଜୟର ମୁହଁ ଦେଖିଛି। ସୋମବାର ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ରାଜସ୍ଥାନକୁ ସନ୍‌ରାଇଜର୍ସ ହାଇଦ୍ରାବାଦ ୫୭ ରନ୍‌ରେ ହରାଇ ଦେଇଛି। ଏହି ମ୍ୟାଚ୍‌ର ହିରୋ ପ୍ରଫୁଲ୍ଲ ହିଙ୍ଗ୍ ଓ ସାକିବ୍ ହୁସେନ୍ ପଦାର୍ପଣରେ ୪-୪ ୱିକେଟ୍ ଅକ୍ତିଆର କରି ରାଜସ୍ଥାନର ପୂରା ବ୍ୟାଟିଂ ଲାଇନ୍‌କୁ ଧରାଶାୟୀ କରିଦେଇଥିଲେ। ପ୍ରଥମେ ବ୍ୟାଟିଂ ପାଇଥିବା ସନ୍‌ରାଇଜର୍ସ ହାଇଦ୍ରାବାଦ କ୍ୟାପ୍‌ଟେନ୍ ଈଶାନ୍ କିଶନ୍‌ଙ୍କ ୯୧ ରନ୍ ଦମ୍‌ରେ ୬ ୱିକେଟ୍ ହରାଇ ୨୧୬ ରନ୍ କରିଥିଲା। ଜବାବରେ ରାଜସ୍ଥାନ ରୟାଲ୍ସ ୧୯ ଓଭର୍‌ରେ ୧୫୯ ରନ୍ ମଧ୍ୟରେ ଅଲ୍‌ଆଉଟ୍ ହୋଇଛି।

୨୧୭ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ରାଜସ୍ଥାନର ଆରମ୍ଭ ବହୁତ ଖରାପ ଥିଲା। ପ୍ରଫୁଲ୍ଲ ନିଜ ପ୍ରଥମ ଓଭର୍‌ରେ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ବୈଭବ ସୂର୍ଯ୍ୟବଂଶୀ, ଧ୍ରୁବ ଜୁରେଲ୍ ଏବଂ ଲୁହାନ୍-ଡ୍ରି ପ୍ରିଟୋରିୟସ୍ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ପରବର୍ତ୍ତୀ ଓଭର୍‌ରେ ଯଶସ୍ୱୀ ଜୟସ୍ୱାଲ୍ (୧ ରନ୍) ମଧ୍ୟ ଆଉଟ୍ ହୋଇଥିଲେ। ଏହାପରେ ରିୟାନ୍ ପରାଗ (୪) ମଧ୍ୟ ଶସ୍ତାରେ ଫେରିଥିଲେ। ୯ ରନ୍‌ର ସ୍କୋର୍‌ରେ ୫ ୱିକେଟ୍‌ର ପତନ ପରେ ଡୋନୋଭିନ୍

**ଏସ୍‌ଆର୍‌ଏଚ୍ ୫୭ ରନ୍‌ରେ ବିଜୟୀ**

ଫରେରା ଓ ରବୀନ୍ଦ୍ର ଜାଡ଼େଜା ୧୧୮ ରନ୍‌ର ଶତକୀୟ ପାର୍ଟନରଶିପ୍ କରିଥିଲେ। ତେବେ ଫରେରା (୬୯ ରନ୍) ଏବଂ ଜାଡ଼େଜା (୪୫ ରନ୍) ଆଉଟ୍ ହେବାପରେ ରାଜସ୍ଥାନ ଇନିଂସ୍ ୧୫୯ ରନ୍‌ରେ ଅଟକି ଯାଇଥିଲା।

ପ୍ରଥମେ ବ୍ୟାଟିଂ ପାଇଥିବା ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପ୍ରଥମ ବଲ୍‌ରେ ହିଁ ଝଟ୍‌କା ଲାଗିଥିଲା। ଓପ୍ନର୍ ଅଭିଷେକ



ଶର୍ମା ପ୍ରଥମ ବଲ୍‌ରେ ହିଁ ଜୋଫ୍ରା ଆର୍ଚର୍‌ଙ୍କ ବଲ୍‌ରେ ରବି ବିଷ୍ଣୋଇଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। ଅଭିଷେକଙ୍କ ଆଉଟ୍ ପରେ ଟ୍ରାଭିସ୍ ହେଡ୍‌ଙ୍କ ସହ କ୍ରିଜ୍‌ରେ ଯୋଗ ଦେଇଥିବା କ୍ୟାପ୍‌ଟେନ୍ ଈଶାନ୍ କିଶନ୍ ଇନିଂସ୍ ସମ୍ଭାଳି ଦ୍ୱିତୀୟ ୱିକେଟ୍ ପାଇଁ ୫୫ ରନ୍‌ର ପାର୍ଟନରଶିପ୍ କରିଥିଲେ। ତେବେ ୭ମ ଓଭ୍‌ରେ ହେଡ୍ (୧୮ ରନ୍) ଆଉଟ୍ ହେବାପରେ ଏହି ଯୋଡ଼ି ଭାଙ୍ଗିଥିଲା। ହେଡ୍‌ଙ୍କ ଆଉଟ୍ ପରେ ଈଶାନ୍ ୩୦ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ତେବେ ସେ ୪୪ ବଲ୍‌ରେ ୮ ଚୌକା ଓ ୬ ଛକା ସହାୟତାରେ ୯୧ ରନ୍ କରିଥିବା ବେଳେ ସନ୍ଦୀପ ଶର୍ମାଙ୍କ ଦ୍ୱାରା କଟ୍ ଆଉଟ୍ ବୋଲ୍ଡ ହୋଇଥିଲେ। ଏହାପରେ କ୍ଲାସେନ୍ ୨୬ ବଲ୍‌ରେ ୪୦ ରନ୍ କରି ତୁଷାର ଦେଶପାଣ୍ଡେଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ନିତିଶ ରେଡ୍ଡୀ ୧୩ ବଲ୍‌ରେ ୨୮ ରନ୍ କରି ଜୋଫ୍ରା ଆର୍ଚର୍‌ଙ୍କ ଦ୍ୱିତୀୟ ଶିକାର ହୋଇଥିବା ବେଳେ ଅନିକେତ୍ ବର୍ମା ମାତ୍ର ୬ ରନ୍‌ରେ ରନ୍‌ଆଉଟ୍ ହୋଇଥିଲେ। ଶେଷରେ ସଲିଲ୍ ଆରୋରା (୨୮* ରନ୍) ଶେଷ ବଲ୍‌ରେ ଛକା ମାରି ସ୍କୋର୍ ୨୧୬ ରନ୍‌ରେ ପହଞ୍ଚାଇଥିଲେ।

# ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସାମିଲ ହେବ ହକି ଓ କ୍ରିକେଟ୍

**ନୂଆଦିଲ୍ଲୀ, ୧୩।୪/ଏଜେନ୍ସି:** କେନ୍ଦ୍ର ଖେଳ ମନ୍ତ୍ରୀ ମନ୍‌ସୁଖ୍ ମାଣ୍ଡଭିଆ କହିଛନ୍ତି, ୨୦୩୦ରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ହକି ଓ କ୍ରିକେଟ୍ ପରି ଭାରତୀୟ ପାରମ୍ପରିକ ଖେଳକୁ ମଧ୍ୟ ସାମିଲ କରାଯିବ। ସେହିପରି କବାଡ଼ି, ଯୋଗାସନ, ଖୋ ଖୋ ଏବଂ ମାଲ୍‌ଖମ୍ବ ପରି ପାରମ୍ପରିକ ଭାରତୀୟ ଖେଳ ମଧ୍ୟରୁ ଦୁଇଟିକୁ ମଧ୍ୟ ସ୍ଥାନ ଦିଆଯିବ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅଧ୍ୟକ୍ଷ ଡୋନାଲ୍ଡ ରୁକାରେଙ୍କ ଅଧ୍ୟକ୍ଷତାରେ ଏହାର ଏକ ପ୍ରତିନିଧିମଣ୍ଡଳୀ ଗତ ସପ୍ତାହରେ ଆୟୋଜକ ସହର ଅହମଦାବାଦରେ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ସେ ଶୁକ୍ରବାର ମାଣ୍ଡଭିଆଙ୍କୁ ମଧ୍ୟ ଭେଟିଥିଲେ।



ଚଳିତ ବର୍ଷ ଗ୍ଲାସ୍‌ଗୋରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବଜେଟ୍‌ରେ କାଟ୍‌ଛାଣ୍ଟ ପାଇଁ ହକି ଏବଂ କ୍ରିକେଟ୍ ସାମିଲ କରାଯାଇ ନାହିଁ। କିନ୍ତୁ ଭାରତରେ ହେବାକୁ ଥିବା କ୍ରୀଡ଼ାର ଏହାର ପ୍ରତ୍ୟାବର୍ତ୍ତନ ଘଟିବ ବୋଲି ମନ୍ତ୍ରୀ ମାଣ୍ଡଭିଆ କହିଛନ୍ତି। ଗ୍ଲାସ୍‌ଗୋ କ୍ରୀଡ଼ାରେ କେବଳ ୧୦ ଖେଳକୁ ସାମିଲ କରାଯାଇଛି, ଯେଉଁଥିରେ ଶୁଟିଂ, କୁସ୍ତି ଏବଂ ବ୍ୟାଡ୍‌ମିଣ୍ଟନ୍ ମଧ୍ୟ ସ୍ଥାନ ପାଇନାହିଁ। ଖେଳ ମନ୍ତ୍ରୀ କହିଛନ୍ତି ଆମର ପାରମ୍ପରିକ ଖେଳ ମଧ୍ୟରୁ କବାଡ଼ି, ମାଲ୍‌ଖମ୍ବ, ଖୋ ଖୋ ଏବଂ ଯୋଗାସନ ମଧ୍ୟରୁ ଦୁଇଟିକୁ ସାମିଲ କରାଯିବାର ଉଦ୍ୟମ ଚାଲିଛି। ୨୦୩୦ ଖେଳରେ ଉଭୟ କ୍ରିକେଟ୍ ଏବଂ ହକି ସ୍ଥାନ ପାଇବ।

ଭାରତରେ ୨୦୧୦ ପରେ ପ୍ରଥମ ଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆୟୋଜନ ହେବାକୁ ଯାଉଛି। ଆଥ୍‌ଲେଟିକ୍ସ, ପାରା-ଆଥ୍‌ଲେଟିକ୍ସ, ସନ୍ତରଣ ଏବଂ ପାରା-ସନ୍ତରଣ, ଟେବଲ୍ ଟେନିସ୍ ଏବଂ ପାରା ଟେବଲ୍ ଟେନିସ୍, ବଲ୍ ଏବଂ ପାରା-ବଲ୍, ଭାରୋତ୍ତୋଳନ ଏବଂ ପାରା-ଭାରୋତ୍ତୋଳନ, କଳାତ୍ମକ ଜିମ୍ନାଷ୍ଟିକ୍ସ, ନେଟ୍‌ବଲ୍ ଏବଂ ବକ୍ସିଂ ୨୦୨୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଅଙ୍ଗ ହେବ। ଟି୨୦ କ୍ରିକେଟ୍, ରଗ୍‌ବୀ ସେଭେନ୍ସ ଏବଂ ହକି ମଧ୍ୟରୁ ଦୁଇଟି ଖେଳ ଏଥିରେ ସାମିଲ ହେବ।

# ମହିଳା ଟି-୨୦ ବିଶ୍ୱକପ୍ ପାଇଁ ରେକର୍ଡ ପୁରସ୍କାର ରାଶି ଘୋଷିତ

## ଗତ ଥର ତୁଳନାରେ ୧୦ ପ୍ରତିଶତ ବୃଦ୍ଧି



**ଦୁବାଇ, ୧୩।୪/ଏଜେନ୍ସି:** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଆଗାମୀ ମହିଳା ଟି-୨୦ ବିଶ୍ୱକପ୍ ପାଇଁ ସୋମବାର ୮୨ କୋଟି ଟଙ୍କାର ରେକର୍ଡ ପୁରସ୍କାର ରାଶି ଘୋଷଣା କରିଛି। ଗତ ଥର ତୁଳନାରେ ମୋଟ ପୁରସ୍କାର ରାଶିରେ ୧୦ ପ୍ରତିଶତ ବୃଦ୍ଧି କରାଯାଇଛି। ଏହି ବିଶ୍ୱକପ୍ ଜୁନ୍ ୧୨ରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଇଂଲଣ୍ଡ ଏବଂ ୱେଲ୍ସ ଆୟୋଜିତ ହେବ। ଟୁର୍ଣ୍ଣାମେଣ୍ଟ୍‌ର ଗତ ସଂସ୍କରଣରେ ୧୦ ଟିମ୍ ଭାଗ ନେଇଥିବା ବେଳେ ଚଳିତ ଥର ସାତଟି ସ୍ଥାନରେ ହେବାକୁ ଥିବା ବିଶ୍ୱକପ୍‌ରେ ୧୨ ଟିମ୍ ଅଂଶଗ୍ରହଣ କରିବେ। ଏହାର ଫାଇନାଲ୍ ଲର୍ଡ୍ସ କ୍ରିକେଟ୍ ଷ୍ଟାଡିୟମ୍‌ରେ ଆୟୋଜିତ ହେବ। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଗତ ସଂସ୍କରର ମୋଟ ପୁରସ୍କାର ରାଶି ୭,୯୫୮,୦୭୭ ଡଲାର (ପ୍ରାୟ ୭୪ କୋଟି ଟଙ୍କା) ଥିଲା, ଯାହା ଏବେ ବୃଦ୍ଧି ପାଇ ୮,୭୬୪,୬୧୫ ଡଲାର୍ (ପ୍ରାୟ ୮୨ କୋଟି ଟଙ୍କା) ହୋଇଛି। ବିଜେତା ଟିମ୍‌କୁ ପ୍ରାୟ ୨୧.୮ କୋଟି ଟଙ୍କା ଏବଂ ଉପବିଜେତାକୁ ୧୦ କୋଟି ଟଙ୍କା ମିଳିବ। ସେମିଫାଇନାଲ୍‌ରେ ପରାଜିତ ଟିମ୍‌ଙ୍କୁ ପ୍ରାୟ ୬.୨୯ କୋଟି ଟଙ୍କା ଏବଂ ପ୍ରତ୍ୟେକ ଗ୍ରୁପ୍ ମ୍ୟାଚ୍ ବିଜେତା ଟିମ୍‌ଙ୍କୁ ୨୯ ଲକ୍ଷ ଟଙ୍କା ମିଳିବ। ସମସ୍ତ ୧୨ ଅଂଶଗ୍ରହଣକାରୀ ଟିମ୍‌ଙ୍କୁ ଅତିକମ୍‌ରେ ୨.୦୬ କୋଟି ଟଙ୍କା ଲେଖାଏଁ ସୁନିଶ୍ଚିତ ପୁରସ୍କାର ରାଶି ମିଳିବ ବୋଲି ଆଇସିସି ବିଜ୍ଞପ୍ତିରେ କୁହାଯାଇଛି।



## ଶ୍ରଦ୍ଧାଳୁଙ୍କ ଉପରେ ମାଡ଼ିଗଲା ଟ୍ରକ୍

# ୭ ମୃତ, ୬ରୁ ଅଧିକ ଆହତ

**ସୁରେନ୍ଦ୍ରନଗର (ଗୁଜରାଟ), ୧୩।୪/ଏଜେନ୍ସି:** ସୋମବାର ଗୁଜରାଟର ସୁରେନ୍ଦ୍ରନଗର ପ୍ରାନ୍ତରେ ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୭ଜଣ ପ୍ରାଣ ହରାଇବା ଭଳି ଅତ୍ୟନ୍ତ ହୃଦୟବିଦାରକ ଘଟଣା ସମ୍ପର୍କରେ ସୂଚନା ମିଳିଛି। ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲା ଲଖତର-ବିରାମଗାମ ନ୍ୟାସନାଲ ହାଇୱେରେ ସୋମବାର ଭୋର ପ୍ରାୟ ୧:୩୦ ସମୟରେ ଏହି ଭୟଙ୍କର ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଚାଲି ଚାଲି ଯାଉଥିବା ଶ୍ରଦ୍ଧାଳୁମାନଙ୍କ ଉପରେ ମାଡ଼ି ଯାଇଥିଲା। ଏହି ଦୁର୍ଭାଗ୍ୟପୂର୍ଣ୍ଣ ଅଘଟଣରେ ୬ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ସେହିପରି ଏହି ସମୟରେ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଜଣେ ଡମ୍ପର ଡ୍ରାଇଭର ମଧ୍ୟ ପ୍ରାଣ ହରାଇଛନ୍ତି। ତେବେ ଶ୍ରଦ୍ଧାଳୁମାନେ ରାଜକୋଟରୁ ଚାଲି ଚାଲି ବହୁଚରାଜୀ ମାତା ମନ୍ଦିର ଅଭିମୁଖେ ଯାଉଥିବା ବେଳେ ସେମାନଙ୍କ ପଛ ପାର୍ଶ୍ୱରୁ ଆସୁଥିବା ଟ୍ରକ୍ ସେମାନଙ୍କ ଉପରକୁ ମାଡ଼ି ଯାଇଥିଲା। ଅନ୍ୟପକ୍ଷେ ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ମଧ୍ୟ ମାତ୍ର କିଛି ଘଣ୍ଟା ମଧ୍ୟରେ ପୁଲିସ୍ ତାକୁ ଗିରଫ କରିବାରେ ସଫଳ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁର୍ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ ଏକ୍ସ'ରେ ଏକ ପୋଷ୍ଟ କରି ଲେଖିଛନ୍ତି ଯେ, 'ସୁରେନ୍ଦ୍ରନଗର ଜିଲ୍ଲାରେ ଘଟିଥିବା ଏହି ଦୁର୍ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଯେଉଁମାନେ ନିଜର ପ୍ରିୟଜନଙ୍କୁ ହରାଇଛନ୍ତି, ସେମାନଙ୍କ ପ୍ରତି ମୋର ସମବେଦନା ଏବଂ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛି'।



## ଦରମା ବୃଦ୍ଧି, ଠିକ୍ ସମୟରେ ପେମେଣ୍ଟ, ପେ-ସ୍ଲିପ୍ ଦାବିରେ କର୍ମଚାରୀଙ୍କ ହିଂସାତ୍ମକ ପ୍ରଦର୍ଶନ

# ନୋଏଡାରେ ୩୫୦ ଫ୍ୟାକ୍ଟ୍ରିରେ ଭଙ୍ଗାରୁଜା

**ନୋଏଡା, ୧୩।୪/ଏଜେନ୍ସି:** ସୋମବାର ନୋଏଡା ଅଞ୍ଚଳରେ ବ୍ୟାପକ ହିଂସାତ୍ମକ କାଣ୍ଡ ଘଟାଇଛନ୍ତି ବିକ୍ଷୋଭକାରୀମାନେ। ସର୍ବନିମ୍ନ ଦରମା ୧୩ହଜାରରୁ ୨୦ହଜାରକୁ ବୃଦ୍ଧି କରିବା, ସପ୍ତାହକୁ ଗୋଟିଏ ଦିନ ଛୁଟି (ପେଡ୍ ଲିଭ୍), ଓଭର ଟାଇମ୍ ଏବଂ ଛୁଟି ଦିନରେ କାମ କରିବା କ୍ଷେତ୍ରରେ ୨ଗୁଣ ଦେୟ ପୈଠ, ଦରମା ସହ ବୋନସ୍ ମଧ୍ୟ ସିଧାସଳଖ ବ୍ୟାଙ୍କ୍ ଆକାଉଣ୍ଟରେ ପୈଠ, ପ୍ରତି ମାସରେ ୧୦ ତାରିଖ ପୂର୍ବରୁ ଦରମା ମିଳିବା ଏବଂ ଫ୍ୟାକ୍ଟ୍ରିରେ ସମସ୍ତ ସୁରକ୍ଷା ମାନକ ପାଳନ କରାଯିବା ଭଳି ଏକାଧିକ ଦାବି ପୂରଣ ଆଳରେ ଏମାନେ ପ୍ରଦର୍ଶନ କରିଥିଲେ ଯାହାକି କିଛି ସମୟ ମଧ୍ୟରେ ହିଂସାକାଣ୍ଡର ରୂପ ଧାରଣ କରିଥିଲା। ରିପୋର୍ଟ ଅନୁସାରେ ଗତ ଏପ୍ରିଲ ୯ ତାରିଖରୁ ଦରମା ବୃଦ୍ଧି ସହ ଅନ୍ୟାନ୍ୟ ଦାବିରେ ଆନ୍ଦୋଳନ କରୁଥିବା ଶହ ଶହ କର୍ମଚାରୀ ଆଜି ଦିନରେ ହାତରେ ଠେଙ୍ଗା ଓ ବାଡ଼ି ଧରି ରାଜରାସ୍ତାକୁ ଓହ୍ଲାଇଥିଲେ। ଏମାନଙ୍କୁ ରୋକିବା ପାଇଁ ଚେଷ୍ଟା କରାଯିବାରୁ କର୍ମଚାରୀମାନେ ବିଭିନ୍ନ ଅଞ୍ଚଳରେ ୩୫୦ରୁ ଅଧିକ ଫ୍ୟାକ୍ଟ୍ରି ଉପରକୁ ପଥରମାଡ଼ କରିବା ସହ ଭଙ୍ଗାରୁଜା କରିଛନ୍ତି।



କେବଳ ୧୫୦ରୁ ଅଧିକ ଗାଡ଼ିଗୁଡ଼ିକୁ ଏମାନେ ଭଙ୍ଗାରୁଜା କରିଥିବା ବେଳେ ପ୍ରାୟ ୫୦ଟି ଗାଡ଼ିକୁ ନିଆଁ ଲଗାଇ ପୋଡ଼ି ଦେଇଛନ୍ତି। ଏପରିକି ସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଘଟଣାସ୍ଥଳକୁ ଆସିଥିବା ପୁଲିସ୍ କର୍ମଚାରୀମାନଙ୍କ ଉପରେ ଏମାନେ ଆକ୍ରମଣ କରିବା ସହ ପୁଲିସ୍ ଭ୍ୟାନ୍‌ଗୁଡ଼ିକୁ ମଧ୍ୟ ଏମାନେ ଓଲଟାଇ ଦେଇଛନ୍ତି। ଫଳରେ ବାଧହୋଇ ପୁଲିସ୍ ବିକ୍ଷୋଭକାରୀଙ୍କ ଉପରେ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଛି। ରିପୋର୍ଟ ଲେଖାହେବା ବେଳକୁ ମଧ୍ୟ ସ୍ଥିତି ଉତ୍ତେଜନାପ୍ରବଣ ରହିଛି। ଘଟଣାସ୍ଥଳରେ ପୁଲିସ୍ ଫୋର୍ସ ମହଜୁଦ୍ ରହିଛି। ଆନ୍ଦୋଳନକାରୀଙ୍କ କହିବା କଥା ଯେ, ଯେପର୍ଯ୍ୟନ୍ତ ସେମାନଙ୍କ ଦାବି ପୂରଣ ହୋଇନାହିଁ, ସେମାନେ ପଛକୁ ହଟିବେ ନାହିଁ। ଯଦିଓ ଏହି ପ୍ରଦର୍ଶନର କୌଣସି ନିର୍ଦ୍ଦିଷ୍ଟ ଚେହେରା ବା ନେତା ନାହାନ୍ତି ତଥାପି କର୍ମଚାରୀମାନେ ଏକଜୁଟ୍ ହୋଇ ଏପ୍ରକାର ପ୍ରଦର୍ଶନ କରିଛନ୍ତି। ମୁଖ୍ୟତଃ ୧୮ରୁ ୩୦ ବର୍ଷ ବୟସର ଯୁବକମାନେ ଏହି ହିଂସାତ୍ମକ ପ୍ରଦର୍ଶନରେ ସାମିଲ ହୋଇଛନ୍ତି। ପୁଲିସ୍ ଅନେକ କର୍ମଚାରୀଙ୍କୁ ଅଟକ ରଖିଥିବା ବେଳେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଘଟଣାର ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଏହି କମିଟିରେ ଶିଳ୍ପ ବିକାଶ କମିଶନର ଅଧ୍ୟକ୍ଷ ରହିଥିବା ବେଳେ ଅତିରିକ୍ତ ମୁଖ୍ୟ ସଚିବ(ଏମ୍‌ଏସ୍‌ଏମ୍‌ଇ), ପ୍ରମୁଖ ସଚିବ (ଶ୍ରମ) ଏବଂ ଶ୍ରମ କମିଶନର ସଦସ୍ୟ ଅଛନ୍ତି। ଶ୍ରମିକ ସଂଗଠନର ୫ ଜଣିଆ ପ୍ରତିନିଧି ଏବଂ ଏକ ଉଦ୍ୟୋଗୀ ସଂଘର ତିନି ଜଣିଆ ପ୍ରତିନିଧି ମଧ୍ୟ ଏଥିରେ ସାମିଲ ହୋଇଛନ୍ତି। ରାଜ୍ୟ ସରକାର କମିଟିକୁ ଶୀଘ୍ର ଏହାର ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ କହିଛନ୍ତି, 'ଶିଳ୍ପ ଅଶାନ୍ତି ସୃଷ୍ଟି କରୁଥିବା ଲୋକଙ୍କଠାରୁ ସାବଧାନ ରୁହନ୍ତୁ। ଆମର ସରକାର ଶ୍ରମିକମାନଙ୍କ ସହିତ ଠିଆ ହୋଇଛି।' ଅନ୍ୟପକ୍ଷେ ପ୍ରଶାସନ କର୍ମଚାରୀମାନଙ୍କୁ ଗୁଜବକୁ ଅଣଦେଖା କରିବା ଏବଂ ଶାନ୍ତି ବଜାୟ ରଖିବା ପାଇଁ ନିବେଦନ କରିଛି। ନୋଏଡା ଜିଲ୍ଲା ମାଜିଷ୍ଟ୍ରେଟ୍ ମେଧା ରୂପମ କହିଛନ୍ତି, କମ୍ପାନୀଗୁଡ଼ିକ ସହିତ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଜଣେ ମହିଳାଙ୍କ ନେତୃତ୍ୱରେ ଏକ କର୍ମକ୍ଷେତ୍ର ଯୌନ ନିର୍ଯାତନା ନିବାରଣ କମିଟି ମଧ୍ୟ ଗଠନ କରାଯିବ। ଅଭିଯୋଗ ବାକ୍ସ ସ୍ଥାପନ କରାଯିବ। କର୍ମଚାରୀମାନଙ୍କୁ ସମ୍ମାନର ସହିତ ବ୍ୟବହାର କରାଯିବ। ପ୍ରତି ମାସର ୧୦ ତାରିଖ ସୁଦ୍ଧା ଏକକାଳୀନ ଦରମା ପ୍ରଦାନ କରାଯିବ। ବାଧ୍ୟତାମୂଳକ ଭାବରେ ଦରମା ସ୍ଲିପ୍ ପ୍ରଦାନ କରାଯିବ। ଡିଜିପି ରାଜୀବ କୃଷ୍ଣ ଏବଂ ଏଡିଜି (ଆଇନ ଶୃଙ୍ଖଳା) ଅମିତାଭ ଯଶ ନିୟନ୍ତ୍ରଣ କକ୍ଷରୁ ପରିସ୍ଥିତି ଉପରେ ନଜର ରଖିଛନ୍ତି। ଡିଜିପି କହିଛନ୍ତି ଯେ ଗୁଜବ ପ୍ରଚାର କରୁଥିବା ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ।

**୧୫୦ରୁ ଉର୍ଦ୍ଧ୍ୱ ଗାଡ଼ି ଭାଙ୍ଗିଲେ ବିକ୍ଷୋଭକାରୀ, ୫୦ରୁ ଅଧିକ ପୋଡ଼ିଲେ**

**ଉଚ୍ଚସ୍ତରୀୟ କମିଟି ଗଠନ କଲେ ଯୋଗୀ ସରକାର**

## ପଶ୍ଚିମବଙ୍ଗ ଏସ୍‌ଆଇଆର୍ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# 'ତାଲିକାରୁ ନାମ କଟିଥିବା ବ୍ୟକ୍ତି ଭୋଟ୍ ଦେବେ ନାହିଁ'

**ନୂଆଦିଲ୍ଲୀ, କୋଲକାତା, ୧୩।୪/ଏଜେନ୍ସି:** ପଶ୍ଚିମବଙ୍ଗ ଏସ୍‌ଆଇଆର୍ ଉପରେ ସୋମବାର ସୁପ୍ରିମକୋର୍ଟ ଏକ ବଡ଼ ତଥା ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଏହି ମାମଲାରେ ଶୁଣାଣି କରି କହିଛନ୍ତି, ଏସ୍‌ଆଇଆର୍ ପ୍ରକ୍ରିୟା ଅନ୍ତର୍ଗତ ଚୂଡାନ୍ତ ଭୋଟର ତାଲିକାରୁ ଯେଉଁ ବ୍ୟକ୍ତିବିଶେଷ ବାଦ୍ ପଡ଼ିଛନ୍ତି ସେମାନଙ୍କୁ ଭୋଟ୍ ଦେବା ପାଇଁ ଅନୁମତି ଦିଆଯାଇପାରିବ ନାହିଁ। ଏହାର ଅର୍ଥ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ସେହି ଭୋଟରମାନଙ୍କୁ ମତଦାନ କରିବା ପାଇଁ ଅନୁମତି ଦେବାକୁ ସୁପ୍ରିମ୍‌କୋର୍ଟ ସିଧାସଳଖ ମନା କରିଦେଇଛନ୍ତି ଯେଉଁମାନଙ୍କ ନାମ ସ୍ପେଶାଲ୍ ଇଣ୍ଟେନସିଭ୍ ରିଭିଜନ୍ (ଏସ୍‌ଆଇଆର୍) ପ୍ରକ୍ରିୟା ଅନ୍ତର୍ଗତ ବାଦ୍ ଦିଆଯାଇଛି। ପ୍ରକାଶ, ଏହି ଭୋଟରମାନଙ୍କ ମାମଲା ବର୍ତ୍ତମାନ ଆପିଲେଟ୍ ଟ୍ରିବ୍ୟୁନାଲ୍‌ଙ୍କ ପାଖରେ ବିଚାରାଧୀନ ଅଛି। ସୁପ୍ରିମକୋର୍ଟଙ୍କ ଏପ୍ରକାର ରାୟ ଏପରି ଏକ ସମୟରେ ଆସିଛି ଯେତେବେଳେ କି ବିଧାନସଭା ନିର୍ବାଚନକୁ ଆଉ ମାତ୍ର ହାତଗଣତି ଦିନ ବାକି ରହିଛି। ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ କହିଛନ୍ତି, ଯଦି ଆମେ ଏହି ଭୋଟରମାନଙ୍କୁ ଭୋଟ୍ ଦେବାକୁ ଅନୁମତି ଦେବୁ, ତେବେ ଏସ୍‌ଆଇଆର୍ ତାଲିକାରେ ଅନ୍ତର୍ଭୁକ୍ତ ଥିବା ଲୋକଙ୍କ ଭୋଟିଂ ଅଧିକାରକୁ ଛଡ଼ାଇ ନେବାକୁ ପଡ଼ିବ। ନିର୍ବାଚନର ମାତ୍ର ୧୦ଦିନ ପୂର୍ବରୁ, ଏହି ସମୟରେ ନିର୍ବାଚନ ପ୍ରକ୍ରିୟାରେ କୌଣସି ପ୍ରକାରର ହସ୍ତକ୍ଷେପ କରାଯିବ ନାହିଁ। ନିର୍ବାଚନକୁ ଆଉ ମାତ୍ର ଗୋଟିଏ ସପ୍ତାହ ସମୟ ବାକି ରହିଥିବା ବେଳେ ଯଦି ଏଭଳି ଆପତ୍ତି ବାରମ୍ବାର ଆସି ଚାଲିବ, ତେବେ ନିର୍ବାଚନ କିପରି ହେବ ବୋଲି ଖଣ୍ଡପୀଠ ଯୁକ୍ତି ରଖିଛନ୍ତି।

# ପଞ୍ଚଭୂତରେ ବିଲୀନ ହେଲେ ଆଶା ଭୋସ୍‌ଲେ

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ମୁମ୍ବାଇର ଶିବାଜୀ ପାର୍କରେ ଶେଷକୃତ୍ୟ ସମ୍ପନ୍ନ, ପୁଅ ଆନନ୍ଦ ଦେଲେ ମୁଖାଗ୍ନି

**ମୁମ୍ବାଇ, ୧୩।୪/ଏଜେନ୍ସି:** ସୋମବାର ସନ୍ଧ୍ୟା ୫ଟା ସମୟରେ ପଞ୍ଚଭୂତରେ ବିଲୀନ ହୋଇଛି ପ୍ରଖ୍ୟାତ କଣ୍ଠଶିଳ୍ପୀ ଆଶା ଭୋସ୍‌ଲେଙ୍କ ପାର୍ଥିବ ଶରୀର। ମୁମ୍ବାଇର ଶିବାଜୀ ପାର୍କରେ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ଶେଷକୃତ୍ୟ କରାଯାଇଥିବା ବେଳେ ପୁଅ ଆନନ୍ଦ ଭୋସଲେ ତାଙ୍କୁ ମୁଖାଗ୍ନି ଦେଇଛନ୍ତି। ନିଜ ପରିବାର ତଥା ପ୍ରିୟଜନଙ୍କ ବ୍ୟତୀତ ବଲିଉଡ୍ ତଥା ସଂଗୀତ ଜଗତର ମହାନ କଳାକାରମାନେ ଆଜି ଏଠାରେ ପହଞ୍ଚି ପାର୍ଥିବ ଶରୀରର ଶେଷ ଦର୍ଶନ କରିବା ସହ ଶେଷକୃତ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ଏବଂ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ରଣବୀର ସିଂ, ସଚିନ ତେନ୍ଦୁଲକର, ମହମ୍ମଦ ସିରାଜଙ୍କ ସମେତ ଅନେକ ସେଲିବ୍ରିଟି ତାଙ୍କୁ ଶେଷ ଦର୍ଶନ କରିଥିଲେ। ସେହିପରି ଅମିର ଖାନ ଏବଂ ଭିକି କୌଶଲ ଆଶାଙ୍କୁ ଶେଷ ବିଦାୟ ଦେବା ପାଇଁ ଶ୍ମଶାନରେ ପହଞ୍ଚିଥିଲେ। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍ ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମଧ୍ୟ ଉପସ୍ଥିତ ରହିଥିଲେ। ରବିବାର ୯୨ ବର୍ଷ ବୟସରେ ବ୍ରିଚ୍‌କ୍ୟାଣ୍ଡି ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା। ଶନିବାର ବିଳମ୍ବିତ ସନ୍ଧ୍ୟାରେ ହଠାତ୍ ହୃଦ୍‌ଘାତର ଶିକାର ହେବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଆଶା ଭୋସଲେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତେବେ ଶେଷକୃତ୍ୟ ପୂର୍ବରୁ ଆଜି ସକାଳେ ଆଶା ଭୋସଲେଙ୍କ ପାର୍ଥିବ ଶରୀରକୁ ତାଙ୍କ ମୁମ୍ବାଇସ୍ଥିତ ବାସଭବନ କାସା ଗ୍ରାଣ୍ଡରେ ରଖାଯାଇଥିଲା, ଯେଉଁଠାରେ ତାଙ୍କ ପ୍ରଶଂସକମାନେ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଏକତ୍ରିତ ହୋଇଥିଲେ। ସମସ୍ତ ପାଖରେ ଆଶା ତାଇ ଭାବେ ପରିଚିତ ଥିବା ଏହି ଅନନ୍ୟ ତଥା ଅତୁଳନୀୟ ବ୍ୟକ୍ତିତ୍ୱଙ୍କୁ ଆଜି ଅନ୍ତିମ ବିଦାୟ ଦେବା ବେଳେ ସମସ୍ତଙ୍କ ଆଖିରେ ଲୁହ ଝରିଆସିଥିଲା।



Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra